୬

ଶେଷ ୨ ଦିନିକିଆରୁ ବାଦ୍ ପଡ଼ିଲେ ଅଧିନାୟକ ଗିଲ୍‌ଙ୍କ ସମେତ ୩ ଖେଳାଳି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ସମ୍ବାଦ କାଳିକା

The Sambad Kalika

ଦିର୍ଘଶ୍ୟେ ବାଧିକାରସ୍ତ୍ର ମା ଫଳେଷୁ କଦାଚନ

ଶନିବାର ଚତୁର୍ଥୀ ୨୩ : ୨୦୦୬ ଚଳିତ

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୮୦ ● ୧୧ ନଭେମ୍ବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-280 ● 11th November 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ମଧୁବାବୁ ପେନସନ ଯୋଜନାରେ ଯୋଡି ହେଲେ ୫ ଲକ୍ଷରୁ ଅଧିକ ନୂଆ ହିତାଧିକାରୀ

ବାଲେଶ୍ୱର/ଭୁବନେଶ୍ୱର, ୧୦।୧୧

ନ୍ୟୁଜ୍ ବ୍ୟୁରୋ

ଆଜି ଓଡିଶା ପାଇଁ ଏକ ଐତିହାସିକ ଦିବସ। ଆଜି ଠାରୁ ରାଜ୍ୟର କୌଣସି ଗୁରୁଜନ, ବୟୋଜ୍ୟେଷ୍ଠ, ଦିବ୍ୟାଙ୍ଗଜନ କିମ୍ବା ଅସହାୟ ବ୍ୟକ୍ତି ଆଉ ସରକାରଙ୍କ ସହାୟତାରୁ ବଞ୍ଚିତ ହେବେ ନାହିଁ। ଆଜି ଠାରୁ ମଧୁବାବୁ ପେନସନ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଆଉ ଅପେକ୍ଷା କରିବାକୁ ପଡିବ ନାହିଁ। ଅପେକ୍ଷାର ଯୁଗ ଶେଷ ହେଲା। ଆରମ୍ଭ ହେଲା ଆପଣମାନଙ୍କ ଅଧିକାରକୁ ସମ୍ମାନ ଦେବାର ଯୁଗ। ମଙ୍ଗଳବାର ବାଲେଶ୍ୱର ସ୍ଥିତ ରିଜର୍ଭ ପୋଲିସ ଲାଇନ ପଡ଼ିଆଠାରେ ଆୟୋଜିତ ମଧୁବାବୁ ପେନସନ ଯୋଜନାରେ ସାମାଜିକ ସୁରକ୍ଷା ଭତ୍ତା ସମ୍ପୃକ୍ତତାର ଶୁଭାରମ୍ଭ ତଥା ୟୁପିଏମପି ପୋର୍ଟାଲ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବ ସରକାରଙ୍କ ସମୟରେ ଉଭୟ ରାଜ୍ୟ ଓ ଜିଲ୍ଲା ପାଇଁ ଏକ ନିର୍ଦ୍ଦିଷ୍ଟ କୋଟା ବ୍ୟବସ୍ଥା ରହିଥିବାରୁ ପେନସନ ପାଉଥିବା ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ ପରେ ହିଁ ଅନ୍ୟ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥାନ ମିଳୁଥିଲା। ଏହି ସମ୍ବେଦନହୀନ ଓ ଅମାନବୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସମାପ୍ତ କରାଯାଇଛି।

ଚଳିତ ବର୍ଷ ବଜେଟ୍ ପ୍ରତିଶ୍ରୁତି ଅନୁଯାୟୀ ଆଜି ଆଉ ୫,୦୫,୮୧୭



ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯିବା ଫଳରେ ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା ୪୧,୮୦,୮୨୫କୁ ବୃଦ୍ଧି ପାଇଛି ଏବଂ ଏହି ଯୋଜନା ବର୍ତ୍ତମାନ ସମ୍ପୂର୍ଣ୍ଣ ସାଚୁରେଶନ ବା ସମ୍ପୂର୍ଣ୍ଣତା ହାସଲ କରିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୫ ଲକ୍ଷ ଅଧିକ ହିତାଧିକାରୀଙ୍କ ପାଇଁ ବର୍ଷକୁ ମାତ୍ର ୬୨୫ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ । ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ୫୦୦-୬୦୦ କୋଟି ଟଙ୍କା ପାଇଁ ଆମର ଗୁରୁଜନମାନଙ୍କୁ ହନ୍ତସନ୍ତ କରିବା କୌଣସି ଦୃଷ୍ଟିରୁ ଶୋଭନୀୟ ନୁହେଁ ବୋଲି ସେ କହିଥିଲେ । ତେଣୁ ବୟୋଜ୍ୟେଷ୍ଠଙ୍କ କଲ୍ୟାଣ ପାଇଁ ଏହି ପରିମାଣ ଆମ ସରକାରଙ୍କ ଏକ ସାର୍ଥକ ବିନିଯୋଗ ବୋଲି ସେ ମତବ୍ୟକ୍ତ କରିଥିଲେ

ଏହି ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକ ୟୁନିଫାଏଡ୍ ପେନସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ (ୟୁପିଏମପି) ଉନ୍ମୋଚନ କରିଥିଲେ । ଯୋଗ୍ୟ ବ୍ୟକ୍ତିମାନେ ଏହି ପୋର୍ଟାଲ ଜରିଆରେ କିମ୍ବା ନିକଟସ୍ଥ ଜନସେବା କେନ୍ଦ୍ର ଏବଂ ବିଡିଓ କାର୍ଯ୍ୟାଳୟ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ।

ଆବେଦନ କରିଥିବା ପର ମାସଠାରୁ ନିୟମିତ ଭାବେ ଭତ୍ତା ମିଳିବ ଏବଂ ୮୦ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ୩,୫୦୦ ଟଙ୍କା ପାଇଁ ପୁନର୍ବାର ଆବେଦନ କରିବାକୁ ପଡିବ ନାହିଁ, ବରଂ ବୟସସୀମା ପୂର୍ଣ୍ଣ ହେଲେ ଏହା ସ୍ୱୟଂକ୍ରିୟ ଭାବେ ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

ସୂଚନାଯୋଗ୍ୟ ଯେ ନୂତନ ହିତାଧିକାରୀମାନେ ଅକ୍ଟୋବର ଓ ନଭେମ୍ବର ମାସର ଭତ୍ତା ଏକାଠି ପାଇବେ। ଜିଲ୍ଲା ସ୍ତରରେ ନଭେମ୍ବର ୧୧ ରୁ ୧୨ ଏବଂ ବ୍ଲକ ସ୍ତରରେ ନଭେମ୍ବର ୧୩ ରୁ ୧୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯେଉଁମାନେ ଏଥିରେ ପାଇବେ ନାହିଁ, ସେମାନେ ନଭେମ୍ବର ୨୫ ତାରିଖରେ ନିଜ ନିଜ ପଞ୍ଚାୟତ ବା ମୁନିସିପାଲିଟି କାର୍ଯ୍ୟାଳୟରୁ ନଗଦ ଭତ୍ତା ଗ୍ରହଣ କରିବେ ଏବଂ ଡିସେମ୍ବର ମାସଠାରୁ ପ୍ରତି ମାସର ୧୫ ତାରିଖରେ ନିୟମିତ ଭତ୍ତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୩୪୦ କୋଟି ଟଙ୍କାର ୭୦ଟି ଉନ୍ନୟନମୂଳକ *(ପୃଷ୍ଠା ୭ରେ)*

ଗଞ୍ଜାମ ବନ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ରିଲିଫ୍ ଓ ପୁନର୍ବାସ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ

ଭୁବନେଶ୍ୱର, ୧୦।୧୧

ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ବନ୍ୟା ଦୁର୍ଦ୍ଦଶା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଣି ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହି ଚିଠିରେ ସେ ଗଞ୍ଜାମ ବନ୍ୟା ବିପନ୍ନଙ୍କ ପାଇଁ ତୁରନ୍ତ ରିଲିଫ୍ ଓ ପୁନର୍ବାସ ନିମନ୍ତେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ଏହାସହ କେଉଁମାନଙ୍କ ତ୍ରୁଟିରୁ ଏପରି ମନୁଷ୍ୟକୃତ ଦୁର୍ଦ୍ଦଶା ସୃଷ୍ଟି ହେଲା ତାହାର ନିର୍ଦ୍ଧାରଣ ପାଇଁ ମଧ୍ୟ ବିରୋଧୀ ଦଳ ନେତା ଦାବି କରିଛନ୍ତି ।

ନବୀନ ତାଙ୍କ ଚିଠିରେ ଲେଖିଛନ୍ତି ଯେ ଗତ ୭ ତାରିଖରେ ହିଞ୍ଜିଳି, ଶେରଗଡ଼, ଆସ୍କା ଓ ସୋରଡ଼ା ବନ୍ୟାଗ୍ରସ୍ତ ଅଞ୍ଚଳ ସେ ପରିଦର୍ଶନ କରିଛନ୍ତି। ସମସ୍ତେ ଅଭୂତପୂର୍ବ ବନ୍ୟା ଯୋଗୁଁ ବିପୁଳ କ୍ଷତି ସହିଛନ୍ତି । ଗଞ୍ଜାମ ଗସ୍ତରେ



ଜିଲ୍ଲାବାସୀଙ୍କ ଦୁର୍ଦ୍ଦଶା ତାଙ୍କୁ ଗଭୀର ମର୍ମାହତ କରିଛି। କେବେ ଘଟି ନଥିବା ବନ୍ୟା ସ୍ଥିତିର ସାମ୍ନା କରୁଥିବା ଗଞ୍ଜାମବାସୀଙ୍କ ପାଇଁ ତୁରନ୍ତ ରିଲିଫ୍ ଓ ପୁନର୍ବାସ ପଦକ୍ଷେପ ଗ୍ରହଣ ସହ ମାନବକୃତ ଦୁର୍ଦ୍ଦଶାର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରିଛନ୍ତି।

ଗଞ୍ଜାମରେ ଏହି ମାନବକୃତ ବନ୍ୟା ସାଧାରଣ ଭିତ୍ତିଭୂମିକୁ ବହୁଳ କ୍ଷତି ପହଞ୍ଚାଇବା ସହ ବ୍ୟାପକ ଫସଲ ନଷ୍ଟ, ଜୀବନହାନୀ ସହ ଜୀବିକା ନଷ୍ଟ କରିଛି। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିକାଶ ଅନେକ ବର୍ଷ ପଛକୁ ଚାଲିଯାଇଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଭାରତୀୟ ପାଣିପାଗ ବିଭାଗର ଆଗୁଆ ସତର୍କ ସୂଚନା ସତ୍ତ୍ୱେ ଗଞ୍ଜାମରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ନଥିଲେ। ଗଞ୍ଜାମ ପାଇଁ ଆବଶ୍ୟକ ପ୍ରସ୍ତୁତିର ଅଭାବ ଥିବା କଥା ସରକାର ନିଜେ ମଧ୍ୟ ସ୍ୱୀକାର କରିଛନ୍ତି। ଯଦି ଆଗୁଆ ସତର୍କ ସୂଚନା ଆଧାରରେ କର୍ତ୍ତୃପକ୍ଷ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେଇଥାନ୍ତେ, ତେବେ ଗଞ୍ଜାମବାସୀଙ୍କ ଅନେକ ଦୁର୍ଦ୍ଦଶାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା। ଡ୍ୟାମ୍‌ର ଗେଟ୍ ଖୋଲିବା ପୂର୍ବରୁ *(ପୃଷ୍ଠା ୭ରେ)*

ଗଞ୍ଜାମର ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର, ୧୦।୧୧

ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା, ପାତ୍ରପୁର ତହସିଲର ଏସ୍. ରାଜେଶ କୁମାର (ପିତା - ଏସ୍. ହେମରାଓ) ଙ୍କର ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। *(ପୃଷ୍ଠା ୭ରେ)*

କମୁଛି ପାରଦ, ବଢୁଛି ଶୀତର ପ୍ରକୋପ

ଭୁବନେଶ୍ୱର, ୧୦।୧୧

ନ୍ୟୁଜ୍ ବ୍ୟୁରୋ

କାର୍ତ୍ତିକ ମାସ ଆରମ୍ଭରୁ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଏହି କାରଣରୁ ଶୀତ ଅନୁଭୂତ ହେଲାଣି। ଆଗାମୀ ଦିନରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ କମିପାରେ। ମଙ୍ଗଳବାର ଚଳିତ ବର୍ଷ ପ୍ରଥମଥର ପାଇଁ ଫୁଲବାଣୀ ଓ ଦାରିଙ୍ଗୀବାଡିରେ ସର୍ବନିମ୍ନ



ତାପମାତ୍ରା ଯଥାକ୍ରମେ ୧୪ ଓ ୧୫ ଡିଗ୍ରୀ ସେଲସିୟସରେ ପହଞ୍ଚିଥିବା ଜଣାପଡିଛି। ସେହିପରି ଭବାନୀପାଟଣାରେ ୧୫ ଡିଗ୍ରୀ, ଝାରସୁଗୁଡାରେ *(ପୃଷ୍ଠା ୭ରେ)*

ବ୍ୟାଙ୍କ ଖାତା ଜରିଆରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କ ପାଇଁ ସୂଚନା (ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ)

46001/30/2627

(୧) ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା (IGNOAPS), ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା (IGNWPS), ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ଭତ୍ତା ଯୋଜନା (IGNDPS) ଗୁଡିକରେ ବ୍ୟାଙ୍କ ଖାତା ଜରିଆରେ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି ।

ଭତ୍ତାର ପ୍ରକାର	ମୋଟ ଭତ୍ତା ରାଶି	ଭାରତ ସରକାରଙ୍କ ଭାଗ	ଓଡ଼ିଶା ସରକାରଙ୍କ ଭାଗ
ବାର୍ଦ୍ଧକ୍ୟ ଭତ୍ତା (ବୟସ ୬୦ ରୁ ୭୯)	୧୦୦୦	୨୦୦	୮୦୦
ବାର୍ଦ୍ଧକ୍ୟ ଭତ୍ତା (ବୟସ ୮୦ ଓ ତଦୁର୍ଦ୍ଧ୍ୱ)	୩୫୦୦	୫୦୦	୩୦୦୦
ବିଧବା ଭତ୍ତା (ବୟସ ୪୦ ରୁ ୭୯)	୧୦୦୦	୩୦୦	୭୦୦
ବିଧବା ଭତ୍ତା (ବୟସ ୮୦ ଓ ତଦୁର୍ଦ୍ଧ୍ୱ)	୩୫୦୦	୫୦୦	୩୦୦୦
ଭିନ୍ନକ୍ଷମ ଭତ୍ତା (୮୦% ଓ ତଦୁର୍ଦ୍ଧ୍ୱ ଭିନ୍ନକ୍ଷମତା ଓ ବୟସ ୧୮ ରୁ ୭୯)	୩୫୦୦	୩୦୦	୩୨୦୦
ଭିନ୍ନକ୍ଷମ ଭତ୍ତା (୮୦% ଓ ତଦୁର୍ଦ୍ଧ୍ୱ ଭିନ୍ନକ୍ଷମତା ଓ ବୟସ ୮୦ ଓ ତଦୁର୍ଦ୍ଧ୍ୱ)	୩୫୦୦	୫୦୦	୩୦୦୦

(୨) ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଗତ କିଛି ମାସ ହେଲା ବ୍ୟାଙ୍କ ଖାତା ଜରିଆରେ ଠିକ ସମୟରେ ଟଙ୍କା ମିଳୁନଥିବାରୁ ବହୁତ ହଇରାଣ ହେବାକୁ ପଡ଼ିଛି । ଏଇ କଥାକୁ ନଜରରେ ରଖି ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ଏହି ନଭେମ୍ବର ମାସରୁ ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ସିଧାସଳଖ ନଗଦ (କ୍ୟାସ) ଆକାରରେ ଦିଆଯିବ । ଆଉ, ଭାରତ ସରକାରଙ୍କ ଭାଗ ଟଙ୍କା ପୂର୍ବ ଭଳି ସିଧା ବ୍ୟାଙ୍କ ଖାତାକୁ ଯିବ ।

(୩) ଅକ୍ଟୋବର ଓ ନଭେମ୍ବର - ଏହି ଦୁଇ ମାସର ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ଆସନ୍ତା ନଭେମ୍ବର ୨୫ ତାରିଖରେ ହିତାଧିକାରୀଙ୍କୁ ପଞ୍ଚାୟତ ଅଫିସ କିମ୍ବା ୱାର୍ଡ ଅଫିସରେ ନଗଦ ମିଳିବ । ଆଉ ଏହି ଦୁଇ ମାସର ଭାରତ ସରକାରଙ୍କ ଭାଗ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଯିବ ।

(୪) ଯେଉଁମାନେ ଏପ୍ରିଲରୁ ସେପ୍ଟେମ୍ବର ଭିତରେ କୌଣସି ମାସର ଭତ୍ତା ପାଇନାହାନ୍ତି, ସେମାନଙ୍କ ପୁରା ବାକିଆ ଟଙ୍କା ଖୁବ୍‌ଶୀଘ୍ର ବ୍ୟାଙ୍କ ଆକାଉଣ୍ଟରେ ଜମା କରିଦିଆଯିବ ।

(୫) ଆସନ୍ତା ଡିସେମ୍ବର ମାସରୁ ପ୍ରତି ମାସ ୧୫ ତାରିଖରେ ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ନିୟମିତ ନଗଦ (କ୍ୟାସ) ଆକାରରେ ପଞ୍ଚାୟତ ବା ୱାର୍ଡ ଅଫିସରୁ ବଣ୍ଟାଯିବ । ଭାରତ ସରକାରଙ୍କ ଭାଗ ଟଙ୍କା ପ୍ରତି ମାସରେ ସିଧା ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାରେ ଜମା ହେବ ।

(୬) ଆହୁରି ସରଳ ଭାବରେ ବୁଝିବା ପାଇଁ ନିମ୍ନରେ କେତେଗୁଡିଏ ଉଦାହରଣ ମଧ୍ୟ ଦିଆଯାଇଛି ।

ଉଦାହରଣ ୧ : ବାର୍ଦ୍ଧକ୍ୟ ଭତ୍ତା (୬୦ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୮୦୦ ଟଙ୍କା, ଭାରତ ସରକାର: ୨୦୦ ଟଙ୍କା, ମୋଟ ଭତ୍ତା: ୧୦୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର୍ ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୧୬୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୪୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୮୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୨୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୨ : ବାର୍ଦ୍ଧକ୍ୟ / ବିଧବା / ଭିନ୍ନକ୍ଷମ ଭତ୍ତା (୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ)

- ଓଡ଼ିଶା ସରକାର: ୩୦୦୦ ଟଙ୍କା, ଭାରତ ସରକାର: ୫୦୦ ଟଙ୍କା, ମୋଟ ଭତ୍ତା: ୩୫୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର୍ ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୬୦୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୧୦୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୩୦୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୫୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୩ : ବିଧବା ଭତ୍ତା (୪୦ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୭୦୦ ଟଙ୍କା, ଭାରତ ସରକାର: ୩୦୦ ଟଙ୍କା, ମୋଟ ଭତ୍ତା: ୧୦୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର୍ ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୧୪୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୬୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୭୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୩୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୪ : ଭିନ୍ନକ୍ଷମ ଭତ୍ତା (୧୬ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୩୨୦୦ ଟଙ୍କା, ଭାରତ ସରକାର: ୩୦୦ ଟଙ୍କା, ମୋଟ ଭତ୍ତା: ୩୫୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର୍ ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୬୪୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୬୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୩୨୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୩୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR : 46001/46001/2/26-27/0011

32 YEARS
ଭୁବନେଶ୍ୱର, ୧୧ ନଭେମ୍ବର ୨୦୨୬ ବୁଧବାର



ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

୨୨୦ ଅଭିଯୋଗରୁ ୮୪ଟିର ତ୍ୱରିତ ସମାଧାନ

ଯାଜପୁର, ନ୍ୟୁଜ୍ ବ୍ୟୁରୋ



ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଡି.ଆର.ଡି.ଏ. କନଫରେନ୍ସ ହଲ୍‌ଠାରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ ୨୨୦ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୩୫ ଟି ବ୍ୟକ୍ତିଗତ ସମସ୍ୟା, ୦୫ ଟି ସାମୁହିକ/ସାଧାରଣ ସମସ୍ୟା, ୭୮ ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ଏବଂ ୦୨ ଟି ରେଡକ୍ରସ୍ ସହାୟତା ପାଇଁ ଆବେଦନ କରାଯାଇଥିଲା। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟଣାସ୍ଥଳରେ ହିଁ ୮୪ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇପାରିଛି। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ , ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନାଗେନ୍ଦ୍ରନାଥ ମହାପାତ୍ର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସାରସ୍ୱତ ସାହୁ, ଯାଜପୁର ବି.ଡି.ଓ. ବ୍ରହ୍ମାନନ୍ଦ ବେହେରା ଏବଂ ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିବା ସହ ତାହାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ।

ମୁଖ୍ୟ ରାସ୍ତା ପାର୍ଶ୍ୱରେ ଶୌଚାଳୟ ନାହିଁ: ଯାତ୍ରୀ ହଟହଟା

ଉମରକୋଟ, ନ୍ୟୁଜ୍ ବ୍ୟୁରୋ



ଦିନକୁ ଦିନ ବଢୁଛି ଉମରକୋଟ ସହରର ଜନସଂଖ୍ୟା ଓ ଯାନବାହନ ଚଳାଚଳ ସହରର କଳେବର ବୃଦ୍ଧି ପାଉଥିବା ବେଳେ ଅନ୍ୟପକ୍ଷରେ ମୌଳିକ ସୁବିଧାର ଅଭାବ ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସହରର ପୁରୁଣା ଓ ନୂତନ ବସ୍ଷ୍ଟାଣ୍ଡରେ ଥିବା ଶୌଚାଳୟଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ପ୍ରାୟ ୪ କିଲୋମିଟର ମୁଖ୍ୟ ରାସ୍ତାରେ ଗୋଟିଏ ମଧ୍ୟ ସାର୍ବଜନୀନ ପରିସ୍ରାଗାର ନାହିଁ। ଫଳରେ ମହିଳା, ଛାତ୍ରୀ, ଯାତ୍ରୀ ଓ ସ୍ଥାନୀୟ ଦୋକାନୀମାନେ ନିତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋଚନୀୟ ଶୌଚାଳୟ ଓ ଅଚଳ ପରିସ୍ରାଗାର ସୂଚନା ଅନୁଯାୟୀ, ସହରର ଦୁଇଟି ବସ୍ଷ୍ଟାଣ୍ଡରେ ଶୌଚାଳୟ ରହିଥିଲେ ମଧ୍ୟ ନିୟମିତ ପରିଷ୍କାର ପରିଚ୍ଛନ୍ନତା ଅଭାବ ଓ ଦୁର୍ଗନ୍ଧ ଯୋଗୁଁ ଯାତ୍ରୀମାନେ ଏହାକୁ ବ୍ୟବହାର କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସେହିପରି ଝରିଗାଁ ରୋଡ୍‌ସ୍ଥିତ ଭାସ୍କେଲ ନଦୀ ନିକଟରେ ନିର୍ମିତ ପରିସ୍ରାଗାରଟି ମଧ୍ୟ ଅଚଳ ହୋଇ ପଡ଼ିରହିଛି। ସେଠାରେ ଜଳ ଯୋଗାଣ ବ୍ୟବସ୍ଥା ନଥିବା ସହ ଚାରିପାଖରେ ଅଳିଆ ଆବର୍ଜନା ଜମା ହୋଇ ରହିଛି। ହଇରାଣ ହେଉଛନ୍ତି ମହିଳା, ଛାତ୍ରୀ ଓ ଦୋକାନୀ ଏହି ସମସ୍ୟା ଯୋଗୁଁ ସହରକୁ ବିଭିନ୍ନ କାମରେ ଆସୁଥିବା ଯାତ୍ରୀମାନେ ନିକଟରେ ପରିସ୍ରାଗାର ନପାଇ ହଇରାଣ ହେଉଛନ୍ତି। ବିଶେଷକରି କଲେଜ ଛାତ୍ରୀମାନେ ସ୍ୱଚ୍ଛ ଶୌଚାଳୟ ଅଭାବରୁ ଅସୁବିଧା ଭୋଗୁଥିବା କହିଛନ୍ତି। ଋତୁସ୍ରାବ ସମୟରେ ଏହି ସମସ୍ୟା ଆହୁରି ଗୁରୁତର ହେଉଛି। ଅନ୍ୟପକ୍ଷରେ ସ୍ଥାନୀୟ ଉଠାଦୋକାନୀମାନେ ମଧ୍ୟ ନିକଟରେ ପରିସ୍ରାଗାର ନଥିବାରୁ ଦୋକାନ ଛାଡ଼ି ଦୂରକୁ ଯିବାକୁ ପଡୁଥିବା ଅଭିଯୋଗ କରିଛନ୍ତି। ପୌରପରିଷଦ ଏହି ସମସ୍ୟା ସମ୍ପର୍କରେ ଅବଗତ ଅଛି। ସହରର ପ୍ରମୁଖ ଛକଗୁଡ଼ିକରେ ନୂତନ ଶୌଚାଳୟ ଓ ପରିସ୍ରାଗାର ନିର୍ମାଣ ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ଆସନ୍ତା ଦୁଇ ମାସ ମଧ୍ୟରେ ଏହି ସୁବିଧା କାର୍ଯ୍ୟକ୍ଷମ କରାଯିବ। ସହରର ବିକାଶ ସହ ମୌଳିକ ସୁବିଧାର ସମ୍ପ୍ରସାରଣ ମଧ୍ୟ ଅତ୍ୟନ୍ତ ଜରୁରୀ। ତେଣୁ ପୌରପରିଷଦର ଏହି ପ୍ରତିଶ୍ରୁତି ଶୀଘ୍ର କାର୍ଯ୍ୟକାରୀ ହେବା ସହ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ସାର୍ବଜନୀନ ଶୌଚାଳୟ ଏବଂ ପରିସ୍ରାଗାର ନିର୍ମାଣ କରିବାକୁ ସହରବାସୀ ପ୍ରବଳ ଦାବି କରିଛନ୍ତି।

ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହେଲା ଐତିହ୍ୟ ପଦଯାତ୍ରା

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ



ମାଟିମନସ୍କ ଐତିହ୍ୟାନୁରାଗୀ ବନ୍ଧୁଙ୍କୁ ନେଇ ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଏକବିଂଶତମ ଅଧ୍ୟାୟ ଉତ୍ସାହ ଏବଂ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଐତିହ୍ୟ ପଦଯାତ୍ରୀଗଣ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ, ବିରିତୋଲ ଗ୍ରାମର ଝଙ୍କେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରିଥିଲେ। ପ୍ରାଚୀନତା ଦୃଷ୍ଟିରୁ ଦେଖିଲେ ଏହି ମନ୍ଦିରଟି ଝଙ୍କଡ଼ର ଶାରଳା ମନ୍ଦିରର ସମ ସାମୟିକ ମନ୍ଦିର। ମାତ୍ର ଦଣ୍ଡାୟମାନ ଥିବା ବର୍ତ୍ତମାନର ମନ୍ଦିରଟି ଏକ ଆଧୁନିକ ନିର୍ମାଣ ଅଟେ। ଏହି ଝଙ୍କେଶ୍ୱର ମହାଦେବ ମନ୍ଦିରରେ ଉମା ମହେଶ୍ୱରଙ୍କ ଏକ କମନୀୟ ବିଗ୍ରହ ସହିତ ପାର୍ଶ୍ୱ ଦେବଦେବୀ ରୂପେ ଅଜୈକପାଦ ଭୈରବ, ମହିଷାମର୍ଦ୍ଦିନୀ ଦୁର୍ଗା, ଆସ୍ତିକଜରତ୍କାରୁ, ଗଣେଶ, କାର୍ତ୍ତିକ ଏବଂ ପାର୍ବତୀଙ୍କ ବିଗ୍ରହ ରୂପେ ପ୍ରାଚୀନ କୀର୍ତ୍ତିରାଜି ଦେଖିବାକୁ ମିଳେ। ତେବେ ଏହି କାର୍ଯ୍ୟକ୍ରମରେ ଶାରଳା ମନ୍ଦିରର ମୁଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡା ଅତିଥିରୂପେ ଯୋଗ ଦେଇ ଝଙ୍କଡ଼ ପିଠାଧୀଶ୍ୱରୀ ମାଆ ଶାରଳା, ଆଦି କବି ଶାରଳା ଦାସ, ନଣ୍ଡା ଦେଉଳ, ବୃଦ୍ଧାନଦୀ ଏବଂ ଝଙ୍କେଶ୍ୱର ମହାଦେବ ମନ୍ଦିର ସମ୍ପର୍କରେ ତଥ୍ୟ ସମ୍ବଳିତ ଅନେକ ଉପାଦେୟ ବିଷୟମାନ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ତାଙ୍କର ସ୍ୱରଚିତ ପୁସ୍ତକ 'ଶ୍ରୀଚଣ୍ଡୀ ଶାରଳା ମାଦଳା' ରେ ଦେଖିବାକୁ ମିଳେ। ଏହି ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠାନର ଯୁବ ସଂଗଠକ ଦେବାଶିଷ ପାତ୍ର, ସମ୍ବିତ ସିଂହ ଓ ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜନାରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ବିଶ୍ୱରଂଜନ ଦେହୁରୀ, ପ୍ରଦୀପ୍ତ ସୁନ୍ଦର ତଥା ଅନୁଷ୍ଠାନର ଆବାହକ ଶ୍ରୀକାନ୍ତ ସିଂହଙ୍କ ସମେତ କୁମାର ଶୁଭମ୍, ଦିନେଶ ସ୍ୱାଇଁ, ରତି ରଞ୍ଜନ ପଣ୍ଡା, ଜିନୋଦ ମହାନ୍ତି, ସ୍ୱାଧୀନ, କୁନ୍ଦନ, ସୌରଭ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ଜଗତସିଂହପୁର, କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ପ୍ରାୟ ତିରିଶ ଜଣ ଐତିହ୍ୟାନୁରାଗୀ ବନ୍ଧୁ, ଆଜିର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

କଟକ ନାଟ୍ୟୋତ୍ସବ : ନାଟକ ମାଧ୍ୟମରେ ପ୍ରଦର୍ଶିତ ହେଲା ଓଡ଼ିଶାର କଳା ଓ ସଂସ୍କୃତି

କଟକ, ନ୍ୟୁଜ୍ ବ୍ୟୁରୋ



ମଞ୍ଚରେ ଅଭିନୟର ଯାଦୁ, ସଂଳାପରେ ଭାବନାର ସ୍ପର୍ଶ, ଆଉ କାହାଣୀରେ ସମାଜର ବାସ୍ତବ ଚିତ୍ର। ଏମିତି ଏକ ନାଟ୍ୟମୟ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି 'କଟକ ନାଟ୍ୟୋତ୍ସବ–୨୦୨୬'ର ଚୂଡ଼ାନ୍ତ ପର୍ଯ୍ୟାୟ। ପ୍ରଥମ ଦିନରେ ତିନିଟି ଭିନ୍ନ ସ୍ୱାଦର ନାଟକ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ମନ ଜିଣିବା ସହ ନାଟ୍ୟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ନାଟ୍ୟୋତ୍ସବର ଶୁଭାରମ୍ଭ ରେଭେନ୍ସା ବିଶ୍ୱବିଦ୍ୟାଳୟର 'ସେଭେନ୍ ପିଲର୍ସ ଅଫ୍ ୱିଜଡମ୍'ଠାରେ ପାରମ୍ପରିକ ମଞ୍ଚ ପୂଜା ସହ ହୋଇଥିଲା। ପ୍ରଥମ ଦିନର ପ୍ରଥମ ଆକର୍ଷଣ ଥିଲା 'ମହାବାହୁ'। ଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁଙ୍କ ମହିମାକୁ ଆଧାର କରି ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ଏହାକୁ ମଞ୍ଚସ୍ଥ କରିଥିଲେ। ନାଟକର ନିଖୁଣ ଅଭିନୟ ଓ ଭାବପୂର୍ଣ୍ଣ ଉପସ୍ଥାପନା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଦ୍ୱିତୀୟ ନାଟକ 'ନୀରବ ଚିଠି' ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲା। ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ପରିବେଷିତ ଏହି ନାଟକରେ ଯୌଥ ପରିବାରର ମହତ୍ତ୍ୱ, ପାରିବାରିକ ସମ୍ପର୍କ ଓ ନିଜ ପରିବାର ପାଇଁ ସମୟ ଦେବାର ଆବଶ୍ୟକତାକୁ ଭାବପ୍ରବଣ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। ସେହିପରି ଦିନର ଶେଷ ନାଟକ ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଷିତ ହୋଇଥିଲା 'ଫେରିଆ ବୋଇତ ସପନ ନେଇ'। କଟକର ଐତିହାସିକ ବାଲିଯାତ୍ରା, ଓଡ଼ିଆ ନୌବାଣିଜ୍ୟ ପରମ୍ପରା, ଭାଇଚାରା ଓ ସମୃଦ୍ଧ ସଂସ୍କୃତିକୁ ନାଟକ ମାଧ୍ୟମରେ ଜୀବନ୍ତ ରୂପ ଦିଆଯାଇଥିଲା। ଏହା ଦର୍ଶକଙ୍କୁ କଟକର ଗୌରବମୟ ଐତିହ୍ୟ ସହ ଯୋଡ଼ିବାରେ ସଫଳ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଡେପୁଟି କଲେକ୍ଟର ଶତ୍ରୁପା ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ସମେତ ନାଟ୍ୟୋତ୍ସବ କମିଟିର ଉପଦେଷ୍ଟା ତଥା ସିନେ ତାରକା ଶ୍ରୀତମ ଦାସ ଉପସ୍ଥିତ ଥିଲେ। ଏଥିସହ ବିଚାରକ ଧୀର ମଲ୍ଲିକ୍, ନମ୍ରତା ଦାସ ଓ ହରିଶ ମହାନ୍ତିଙ୍କ ସମେତ ନାଟ୍ୟ ପରାମର୍ଶଦାତା ଅନନ୍ତ ଦାଶ, ଦେବୀ ପ୍ରସାଦ ପଟ୍ଟନାୟକ, ବିଶ୍ୱଭୂଷଣ ମହାନ୍ତି, ଉମେଶ ଦାଶ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍, ସନ୍ଦୀପ ପାଣି, ବେବି ପ୍ରଧାନ ଓ ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

ଗୀତା ଜ୍ଞାନ ମଣିଷକୁ ନିର୍ଦ୍ୱନ୍ଦ୍ୱ ନିର୍ଭିକ କରେ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଗୀତାସେବୀ ଅନୁଷ୍ଠାନ ପ୍ରଜ୍ଞାନ ମିଶନ୍‌ର ଆୟୋଜନକ୍ରମେ, ବୌଦ୍ଧ ସହରର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ୬ଷ୍ଠ ଅଧ୍ୟାୟ ଗୀତା ଆବୃତ୍ତି□ ପ୍ରତିଯୋଗିତା 'ଗୀତା ପ୍ରତିଭା-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅଧ୍ୟାପକ ପ୍ରବୀର କୁମାର ଦାସ 'ଗୀତା ଜ୍ଞାନ ମଣିଷକୁ ନିର୍ଦ୍ୱନ୍ଦ୍ୱ ଓ ନିର୍ଭିକ କରେ ' ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ରୂପେ ସମଗ୍ର ଶିକ୍ଷା ବୌଦ୍ଧର କୋଡିନେଟର୍ ରାଜଲକ୍ଷ୍ମୀ ପଣ୍ଡା ଯୋଗ ଦେଇଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ,୩ୟ ଠାରୁ +୩ ପର୍ଯ୍ୟନ୍ତ ୨୪ ଜଣ ଛାତ୍ରଛାତ୍ରୀ ଉକ୍ତ ପ୍ରତିଯୋଗିତାରେ ଯୋଗଦେଇ ଶ୍ରୀମଦ୍ ଭଗବତ୍ ଗୀତାର ୬ଷ୍ଠ ଅଧ୍ୟାୟ ଆବୃତ୍ତି କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା। ଅଗ୍ନିହୋତ୍ରୀ ଯାଜ୍ଞିକ ପଣ୍ଡିତ ଶ୍ରୀ ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ , ସମବେତ ଛାତ୍ରଛାତ୍ରୀଙ୍କ ଗହଣରେ, ଜଗତକଲ୍ୟାଣ ପାଇଁ ପୁରୁଷୋତ୍ତମ ଯୋଗର ଶ୍ଲୋକଗୁଡ଼ିକ ଆବୃତ୍ତି ପୂର୍ବକ ହବନ କରାଯାଇଥିଲା। ବୌଦ୍ଧ ସହରର ଜେ ଡି ହାଇସ୍କୁଲ , ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ , ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ଜୀବନ ବିକାଶ ମହାବିଦ୍ୟାଳୟ ଦହ୍ୟା ,ଭୈରବୀ ମହାବିଦ୍ୟାଳୟ ପୁରୁଣା କଟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁରୁଣାକଟକ , ଶ୍ରୀ ଅରବିନ୍ଦ ସ୍କୁଲ ଓ ୟୁ ପି ଏମ୍ ଇ ସ୍କୁଲ୍ ସଂଗ୍ରାମପୁର, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ହରଭଙ୍ଗାର ଛାତ୍ର ଛାତ୍ରୀ ମାନେ କୃତିତ୍ୱର ସହ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯାଇଛି । 'ଗୀତା ଜ୍ଞାନ ପରୀକ୍ଷା -୨୦୨୬' ରେ ରାଜ୍ୟସ୍ତରରେ ୨ୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ସମ୍ମାନ ଆଣିଥିବା ଭୈରବୀ ଡିଗ୍ରୀ କଲେଜର ମାଧବେନ୍ଦ୍ର ସାମଲଙ୍କୁ ତଥା ଜିଲ୍ଲା ସାନ୍ତ୍ୱନା ସମ୍ମାନ ଲାଭକରିଥିବା ବୌଦ୍ଧ ପଞ୍ଚାୟତ କଲେଜ ଛାତ୍ରୀ ସୁଶ୍ରୀ ମୋନିକା ପ୍ରଧାନ ଓ ସେଣ୍ଟଜାଭିୟର୍ସ ସ୍କୁଲ ବୌଦ୍ଧର ବୈଭବୀ ମିଶ୍ରଙ୍କୁ ପ୍ରମାଣପତ୍ର, ମେଡାଲ ଓ ପୁରସ୍କାର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ନବୀନ ଚନ୍ଦ୍ର ଶତପଥୀ, ପୌଲସ୍ତି ପ୍ରଧାନ, ରାଜୀବ କହଁର, ଅଭିମନ୍ୟୁ ପ୍ରଧାନ ଓ ଅନୀତା କୁମାରୀ ମହାରଣା, ଗୁରୁଜୀମାନେ ବିଚାରପତି ଭାବେ ଯୋଗଦେଇଥିଲେ। ପ୍ରମୁଖ ଗୀତାସେବୀ ସୌମିତ୍ରୀ ପଲିଆ, ଶ୍ରୀବତ୍ସ ନାୟକ, ସି ଆର୍ ସି ସି ସମୀର ସାହୁ, ପ୍ରାଣବନ୍ଧୁ ମହାପାତ୍ର, ଶିବଦତ୍ତ ପଟ୍ଟନାୟକ , ହେମନ୍ତ କୁମାର ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନଙ୍କ ସହଯୋଗରେ ସଭା ସମ୍ପନ୍ନ ହୋଇଥିଲା। ଶେଷରେ ଶାନ୍ତି ପାଠ ଓ ପ୍ରସାଦସେବନ କରାଯାଇଥିଲା।



ଏକତା ଦିବସ ପାଳିତ



ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ରଘୁନାଥପୁର ବ୍ଲକ ଅନ୍ତର୍ଗତ ତରିକୁଣ୍ଡ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଲୌହମାନବ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ ତମ ଜୟନ୍ତୀ ଅବସରରେ ଏକତା ଦିବସ ପାଳନ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡ଼ିଡ଼ି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଏକତା ଓ ସୁରକ୍ଷାର ଶପଥ ପାଠ କରାଇଥିଲେ । ଛାତ୍ରଛାତ୍ରୀମାନେ ଏକତ୍ର ହୋଇ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ସଂକଳ୍ପ ନେଇଥିଲେ । ଦେଶର ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜକୁ ସମର୍ପିତ କରିବା ନିମନ୍ତେ ସଚିବ ଶପଥ ପାଠ କରାଇଥିଲେ । ଏହା ସହ "ସୁରକ୍ଷିତ ବଚପନ୍" ଅଭିଯାନ ଅନୁଯାଇ ଛାତ୍ରଛାତ୍ରୀମାନଙ୍କୁ ପୋକସୋ ଆଇନ ବିଷୟରେ ମଧ୍ୟ ସଚିବ ବୁଝାଇଥିଲେ ।

ଶିଶୁ ଶ୍ରମମୁକ୍ତ ସୁବର୍ଣ୍ଣପୁର ଜିଲ୍ଲା ଗଠନ ପାଇଁ ପଦକ୍ଷେପ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ସୁବର୍ଣ୍ଣପୁର ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଲକ୍ଷ୍ୟରେ ଚାଲିଥିବା ୪୪ ଦିନିଆ ସଚେତନତା ଅଭିଯାନର ଅଂଶସ୍ୱରୂପ ଜିଲ୍ଲାପାଳ ଦେବାଶିଷ ସିଂହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଅଧିକରୁ ଅଧିକ ଜନସାଧାରଣଙ୍କ ନିକଟରେ ଶିଶୁ ଶ୍ରମିକ ନିରାକରଣର ବାର୍ତ୍ତା ପହଞ୍ଚାଇବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ। ଏହି ୪୪ ଦିନିଆ ଅଭିଯାନ ଗତ ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇ ଆସନ୍ତା ନଭେମ୍ବର ୧୪ ତାରିଖ ଶିଶୁ ଦିବସରେ ଶେଷ ହେବ। ଏହି ଅଭିଯାନ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପଞ୍ଚାୟତରେ ଚାଲୁ ରହିଛି। ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ ଓ ଶିଶୁ ମଙ୍ଗଳ କମିଟିର ମିଳିତ ଟିମ୍ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ଚଢ଼ଉ ଓ ଉଦ୍ଧାର କାର୍ଯ୍ୟ ଜାରି ରହିବ। ଏଥିସହ ଶିଶୁମାନଙ୍କୁ କୌଣସି ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ନକରିବା ଏବଂ ସେମାନଙ୍କ ଦ୍ୱାରା ଶ୍ରମ କରାଇବାରୁ ନିବୃତ୍ତ ରହିବା ପାଇଁ ଜନସାଧାରଣ ଓ ନିଯୁକ୍ତିଦାତାଙ୍କୁ ସଚେତନ କରାଯିବ। ୧୪ ବର୍ଷରୁ କମ୍ ବୟସର କୌଣସି ଶିଶୁଙ୍କୁ ଶ୍ରମ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ନାହିଁ। ସେହିପରି ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ କୌଣସି ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରିବା ନିଷିଦ୍ଧ। ଶିଶୁ ଶ୍ରମିକ ନିୟୋଜନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ କହିଛନ୍ତି ଯେ, ଏହି ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ସହ ଏକ ସୁସ୍ଥ ଓ ଶିଶୁ ଶ୍ରମମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଓ ସକ୍ରିୟ ଭାଗୀଦାରି ଜରୁରୀ। ଯଦି କୌଣସି ସ୍ଥାନରେ ୧୪ ବର୍ଷରୁ କମ୍ ବୟସର ଶିଶୁ ଶ୍ରମ କରୁଥିବା କିମ୍ବା ୧୮ ବର୍ଷରୁ କମ୍ ବୟସର କିଶୋର ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଥିବା ଦେଖାଯାଏ, ତେବେ ଜନସାଧାରଣ ଚାଇଲ୍ଡ ହେଲ୍ପଲାଇନ୍ ନମ୍ବର ୧୦୯୮କୁ ଫୋନ୍ କରି ସୂଚନା ଦେଇପାରିବେ। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦିଲେଶ୍ୱର ଖାଖା, ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟାକୁମାରୀ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, କ୍ରୀଡ଼ା ଅଧିକାରୀ ଚିତ୍ରରଞ୍ଜନ ମିଶ୍ର, ସହକାରୀ ଶ୍ରମ ଅଧିକାରୀ, ବିନିକା ଚିନ୍ମୟ ମେହେର, ସହକାରୀ ଶ୍ରମ ଅଧିକାରୀ, ଉଲୁଣ୍ଡା, ଲିପକରାଜ ନାୟକ, ସହକାରୀ ଶ୍ରମ ଅଧିକାରୀ, ବୀରମହାରାଜପୁର, ଶାଶ୍ୱତ ସୌମ୍ୟକାନ୍ତ, ସହକାରୀ ଶ୍ରମ ଅଧିକାରୀ, ତରଭା, ସପ୍ରତିଭ ପ୍ରଧାନଙ୍କ ସମେତ ଶ୍ରମ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଉଦ୍‌ଯାପିତ ହେଲା ଜଳେଶ୍ୱର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଖାଲିନାସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବିଆରସି ସୁଶାନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ ଓ ସୁକୁମାର ମିଶ୍ର ବେଦ ପାଠ କରିଥିଲେ। ୧୭ଟି କ୍ଲଷ୍ଟରର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଦୁଇଟି ବର୍ଗର ୩୧ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଅନସୂୟା ପ୍ରଧାନ, ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ବ୍ଲକ୍ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ଏସ୍‌ଏମ୍‌ସି ସଭାପତି ସୁଶାନ୍ତ କୁମାର ମହାପାତ୍ର, ସରପଞ୍ଚ ମିନତୀ ପାତ୍ର, ସମିତି ସଭ୍ୟା ସସ୍ମିତା ଦତ୍ତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସୁନ୍ଦର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ତହସିଲଦାସ ସତ୍ୟଜିତ ମହାନ୍ତି, ସାଂସଦ ପ୍ରତିନିଧି ତଥା ପ୍ରାକ୍ତନ ବ୍ଲକ୍ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଶିକ୍ଷକ ନେତା ହରେକୃଷ୍ଣ ଜେନା, ହରମୋହନ ମହାନ୍ତ, ବୁଦ୍ଧଦେବ ରାଜେନ୍ଦ୍ର ନାୟକ, ସୁବ୍ରତ ସେନାପତି ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀ ପୁରସ୍କାର ବିତରଣ କରିଥିଲେ । ଦିଲ୍ଲୀପ କୁମାର ସେଠୀ, ସୁଶାନ୍ତ କୁମାର ଦାସ ସିଆରସିସି ମନୋରଞ୍ଜନ ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।



ଶ୍ରାଦ୍ଧ ବାର୍ଷିକୀରେ ମେଗା ସ୍ୱାସ୍ଥ୍ୟ ଶିବିର : ୫୧୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ

'ପିଢ଼ି ପରେ ପିଢ଼ି ବଞ୍ଚି ରହିପାରେ ମଣିଷର ଆଦର୍ଶ ଓ ସେବା ମନୋଭାବ'



ବରଗଡ଼, ନ୍ୟୁଜ୍ ବ୍ୟୁରୋ

ମଣିଷ ଏ ଦୁନିଆରୁ ବିଦାୟ ନେଇପାରେ, କିନ୍ତୁ ତା'ର ମହତ୍ କର୍ମ ଓ ଜନସେବାର ସ୍ମୃତି କେବେ ମିଞ୍ଜି ଯାଏ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ବରଗଡ଼ ଜିଲ୍ଲାର ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ସୁରେନ୍ଦ୍ର କୁମାର ସାହୁ। ତାଙ୍କ ଇହଲୀଳା ସମ୍ବରଣର ପାଞ୍ଚବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ତାଙ୍କର ଜନସେବା, ମାନବିକତା ଓ ନିଃସ୍ୱାର୍ଥପର କାର୍ଯ୍ୟକୁ ଅଞ୍ଚଳବାସୀ ଶ୍ରଦ୍ଧାର ସହ ସ୍ମରଣ କରୁଛନ୍ତି। ତାଙ୍କର ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡାଠାରେ ଏକ ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ମୁରଲୀକ୍ରିଷ୍ଣା ଫାଉଣ୍ଡେସନ, ବିକାଶ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ ଓ କୋଶଲ ଯୁବ ଶକ୍ତିର ମିଳିତ ସହଯୋଗରେ ତଥା ଦେବଦତ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଓ ବିଡିଓ ଲକ୍ଷ୍ମଣ ମାଝୀ,ଅତିରିକ୍ତ ତହସିଲଦାର ଦେବାଶିଷ ମିଶ୍ର ଉଦଘାଟନ କରିଥିଲେ।ଏହି ଶିବିରରେ ଗାଇସିଲେଟ ଅଞ୍ଚଳର ପ୍ରାୟ ୫୧୪ ଜଣ ଲୋକଙ୍କର ଚକ୍ଷୁ ଓ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ପରୀକ୍ଷା କରାଯାଇଥିଲା। ଏଥିସହ ସମସ୍ତଙ୍କୁ ମାଗଣାରେ ଆବଶ୍ୟକୀୟ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଗ୍ରାମାଞ୍ଚଳର ଗରିବ ଓ ଅସହାୟ ଲୋକଙ୍କ ପାଇଁ ଏଭଳି ଶିବିର ଏକ ବଡ଼ ଆଶ୍ୱସ୍ତି ଆଣିଦେଇଥିବା ବେଳେ ଅଞ୍ଚଳବାସୀ ଏହି ମହତ୍ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍ୱର୍ଗତ ସୁରେନ୍ଦ୍ର ସାହୁ କେବଳ ଜଣେ ଦକ୍ଷ ଆଇନଜୀବୀ ନଥିଲେ, ସେ ଥିଲେ ଗରିବ, ନିର୍ଯାତିତ ଓ ଅସହାୟ ଲୋକଙ୍କର ଜଣେ ପ୍ରକୃତ ବନ୍ଧୁ। ଅନ୍ୟର ଦୁଃଖକୁ ସେ ନିଜର ଦୁଃଖ ଭାବେ ଗ୍ରହଣ କରୁଥିଲେ। କୌଣସି ଅସହାୟ ବ୍ୟକ୍ତି ସମସ୍ୟାରେ ପଡ଼ିଥିବା ଜାଣିଲେ ତାଙ୍କୁ ସାହାଯ୍ୟ ନକରିବା ପର୍ଯ୍ୟନ୍ତ ତାଙ୍କ ମନକୁ ଶାନ୍ତି ମିଳୁନଥିଲା। ବିଶେଷକରି ଗରିବ ଓ ଅସହାୟ ଲୋକଙ୍କ ପାଇଁ ସେ ଅନେକ ସମୟରେ ବିନା ପାରିଶ୍ରମିକରେ ଅଦାଲତରେ ମାମଲା ଲଢ଼ି ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଉଦ୍ୟମ କରୁଥିଲେ। ତାଙ୍କ ସମସାମୟିକ ଅନେକ ଆଇନଜୀବୀ ନିଜ ଜୀବନରେ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ହାସଲ କରୁଥିବା ବେଳେ ସୁରେନ୍ଦ୍ର ସାହୁ କିନ୍ତୁ ନିଜର ସମୟ, ସମ୍ପତ୍ତି ଓ ସାମର୍ଥ୍ୟକୁ ଲୋକଙ୍କ ସେବାରେ ସମର୍ପିତ କରିଦେଇଥିଲେ। ନିଜ ପାଇଁ ସମ୍ପତ୍ତି ସଞ୍ଚୟ କରିବା ଅପେକ୍ଷା ଅନ୍ୟର ମୁହଁରେ ହସ ଫୁଟାଇବାକୁ ସେ ଅଧିକ ମୂଲ୍ୟ ଦେଉଥିଲେ। ତାଙ୍କର ବିଶ୍ୱାସ ଥିଲା, ଧନସମ୍ପତ୍ତି କ୍ଷଣସ୍ଥାୟୀ, ମାତ୍ର ମଣିଷର ଭଲପାଇବା ଓ ଶ୍ରଦ୍ଧା ଚିରସ୍ଥାୟୀ। ଲୋକଙ୍କଠାରୁ ମିଳୁଥିବା ସମ୍ମାନ ଓ ଭଲପାଇବାକୁ ସେ ନିଜ ଜୀବନର ସବୁଠାରୁ ବଡ଼ ଉପାର୍ଜନ ବୋଲି ମନେ କରୁଥିଲେ। ସବୁଠାରୁ ଖୁସିର ବିଷୟ ହେଉଛି, ସ୍ୱର୍ଗତ ସାହୁଙ୍କ ଅନ୍ତେ ତାଙ୍କର ପୁତ୍ର ସରୋଜ ଶ୍ରୀଭୂଷଣ ସାହୁ ଓ ସାକେତ ଶ୍ରୀଭୂଷଣ ସାହୁ ମଧ୍ୟ ପିତାଙ୍କ ନୀତି, ଆଦର୍ଶ ଓ ସେବା ମନୋଭାବକୁ ଆପଣାଇ ସମାଜସେବାରେ ନିଜକୁ ନିୟୋଜିତ କରିଛନ୍ତି। ପିତାଙ୍କ ଶ୍ରାଦ୍ଧ ବାର୍ଷିକୀକୁ କେବଳ ପାରମ୍ପରିକ ଭାବେ ପାଳନ ନକରି ଜନକଲ୍ୟାଣମୂଳକ କାର୍ଯ୍ୟ ମାଧ୍ୟମରେ ପାଳନ କରିବାର ଏହି ଅଭିନବ ପ୍ରୟାସକୁ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରିଛନ୍ତି ବାସ୍ତବରେ, ଏହି ମେଗା ସ୍ୱାସ୍ଥ୍ୟ ଶିବିର କେବଳ ଏକ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ନୁହେଁ, ବରଂ ଜଣେ ମହାନ ମଣିଷଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ପିତାଙ୍କ ମହତ୍ ଚିନ୍ତାଧାରାକୁ କାର୍ଯ୍ୟରେ ପରିଣତ କରି ତାଙ୍କ ପୁତ୍ରମାନେ ପ୍ରମାଣ କରିଦେଇଛନ୍ତି ଯେ ମଣିଷ ଶରୀରରେ ନଥିଲେ ମଧ୍ୟ ତାଙ୍କ ବିଚାର, ଆଦର୍ଶ ଓ ସେବାର ମନୋଭାବ ପିଢ଼ି ପରେ ପିଢ଼ି ବଞ୍ଚି ରହିପାରେ। ସୁରେନ୍ଦ୍ର ସାହୁ ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କ ଜନସେବାର ମହାନ ମିଶନ ଆଜି ମଧ୍ୟ ତାଙ୍କ ପରିବାର ଓ ଅନୁଗାମୀଙ୍କ ମାଧ୍ୟମରେ ଜୀବନ୍ତ ରହିଛି ।

ବିଶ୍ରାମାଗାର ଓ ତହସିଲଦାରଙ୍କକୋଠା ନିର୍ମାଣର ଶିଳାନ୍ୟାସ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ରାଜସ୍ୱ ବିଭାଗର ଭିତ୍ତିଭୂମି ସୁଦୃଢ଼ୀକରଣ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ରାଜସ୍ୱ ବିଶ୍ରାମାଗାର ଏବଂ ତହସିଲଦାରଙ୍କ ପାଇଁ ଡି-ଟାଇପ୍ ସରକାରୀ ବାସଭବନ ନିର୍ମାଣ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ଏହି ଅବସରରେ ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ଏବି ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ପାତ୍ର ଉପସ୍ଥିତ ରହି ପ୍ରକଳ୍ପ ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ ଓ ନିର୍ମାଣ ସମ୍ବନ୍ଧୀୟ ପଦକ୍ଷେପ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ନେତୃବୃନ୍ଦ ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯିବା ସହ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ବିଧାୟକ ଶିଳାନ୍ୟାସ କରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ।ରାଜସ୍ୱ ବିଶ୍ରାମାଗାର ନିର୍ମାଣ ହେବା ଫଳରେ ବିଭିନ୍ନ ସମୟରେ ବିଜେପୁର ଅଞ୍ଚଳକୁ ସରକାରୀ କାର୍ଯ୍ୟରେ ଆସୁଥିବା ରାଜସ୍ୱ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ଅନ୍ୟ ସରକାରୀ ଅତିଥିମାନଙ୍କ ରହଣି ପାଇଁ ସୁବିଧା ହୋଇପାରିବ। ଅନ୍ୟପକ୍ଷରେ ତହସିଲଦାରଙ୍କ ପାଇଁ ଡି-ଟାଇପ୍ ସରକାରୀ ବାସଭବନ ନିର୍ମାଣ ଦ୍ୱାରା ତହସିଲ କାର୍ଯ୍ୟାଳୟର ପ୍ରଶାସନିକ କାର୍ଯ୍ୟ ପରିଚାଳନା ଅଧିକ ସୁବିଧାଜନକ ହେବା ସହ ଜରୁରୀକାଳୀନ ସମୟରେ ଅଧିକାରୀଙ୍କ ଉପଲବ୍ଧତା ଓ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିବ। ବିଜେପୁର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ତହସିଲ ଅଞ୍ଚଳରେ ଏଭଳି ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ହେଲେ ସରକାରୀ କାର୍ଯ୍ୟରେ ଅଧିକ ସୁବିଧା ଓ ସମନ୍ୱୟ ଆସିବା ସହ ରାଜସ୍ୱ ପ୍ରଶାସନକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି। କାର୍ଯ୍ୟକ୍ରମକୁ ରାଜସ୍ୱ ପରିଦର୍ଶକ ରବିଚନ୍ଦ୍ର ବୁଡ଼େକ ସୁଚାରୁ ରୂପେ ପରିଚାଳନା କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



ଜେଲ୍ ଗଲେ ପୂର୍ବତନ ରାଜ୍ୟସଭା ସାଂସଦ ଏନ ଭାସ୍କର ରାଓଙ୍କ ସମେତ ୪ ଅଭିଯୁକ୍ତ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ବହୁ ଚର୍ଚ୍ଚିତ ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ଜେଲ୍ ଗଲେ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓଙ୍କ ସମେତ ୪ ଅଭିଯୁକ୍ତ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ଏହି ଚାରି ଅଭିଯୁକ୍ତ। ଅନ୍ୟ ତିନି ଅଭିଯୁକ୍ତ ହେଲେ କେ. କ୍ରିଷ୍ଣା ରାଓ, ଇଷ୍ଟିଲି ରାଜୁ ଏବଂ ପି. ଦିଲ୍ଲୀପ କୁମାର। କୋର୍ଟରେ ହାଜର ହେବା ପରେ ସେମାନଙ୍କ ପକ୍ଷରୁ ଦାଖଲ ଜାମିନ୍ ଆବେଦନକୁ ଭାରପ୍ରାପ୍ତ ଏସ୍‌ଡିଜେଏମ୍ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ଖାରଜ କରିଦେଇଥିଲେ। ଫଳରେ ଚାରି ଅଭିଯୁକ୍ତଙ୍କୁ ରାୟଗଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୧୦ ମସିହାରେ ଭାଗିରଥି ମାଣ୍ଡାଙ୍ଗିଙ୍କ ମୃତଦେହ ଠାବ ହେବା ପରେ ତାଙ୍କୁ ଅପହରଣ କରି ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ୨୩ ଡିସେମ୍ବର ୨୦୧୦ରେ ରାୟଗଡ଼ା ଥାନାରେ ୨୦୮/୨୦୧୦ ନମ୍ବରରେ ମାମଲା ରୁଜୁ ହୋଇଥିଲା। ପରେ ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର ହେବା ସହ ୫ ଏପ୍ରିଲ ୨୦୧୧ରେ କଟକ ସିଆଇଡି-ସିବି ଥାନାରେ ମାମଲା ପୁନଃ ପଞ୍ଜୀକୃତ ହୋଇଥିଲା। ତଦନ୍ତ ପରେ କ୍ରାଇମ୍‌ବ୍ରାଞ୍ଚ ୬ ଜଣ ଅଭିଯୁକ୍ତଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ତେବେ ଏହାକୁ ଚ୍ୟାଲେଞ୍ଜ କରି ମୃତକଙ୍କ ପରିବାର ପକ୍ଷରୁ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ ଦାଖଲ କରାଯାଇଥିଲା। ଏଥିରେ ଏନ୍. ଭାସ୍କର ରାଓଙ୍କ ସମେତ ମୋଟ୍ ୬ ଜଣଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ ପ୍ରକାଶ କରିଥିଲେ ମୃତକଙ୍କ ପରିବାର। ଏହାପରେ କୋର୍ଟଙ୍କ ପକ୍ଷରୁ ୬ ଅଭିଯୁକ୍ତଙ୍କ ନାମରେ ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଥିଲା।



ତେବେ ୨୨ ଜାନୁଆରୀ ୨୦୨୬ରେ ଓଡ଼ିଶା ହାଇକୋର୍ଟ ଏହି ମାମଲାରେ ୬ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ୍ ପ୍ରଦାନ କରିଥିଲେ। ହାଇକୋର୍ଟଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ମୃତକଙ୍କ ଭାଇ ତଥା ମାମଲାର ମୂଳ ଅଭିଯୋଗକାରୀ ଜଗନ୍ନାଥ ମାଣ୍ଡାଙ୍ଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଆଗୁଆ ଜାମିନ୍ ଆଦେଶକୁ ଖାରଜ କରିବା ସହ ଦୁଇ ସପ୍ତାହ ମଧ୍ୟରେ ଅଭିଯୁକ୍ତମାନଙ୍କୁ ସମ୍ପୃକ୍ତ ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଧାର୍ଯ୍ୟ ସମୟର ଶେଷ ଦିନରେ ୫ ଜଣ ଜୀବିତ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ଆତ୍ମସମର୍ପଣ କରିଛନ୍ତି। ଅନ୍ୟ ଅଭିଯୁକ୍ତ ଏନ୍. ଆଦିନାରାୟଣ ଏପର୍ଯ୍ୟନ୍ତ ଆତ୍ମସମର୍ପଣ କରିନଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଯେଲା ଏଙ୍କେଟେଶ୍ୱର ରାଓ ଓରଫ୍ କୋଣ୍ଡାବାବୁଙ୍କର ପୂର୍ବରୁ ମୃତ୍ୟୁ ହୋଇସାରିଛି। ଅନ୍ୟପକ୍ଷରେ ଏନ୍. ଭାସ୍କର ରାଓଙ୍କ ଓକିଲ ନବକୁମାର କଣ୍ଡା ଏବଂ ମଙ୍ଗଳ ମୂର୍ତ୍ତି ବେଉରିଆ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ସେମାନଙ୍କ ମହକିଲମାନେ ଆତ୍ମସମର୍ପଣ କରିଛନ୍ତି। ଜାମିନ୍ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଆଗାମୀ ଦିନରେ ଉପର କୋର୍ଟରେ ଜାମିନ୍ ପାଇଁ ଆବେଦନ କରାଯିବ ବୋଲି ଓକିଲମାନେ ସୂଚନା ଦେଇଛନ୍ତି।

୧୮୯ ଲିଟର ମଦ ଜବତ:୮ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାରେ ବେଆଇନ୍ ନିଶାଦ୍ରବ୍ୟ ଓ ଚୋରା ମଦ କାରବାର ଉପରେ ରୋକ୍ ଲଗାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଏକ ବ୍ୟାପକ ଚଢ଼ଉ ଅଭିଯାନ ଚାଲିଛି। ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା। କେନ୍ଦ୍ରାପଡ଼ା ଟାଉନ୍, ସଦର, ମାର୍ଶାଘାଇ ଓ ଡେରାବିଶ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ଟିମ୍ ଚଢ଼ଉ କରି ୮ ଜଣଙ୍କ ନିକଟରୁ ମୋଟ୍ ୧୮୯ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଥିଲା। ଜବତ ମଦ ମଧ୍ୟରେ ଖୁରୁସିଆ ଗ୍ରାମର ଶଶିକାନ୍ତ ନାୟକଙ୍କ ନିକଟରୁ ୨୯ ଲିଟର ବିଦେଶୀ ମଦ, ବଡ଼ପାଳ ଗ୍ରାମର କୁନାଲ ଚନ୍ଦ୍ର ନାୟକଙ୍କ ନିକଟରୁ ୩୨ ଲିଟର ଦେଶୀ ମଦ, ଗୁଲନଗର ଗ୍ରାମର ଜଳଧର ସେଠୀଙ୍କ ନିକଟରୁ ୨୨ ଲିଟର ବିଦେଶୀ ମଦ ଓ ଅଶୋକ କୁମାର ମଳିକଙ୍କ ନିକଟରୁ ୨୭ ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ଯଅଁରା ବାରିମୂଳ ଗ୍ରାମର ଦୟାକାନ୍ତ ରାଉତଙ୍କ ନିକଟରୁ ୨୦ ଲିଟର ବିଦେଶୀ ମଦ, ସାନ୍ତସାହି ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁଙ୍କ ନିକଟରୁ ୧୯ ଲିଟର ଦେଶୀ ରନ୍ଧା ମଦ, ବଲଗଣ୍ଡୀ ଗ୍ରାମର ଶରତ କୁମାର ସାହୁଙ୍କ ନିକଟରୁ ୧୭ ଲିଟର ଦେଶୀ ମଦ ଏବଂ ନରୁଆ ଗ୍ରାମର ବିପିନ କାଣ୍ଡି (୩୪)ଙ୍କ ନିକଟରୁ ୨୩ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯିବା ସହ ୮ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉ ଅଭିଯାନରେ ଅବକାରୀ ଉପନିରୀକ୍ଷକ ରଞ୍ଜନ କୁମାର ପାତ୍ର, ତ୍ରିବେଣୀ ମହନ୍ତ ଓ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଭାଲୁ

ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ

ଚିତ୍ରକୋଣ୍ଡା ବନାଞ୍ଚଳ ଅନ୍ତର୍ଗତ ଦାତୁନଗୁଡ଼ା ସୀମାନ୍ତ ସିଲେରୁ ଜଙ୍ଗଲ ଅଞ୍ଚଳ ତଥା ଏହାର ଆଖପାଖ ଚାଷ ଜମିରେ ଗୋଟିଏ ଭାଲୁ ତା'ର ଦୁଇଟି ଛୁଆଙ୍କ ସହିତ ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ମକା, ମାଣ୍ଡିଆ ଆଦି ଫସଲ ଚାଷ ହୋଇଥିବାରୁ ଭାଲୁ ପରିବାର ଖାଦ୍ୟ ସନ୍ଧାନରେ ଚାଷ ଜମି ନିକଟକୁ ଆସିବାର ସମ୍ଭାବନା ଥିବାରୁ ଏହି ଅଞ୍ଚଳର ସମସ୍ତ ଜନସାଧାରଣ, ଚାଷୀ ଓ ଗ୍ରାମବାସୀମାନଙ୍କୁ ଚିତ୍ରକୋଣ୍ଡା ବନାଞ୍ଚଳ, ମାଲକାନଗିରି ବନଖଣ୍ଡ ପକ୍ଷରୁ ଜଙ୍ଗଲ ଓ ଚାଷ ଜମି ନିକଟକୁ ଯିବା ସମୟରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଏକୁଟିଆ ଜଙ୍ଗଲ କିମ୍ବା ଚାଷ ଜମିକୁ ଯିବାରୁ ନିବୃତ ରୁହନ୍ତୁ। ଭାଲୁ କିମ୍ବା ତା'ର ଛୁଆମାନଙ୍କୁ ଦେଖିଲେ ସେମାନଙ୍କ ନିକଟକୁ ଯାଆନ୍ତୁ ନାହିଁ ଏବଂ ଘଉଡ଼ାଇବାକୁ ଚେଷ୍ଟା କରନ୍ତୁ ନାହିଁ। ଭାଲୁକୁ ପଥର ମାରିବା, ହଇରାଣ କରିବା କିମ୍ବା ଉତ୍ତେଜିତ କରିବା ଭଳି କାର୍ଯ୍ୟ କରନ୍ତୁ ନାହିଁ। ଭାଲୁ ଦେଖାଗଲେ ତୁରନ୍ତ ନିକଟସ୍ଥ ବନ କର୍ମଚାରୀଙ୍କୁ ଖବର ଦିଅନ୍ତୁ। ଭାଲୁ ଓ ତା'ର ଛୁଆମାନଙ୍କୁ କୌଣସି ପ୍ରକାରେ କ୍ଷତି ନପହଞ୍ଚାଇ ସେମାନଙ୍କୁ ନିଜ ପ୍ରାକୃତିକ ଆବାସସ୍ଥଳୀରେ ସୁରକ୍ଷିତ ଭାବେ ରହିବାକୁ ଦିଅନ୍ତୁ। ବନ୍ୟଜନ୍ତୁଙ୍କ ସୁରକ୍ଷା ସହିତ ମଣିଷର ଜୀବନ ରକ୍ଷା ମଧ୍ୟ ଆମ ସମସ୍ତଙ୍କ ଦାୟିତ୍ୱ। ତେଣୁ ଭୟଭୀତ ନହୋଇ ସତର୍କ ରୁହନ୍ତୁ ବୋଲି ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ନିରଞ୍ଜନ ସାରକା ଲୋକଙ୍କୁ ସଚେତନ କରୁଛନ୍ତି।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ:୨୮୯ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସହର ସ୍ଥିତ ଗୁରୁ ଭିକାରୀ ନାୟକ କଳା ମଣ୍ଡପ ପରିସରରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ସେମାନଙ୍କ ଅନ୍ତର୍ନିହିତ କଳାକୌଶଳକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବୌଦ୍ଧ ବିଧାୟକ ତଥା ଓଡ଼ିଶା ବିଧାନସଭାର ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧର ଅତିରିକ୍ତ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରୱାନ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟଅତିଥି ବିଧାୟକ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନେ ଦୃଢ଼ ଆତ୍ମବିଶ୍ୱାସ ଓ ବିଜୟୀ ମନୋଭାବ ନେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ସହ ନିଜର ପ୍ରତିଭାର ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ନିଜର ଦକ୍ଷତା ଓ କଠିନ ପରିଶ୍ରମ ବଳରେ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିବାକୁ ସେ ପରାମର୍ଶ ଦେଇଥିଲେ। ଏହି ମହୋତ୍ସବରେ ବୌଦ୍ଧ ଜିଲ୍ଲାର ତିନୋଟି ବ୍ଲକ ହରଭଙ୍ଗା, ବୌଦ୍ଧ ଓ କଣ୍ଟାମାଳରୁ ମୋଟ୍ ୨୮୯ ଜଣ କୃତୀ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ୩୧ଟି ବିଭାଗରେ ଆୟୋଜିତ ପ୍ରତିଯୋଗିତା ମଧ୍ୟରେ ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ, ଦଳଗତ ନୃତ୍ୟ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ ଓ ପିଏମ୍ ପୋଷଣ ଆଦି ବିଭିନ୍ନ ବିଷୟ ସ୍ଥାନ ପାଇଥିଲା। ପ୍ରତିଯୋଗୀମାନେ ନିଜ ନିଜର କଳା, ସାହିତ୍ୟ, ସଙ୍ଗୀତ ଓ ସୃଜନଶୀଳତାର ଉତ୍କୃଷ୍ଟ ପରିଚୟ ଦେଇଥିଲେ। ଅପରାହ୍ଣରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଏବଂ ବୌଦ୍ଧଗଡ଼ ପୌର ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ ପ୍ରଧାନ, ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ, ଅବସରପ୍ରାପ୍ତ ଓଲଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ମିଶ୍ର, ଜିଲ୍ଲା ଶିକ୍ଷା ସଂଯୋଜକ ଶିବଶଙ୍କର ଶତପଥୀ ଓ ଜିଲ୍ଲା ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଆଗାମୀ ନଭେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି ମହୋତ୍ସବରେ ଜିଲ୍ଲାର କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସାଂସ୍କୃତିକ ପ୍ରତିଯୋଗିତାରେ ତାଳବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ପୁରୁଣାକଟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ଜମଟାଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଓ ସନ୍ତୋଷ କୁମାର କର୍ଣ୍ଣ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବତନ ବିଧାୟକ କୁନ୍ଦୁରୁ କୁଶଳ ଥିଲେ ସୋନପୁରର ବାଇମୁଣ୍ଡି

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ନିର୍ବାଚନ ମଣ୍ଡଳୀର ବାଇମୁଣ୍ଡି ପୂର୍ବତନ ବିଧାୟକ ଟାଣୁଆ ନେତା ସ୍ୱର୍ଗତ କୁନ୍ଦୁରୁ କୁଶଳଙ୍କ ୧୯ତମ ଶ୍ରାଦ୍ଧାବର୍ଷିକୀ କାର୍ଯ୍ୟକ୍ରମ ସ୍ଥାନୀୟ କୁଞ୍ଜ ଛକ ଠାରେ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ସେଠାରେ ଥିବା ସୋନପୁରର ବାଇମୁଣ୍ଡି ପୂର୍ବତନ ବିଧାୟକ ସ୍ୱର୍ଗତ କୁନ୍ଦୁରୁ କୁଶଳଙ୍କ। ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବା ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା ଓ କୁନ୍ଦୁରୁ କୁଶଳ ସ୍ମୃତି କୁଶଳ ସ୍ମୃତି କମିଟୀର ଆବାହକ ଅଭିମନ୍ୟୁ କୁଶଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ତଥା ସାଧାରଣଲୋକ ସାମିଲ ହୋଇଥିଲେ। ପରେ ସେଠାରେ ଏକ



ସ୍ମୃତି ସଭା କୋଶଳ ସ୍କୁଲର ବିଶିଷ୍ଟ ଶିକ୍ଷାବିତ୍ ପରମାନନ୍ଦ ନାଏକଙ୍କ ସଭାକୁ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସୋନପୁର ପୌରାଧକ୍ଷା ତାମସୀ ତାମସ୍ମିତା ନାଏକ ଯୋଗ ଏକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ନଗରପାଳ ତଥା କାଉନସିଲର କଇଁରୁ ସ୍ୱାଇଁ, ମଦନପୁର ରାମପୁରର ବିଡିଓ ଶରତକୁମାର ସେଠୀ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଗୋବିନ୍ଦ ମହାରଣା, ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ନାଟ୍ୟଶ୍ରୀ ଗଦାଧର ବାରିକ, ଶିକ୍ଷାବିତ୍ ଇନ୍ଦୁମତି ପୁରୋହିତ, ରାଜେନ୍ଦ୍ର ରଣା, ଇଂରାଜୀ ଅଧ୍ୟାପକ ସୋନପୁର କଲେଜ, ସୋନପୁର- ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନର ଆବାହକ ଅଲିମୋଲି ଇସଲାମ ସୁବଳୟା କଲେଜର ଅଧ୍ୟାପକ ଦେବାଶିଷ ପ୍ରଧାନ ପ୍ରମୁଖ ଯୋଗଦେଇ ସୋନପୁରର ବାଇମୁଣ୍ଡି ପୂର୍ବତନ ବିଧାୟକ ସ୍ୱର୍ଗତ କୁଶଳଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଅଧ୍ୟାପକ ମଦନସୁନ୍ଦର କ୍ଷେତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ପଏଁରୀ କାର୍ଯ୍ୟାଳୟ ଠାରେ ମଧ୍ୟ ସୋନପୁରର ବାଇମୁଣ୍ଡି ପୂର୍ବତନ ବିଧାୟକ ସ୍ୱର୍ଗତ କୁଶଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଅଭିମନ୍ୟୁ କୁଶଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକ, ଉପସଭାପତି ପ୍ରଫୁଲ୍ଲ କୁମାର ନାଏକ ଏବଂ ସମ୍ପାଦକ ଚୌଧୁରୀ ବିଭାର, ସଭ୍ୟ ଗୋପାଳ ଚନ୍ଦ୍ର ନେଗୀ ପ୍ରମୁଖଙ୍କ ଅନ୍ୟମାନେ ଯୋଗଦେଇ ପୂର୍ବତନ ବିଧାୟକ ସ୍ୱର୍ଗତ କୁଶଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କ ସ୍ମୃତିଚାରଣ କରିଥିଲେ।

ସାଂସଦଙ୍କ ଧର୍ମଶାଳା ପ୍ରତିନିଧିଙ୍କ ଇସ୍ତଫା

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରାଙ୍କ ଧର୍ମଶାଳା ପ୍ରତିନିଧି ସମାଜସେବୀ କାହ୍ନୁ ଚରଣ ଦାଶ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ୩ ବର୍ଷ ଭିତରେ ସାଂସଦ ଧର୍ମଶାଳା ପ୍ରତି ଅବହେଳା କରିଥିବାରୁ ସେ ଇସ୍ତଫା ଦେଲେ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଅପରାହ୍ଣରେ ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାଶ କହିଲେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ କାର୍ଯ୍ୟ ପାଇଁ ସାଂସଦଙ୍କୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ମାତ୍ର ୩ଟି ପ୍ରକଳ୍ପ ପାଇଁ ୨୩ ଲକ୍ଷ ଟଙ୍କା ଦେଇଛନ୍ତି। ସାଂସଦଙ୍କ ଉନ୍ନୟନ ପାଣ୍ଠିରୁ ୭ଟି ନିର୍ବାଚନ ମଣ୍ଡଳୀ ପାଇଁ ୮୫ ଲକ୍ଷ ଲେଖାଏଁ ଥିଲାବେଳେ ଧର୍ମଶାଳା ପ୍ରତି ଅବହେଳା କରାଯାଇଛି। ସେ ଏ ବିଷୟରେ ସାଂସଦ ଓ ଧର୍ମଶାଳା ବିଧାୟକ, ଯାଜପୁର ଜିଲ୍ଲା ବିଜେପି ସଭାପତି, ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସାଂସଦ ଖୁଣ୍ଟ ହୋଇ ତୁମେ ଅନ୍‌ଫିଟ୍ କହିବାରୁ ତାଙ୍କ ଆତ୍ମସମ୍ମାନ ପ୍ରତି ଆଘାତ ଦେଇଛି। ସେ ପ୍ରତିନିଧି ରହିବାକୁ ଉଚିତ୍ ମଣୁନଥିବା ପ୍ରକାଶ କରିଛନ୍ତି। ୪୮ ବର୍ଷ ରାଜନୈତିକ ଜୀବନ ମଧ୍ୟରେ ବିଜେପି ଦଳ ଓ ଲୋକ ପାଇଁ ସେ କାର୍ଯ୍ୟ କରିଛନ୍ତି। କାର୍ଯ୍ୟଧାରା ପୂର୍ବପରି ଚାଲୁ ରହିବ ବୋଲି ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଦେବତା ଓ ଅଜୟ କୁମାର ଖୁଣ୍ଟିଆ ଉପସ୍ଥିତ ଥିଲେ।



୧୧ରୁ କେନ୍ଦ୍ରାପଡ଼ାରେ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୧ ଓ ୧୭ ତାରିଖରେ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବିଧାୟକ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଗରାପୁର ସ୍ଥିତ ରାଜୀବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲିଳିତା ଦାସ, ପୌର ଅଧ୍ୟକ୍ଷା ସରିତା ସାହୁ, ବ୍ଲକ ସଭାପତି ଆଲୋକ ସାହୁ, ନଗର ସଭାପତି ଯଯାତି ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଯୁବ ସଭାପତି ରାଜେଶ ଦାସ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ମହିଳା ବ୍ଲକ ସଭାନେତ୍ରୀ ସୁମିତ୍ରା ପାଢ଼ୀ, ନଗର ସଭାନେତ୍ରୀ ସ୍ୱପ୍ନ ପ୍ରଭାକର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ଏହି ଜନସମ୍ପର୍କ ପଦଯାତ୍ରା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତକୁ ନେଇ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଦାଣ୍ଡିସାହି ଠାରୁ ବାହାରି ଅଣ୍ଡିରା ଅମୃତମଣୋହୀ, ଅଳପୁଆ, ଜଗନ୍ନାଥପୁର ପର୍ଯ୍ୟନ୍ତ ଯିବେ। ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡା ପୌରାଞ୍ଚଳ ଓ ବ୍ଲକର ସମସ୍ତ ପଞ୍ଚାୟତ ଓ ପୌରାଞ୍ଚଳର ସମସ୍ତ ୱାର୍ଡକୁ ନେଇ କେନ୍ଦ୍ରାପଡା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଏକ ବିଶାଳ ଶୋଭା ଯାତ୍ରାରୁ ବାହାରି ସହର ପରିକ୍ରମାକରି କେନ୍ଦ୍ରାପଡା ବ୍ଲକ ନିକଟ ଗ୍ରୀସ୍‌ଫିଲ୍ଡ ନିକଟକୁ ଯିବ। ଏଥିରେ ଗତ ତିନିବର୍ଷ ଭିତରେ ବିଜେପି ସରକାରଙ୍କର ବିଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ସ୍ଥିର କରାଯାଇଛି। ଏଥି ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଦୁର୍ନୀତି ଓ ମୂଲ୍ୟ ବୃଦ୍ଧି ସମ୍ପର୍କରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସ୍ଥିର କରାଯାଇଛି। ଆୟୋଜିତ ଏହି ବୈଠକରେ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରିଷ୍ଠ ସଦସ୍ୟ, ନେତା ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ଲକ ସଭାପତି ଆଲୋକ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ:କ୍ୟାମେରାରେ ବାଘର ଉପସ୍ଥିତି କଏଦ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ଦେବ୍ରିଗଡ଼ ଅଭୟାରଣ୍ୟରେ ପୁଣି ମହାବଳ ବାଘର ଉପସ୍ଥିତି ସାମ୍ନାକୁ ଆସିଛି । ଅଭୟାରଣ୍ୟରେ ଲଗାଯାଇଥିବା ଆରବିଟି କ୍ୟାମେରାରେ ବାଘର ଉପସ୍ଥିତି ନେଇ ଚିତ୍ର କଏଦ ହୋଇଛି। ଏହା ସହ ପାଟ୍ରୋଲିଂ ବେଳେ ବନ କର୍ମଚାରୀମାନେ ମଧ୍ୟ ବାଘକୁ ଦେଖିଥିବା ସୂଚନା ମିଳିଛି। ଏହି ଘଟଣା ପରେ ବନ ବିଭାଗ ପକ୍ଷରୁ ଅଭୟାରଣ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସୂଚନା ଅନୁସାରେ, ଗତ ଚାରି ବର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଦେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘର ଉପସ୍ଥିତି ଠାବ ହୋଇଛି। ଡେବ୍ରୁଆଁ-ଲଖନପୁର ଜଙ୍ଗଲ ଦେଇ ବାଘଟି ଦେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି। ତେବେ ଏହି ବାଘଟିର ଉତ୍ପତି, ଲିଙ୍ଗ ଓ ବାଘଟି କେଉଁ ଅଞ୍ଚଳରୁ ଆସିଛି, ତାହାର ବୟସ ଏବଂ ଅନ୍ୟାନ୍ୟ ବିବରଣୀ ଜାଣିବା ପାଇଁ



ଟ୍ରାପ୍ କ୍ୟାମେରାରେ ଉତ୍ତୋଳିତ ଫଟୋକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ଏବଂ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ (ଡବ୍ଲୁଆଇଆଇ)କୁ ପଠାଯାଇ ବିଶ୍ଳେଷଣ କରାଯିବ। ବିଶେଷଜ୍ଞମାନେ ଫଟୋର ବିଶ୍ଳେଷଣ କରିବା ପରେ ଏହି ମହାବଳ ବାଘ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ। ଅନ୍ୟପକ୍ଷରେ ମହାବଳ ବାଘର ଉପସ୍ଥିତି ଜଣାପଡ଼ିବା ପରେ ଦେବ୍ରିଗଡ ଅଭୟାରଣ୍ୟରେ ବନ ବିଭାଗ ପକ୍ଷରୁ ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଏଥିପାଇଁ ୧୦୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବା ବେଳେ ଅଭୟାରଣ୍ୟର ସୀମା ଓ ବିଭିନ୍ନ ପାଟ୍ରୋଲିଂ ରାସ୍ତାରେ ପ୍ରତିଦିନ ୨୭ଟି ଟିମ୍ ନିୟୋଜିତ ହେଉଛନ୍ତି। ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ତିନିସ୍ତରୀୟ ଟିମ୍ ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଦେବ୍ରିଗଡ଼ରେ ମହାବଳ ବାଘର ପୁନଃ ଉପସ୍ଥିତି ବନ୍ୟପ୍ରାଣୀ ସଂରକ୍ଷଣ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ବିବେଚନା କରାଯାଉଛି ।



ଝରୀଗାଁରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୩ ରାସ୍ତାର ଶିଳାନ୍ୟାସ

ଝରୀଗାଁ, ନ୍ୟୁଜ୍ ବ୍ୟୁରୋ


ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (୨୦୨୫-୨୬)' ଅଧୀନରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ନିର୍ମାଣ ଓ ଉନ୍ନତିକରଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ଧମନାଗୁଡ଼ା ପଞ୍ଚାୟତର ଝରୀଗୁଡ଼ା ଛକ ଠାରୁ ଚାରଗାଁ, କାନକୋଟ ପଞ୍ଚାୟତର ଛାଟିଗୁଡ଼ା ଆଦିବାସୀ ସାହି ଠାରୁ ନିରୁଣ୍ଡି ଏବଂ ଧୋଡ୍ରା ପଞ୍ଚାୟତର ବିଏସ୍ ପଦର ଠାରୁ ହଳଦୀଗୁଡ଼ା ପର୍ଯ୍ୟନ୍ତ ମୋଟ୍ ତିନୋଟି ରାସ୍ତାର ନିର୍ମାଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଏବଂ ଝରୀଗାଁ ବିଧାୟକ ନରସିଂହ ଭତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାସ୍ତାଗୁଡ଼ିକର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ନିରୁପମା ଦୁରୁଆ, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ଗଣପତି ସାହୁ, ଧୋଡ୍ରା ମଣ୍ଡଳ ସଭାପତି ଭୁଜବଳ ଗୌଡ଼, ଗ୍ରାମ୍ୟ ଉନ୍ନୟନ (ଆର୍.ଡି.) ବିଭାଗର ଏସ୍‌ଡିଓ ଆଲୋକ କୁମାର ମଳିକ, ଏସିଷ୍ଟାଣ୍ଟ ଇଞ୍ଜିନିୟର ସୁବୋଧ ମୁଦୁଲିଙ୍କ ସମେତ ବହୁ ବିଜେପି କର୍ମୀ ଏବଂ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ତିନୋଟି ରାସ୍ତାର ନିର୍ମାଣ ଓ ଉନ୍ନତିକରଣ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଯାତାୟାତ ସମସ୍ୟା ଦୂର ହେବା ସହ ଗମନାଗମନ ଅଧିକ ସୁବିଧାଜନକ ହୋଇପାରିବ। ଏହାଦ୍ୱାରା ଗ୍ରାମାଞ୍ଚଳର ବିକାଶକୁ ଏକ ନୂତନ ଦିଗ ମିଳିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶାପ୍ରକାଶ କରିଛନ୍ତି।

ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଠ୧ଙ୍କ

ତା୧୧।୧୧।୨୦୨୬, କାର୍ତ୍ତିକ ଦ୨୬ନ, ବୁଧବାର

ସୂର୍ଯ୍ୟୋଦୟ- ଘ ୫।୫୪।୪୮ ଚନ୍ଦ୍ରୋଦୟ- ପ୍ରାଘ୭।୩୪।୧୯


ଦ୍ୱିତୀୟା ଦିଘ ୩।୫୫ ପର୍ଯ୍ୟନ୍ତ। ଅନୁରାଧା ନକ୍ଷତ୍ର ଦିଘ ୧୧।୪୦ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ଦିଘ ୩।୫୫ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୮ ଗତେ ଦିଘ ୮।୧୩ ମଧ୍ୟେ ଦିଘ ୧।୨୫ ଗତେ ଦିଘ ୩।୩୭ ମଧ୍ୟେ। **ପର୍ବୋତ୍ସବ-** ଯମ ଦ୍ୱିତୀୟା, ଭାତୃ ଦ୍ୱିତୀୟା।




ମେଷ: ମାନସିକ ଅସ୍ଥିରତା ମନକୁ ଭାରାକ୍ରାନ୍ତ କରିବ। ଚାକିରୀ କ୍ଷେତ୍ରରେ ସମସ୍ୟା ଦେଖାଦେବ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ରୋଜଗାର ସ୍ଥିର ରହିବ। ଘରେ କଳହ ଦେଖାଦେବ।



ବୃଷ: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ। ଆୟର ପରିମାଣ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି। ଦେବ ଦର୍ଶନର ସୁଯୋଗ ସୃଷ୍ଟି ହେବ।




ମିଥୁନ: ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଓ ମନ ଭଲ ରହିବ। ପ୍ରତୀକ୍ଷିତ ଖବରଟି ଆପଣଙ୍କୁ ମିଳିପାରେ। ରୋଜଗାର ଭଲ ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ।



କର୍କଟ: ସାଧନାରେ ସିଦ୍ଧି ଲାଭ କରିବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ମହିଳାମାନେ ସୁଖୀ ହେବେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆୟର ପରିମାଣ ବଢ଼ିବ। ଘରେ ଆନନ୍ଦ ଲାଭ।




ସିଂହ: ଅସୁସ୍ଥତାରୁ ଉପଶମ ମିଳିବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ହୋଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତି ଲାଭ କରିବେ।



କନ୍ୟା: ସାମାଜିକ ସ୍ତରରେ ସମ୍ମାନର ଅଧିକାରୀ ହେବେ। ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟର ପରିମାଣ ବଢ଼ିବ। ପାରିବାରିକ ଜୀବନ ସୁଖମୟ ହେବ।




ତୁଳା: ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ। ବ୍ୟୟର ପରିମାଣ ଅଧିକ ହେବ। ଘରେ କଳହ ଦେଖାଦେବ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମନ ଅସ୍ଥିର ରହିବ ।




ବିଛା: ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଅଟକି ରହିଥିବା କାମଟି ସମ୍ପୂର୍ଣ୍ଣ ହେବ। ଏଥି ସହିତ ନୂତନ କାମ ମଧ୍ୟ ମିଳିପାରେ। ଆର୍ଥିକ ସ୍ଥିତି ଭଲ ରହିବ। ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ ।



ଧନୁ: ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଧନ ଲାଭର ସୁଯୋଗ ଜୁଟିପାରେ। ଗୃହେ ଖୁସିର ବାତାବରଣ ଲାଗି ରହିବ। ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ। ଭ୍ରମଣ ମଧ୍ୟ କରିପାରନ୍ତି।



ମକର: ମାନସିକ ଅଶାନ୍ତି ଦୂର ହେବ। ଶତ୍ରୁ ପରାଜିତ ହେବେ। ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ। ଆୟ ଓ ବ୍ୟୟ ସମାନ ରହିବ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ। ଘରେ ଶାନ୍ତି ଲାଭ।



କୁମ୍ଭ: ଆୟର ପରିମାଣ ବଢ଼ିବ। ପାରିବାରିକ ଜୀବନ ସୁଖପ୍ରଦ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦରେ ଦିନଟି ବିତିବ। ଦେବ ପୂଜା ସହ ଦର୍ଶନର ସୁଯୋଗ।



ମୀନ: କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ। ଅପେକ୍ଷା କରିଥିବା ଖବରଟି ହଠାତ୍ ପାଇ ଖୁସି ହେବେ। ଶରୀର ସୁସ୍ଥ ରହିବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଠ୧ଙ୍କ

ତା୧୨।୧୧।୨୦୨୬, କାର୍ତ୍ତିକ ଦ୨୭ନ, ଗୁରୁବାର

ସୂର୍ଯ୍ୟୋଦୟ- ଘ ୫।୫୫।୨୦ ଚନ୍ଦ୍ରୋଦୟ- ଦିଘ୮।୨୯।୨୪

ତୃତୀୟା ସଂଘ ୬।୧୧ ପର୍ଯ୍ୟନ୍ତ। ଜ୍ୟେଷ୍ଠା ନକ୍ଷତ୍ର ଦିଘ ୨।୨୦ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର ଦିଘ ୨।୨୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। ଦିଘ ୨।୨୦ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** ଦିଘ ୨।୨୦ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ସଂଘ ୬।୧୧ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୮ ଗତେ ଦିଘ ୭।୩୦ ମଧ୍ୟେ ।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

ଏଚ୍‌ଏସ୍‌ବିସି ଚୀନ ତୁଳନାରେ ଭାରତକୁ ଅଧିକ ପସନ୍ଦ କରିଛି

ଅନ୍ତର୍ଜାତୀୟ ବଜାର ଏବେ ଏଆଇ ଓ ଶକ୍ତି ମୂଲ୍ୟରେ ଅନିଶ୍ଚିତତାକୁ ନେଇକୁ ଘେରି ରହିଛି। ଏହା ଭିତରେ ଭାରତର ମଜବୁତ ଆର୍ଥିକ ସ୍ଥିତି ସାରା ଦୁନିଆରେ ନିବେଶକଙ୍କର ଧ୍ୟାନ ପୁଣିଥରେ ନିଜ ଆଡକୁ ଆକର୍ଷିତ କରୁଛି। ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଫର୍ମ HSBCର ଭାରତୀୟ ସେୟାରର ରେଟିଂକୁ 'ନ୍ୟୁଟ୍ରାଲ'ରୁ ବଢାଇ ଓଭରୱେଟ୍ କରି ଦେଇଛି। ଏହା ବଦଳରେ ଚୀନର ରେଟିଂରେ କାଟ୍ କରି ତାକୁ 'ନ୍ୟୁଟ୍ରାଲ' କାଟାଗୋରୀରେ ରଖିଛି। HSBCର ଏହି ଭରସା ସହିତ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଏମ୍‌ଡି ଓ ସିଇଓ ଆଶିଷ କୁମାର ଚୌହାନ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ୭.୫% ଜିଡିପି ଗ୍ରୋଥ୍, ମଜବୁତ ଟ୍ୟାକ୍ସ, ରେଭିନ୍ୟୁ, ଇନଫ୍ରାଷ୍ଟ୍ରକଚର ଉପରେ ବଢୁଥିବା ଖର୍ଚ୍ଚ ଓ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ର ଫେରୁଥିବା ଭରସା ଭାରତର ବିକାଶ ଯାତ୍ରାକୁ ଆହୁରି ଗତି ଦେବ। ଏହା ଭାରତୀୟ ସେୟାର ବଜାର ପାଇଁ ଏକ ବଡ଼ ସକାରାତ୍ମକ ସଙ୍କେତ। HSBCର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଏସୀୟ ବଜାରରେ AI ଆଧାରିତ କମ୍ପାନୀଗୁଡ଼ିକର ପ୍ରଭାବ ବଢୁଥିବା ବେଳେ ଭାରତ ନିବେଶକଙ୍କୁ ଏକ ସ୍ଥିର ଓ ବିବିଧ ବିକଳ୍ପ ପ୍ରଦାନ କରୁଛି। ଭାରତୀୟ କମ୍ପାନୀଗୁଡ଼ିକର ଆୟରେ ଉନ୍ନତି ଏବଂ ସେୟାରଗୁଡ଼ିକର ଉପଯୁକ୍ତ ମୂଲ୍ୟାୟନ ନିବେଶକଙ୍କୁ ଆକର୍ଷିତ କରୁଛି। ଅନ୍ୟପଟେ ଚୀନର ଅର୍ଥନୀତି ଅନେକ ଆହ୍ୱାନର ସାମ୍ନା କରୁଛି। ସେଠାକାର ପ୍ରପର୍ଟି ବଜାରରେ ଚାପ, ଗ୍ରାହକଙ୍କ ଦୁର୍ବଳ ଆତ୍ମବିଶ୍ୱାସ ଏବଂ ଘରୋଇ ନିବେଶରେ ମନ୍ଥରତା ନିବେଶକଙ୍କ ଚିନ୍ତା ବଢ଼ାଇଛି। ଏହି କାରଣରୁ HSBC ଚୀନ ତୁଳନାରେ ଭାରତକୁ ଅଧିକ ପସନ୍ଦ କରିଛି। ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ ଏବଂ ମଧ୍ୟପ୍ରାଚ୍ୟ ଉତ୍ତେଜନା ଭଳି ଚ୍ୟାଲେଞ୍ଜ ସତ୍ତ୍ୱେ, ଭାରତୀୟ ଅର୍ଥନୀତି ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶନ କରିଛି। HSBC ସ୍ପଷ୍ଟ କରିଛି ଯେ ଭାରତର କରେଣ୍ଟ ଆକାଉଣ୍ଟ ନିଅଣ୍ଟ (CAD) ନିୟନ୍ତ୍ରଣ ବାହାରକୁ ଯାଇନାହିଁ। ଏହା ମୁଖ୍ୟତଃ ଦେଶର ଶକ୍ତିଶାଳୀ ସେବା ରପ୍ତାନି ଯୋଗୁଁ, ଯାହା AI ର ଆଗମନ ଦ୍ୱାରା ପ୍ରତିକୂଳ ପ୍ରଭାବିତ ହୋଇନାହିଁ। ଏହା ବ୍ୟତୀତ, କର୍ପୋରେଟ୍ ରାଜସ୍ୱ ବୃଦ୍ଧି, ଅଟୋ ବିକ୍ରୟରେ ବୃଦ୍ଧି, ଘରୋଇ ଋଣରେ ପୁନରୁଦ୍ଧାର ଏବଂ ଭିତ୍ତିଭୂମି ଉପରେ ସରକାରଙ୍କ ନିରନ୍ତର ଖର୍ଚ୍ଚ ଦର୍ଶାଉଛି ଯେ ଭାରତ ବିଶ୍ୱରେ ବିପଦ ସତ୍ତ୍ୱେ ଏହାର ଗତି ବଜାୟ ରଖିଛି। HSBC ଭାରତୀୟ ବ୍ୟାଙ୍କ, କଞ୍ଜୁମର ଗୁଡସ୍, ଇଣ୍ଡଷ୍ଟ୍ରିଆଲ, ଇନସ୍ୟୁରାନ୍ସ ଓ ହସ୍ପିଟାଲ ସେକ୍ଟରରେ ନିବେଶକୁ ଭଲ ସୁଯୋଗ ମିଳିବା କଥା କୁହାଯାଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (NSE)ର ଏମ୍‌ଡି ଓ ସିଇଓ ଆଶିଷ କୁମାର ଚୌହାନ ମଧ୍ୟ ଭାରତୀୟ ଅର୍ଥନୀତିକୁ ନେଇ ଆଶାବାଦୀ ମତ ରଖିଛନ୍ତି। ତାଙ୍କ ଅନୁସାରେ, ଭାରତ ବିଶ୍ୱର ସବୁଠାରୁ ଦ୍ରୁତଗତିରେ ବଢୁଥିବା ପ୍ରମୁଖ ଅର୍ଥନୀତି ଭାବେ ନିଜର ସ୍ଥିତି ବଜାୟ ରଖିଛି। ବର୍ଷକୁ ୭.୫ ପ୍ରତିଶତ GDP ଅଭିବୃଦ୍ଧି ହାର ଦେଶର ଆର୍ଥିକ ଶକ୍ତିକୁ ଦର୍ଶାଉଛି। ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ଆମଦାନି କରୁଥିଲେ ମଧ୍ୟ ମଜଭୁତ ଟ୍ୟାକ୍ସ କଲେକ୍ସନ୍ ଯୋଗୁଁ ରାଜକୋଷୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇଛି। ଏହା ଫଳରେ ସରକାର ଭିତ୍ତିଭୂମି ବିକାଶ ଓ ନିଯୁକ୍ତି ସୃଷ୍ଟି ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିପାରୁଛନ୍ତି।ଏହା ସହିତ ନୂଆ ସମ୍ବତ୍ସର ଆରମ୍ଭ ପୂର୍ବରୁ ବିଦେଶୀ ସଂସ୍ଥାଗତ ନିବେଶକ (FII)ଙ୍କ ଭାରତୀୟ ବଜାରକୁ ପୁନରାଗମନ ଏକ ସକାରାତ୍ମକ ସଙ୍କେତ ବୋଲି ସେ କହିଛନ୍ତି। ଆଶିଷ କୁମାର ଚୌହାନଙ୍କ ଅନୁସାରେ, ଭାରତର ଘରୋଇ ଆର୍ଥିକ ସଞ୍ଚୟ ବାର୍ଷିକ ପ୍ରାୟ ୧.୪ ଟ୍ରିଲିୟନ୍ ଡଲାରରେ ପହଞ୍ଚିଛି। ଏହି ସଞ୍ଚୟ ବିଦେଶୀ ପୁଞ୍ଜିର ଆଗମନ ଓ ପ୍ରତ୍ୟାହାର ମଧ୍ୟରେ ଭାରତୀୟ ବଜାରକୁ ସ୍ଥିରତା ପ୍ରଦାନ କରୁଛି। ଅନ୍ୟପଟେ NSE ନିଜର ଟେକ୍ନୋଲୋଜିକୁ ଆହୁରି ଉନ୍ନତ କରି ନାନୋସେକେଣ୍ଡ ସ୍ତରର ରେସ୍ପନ୍ସ ସ୍ପିଡ୍ ହାସଲ କରିଥିବା ଦାବି କରିଛି। ଏହା ସହିତ ରିଟେଲ୍ ନିବେଶକଙ୍କ ପାଇଁ AI ଆଧାରିତ ଆନାଲିଟିକ୍ସ ଓ ମୋବାଇଲ୍ ଆପ୍ରେ ଉନ୍ନତି ଭଳି ସୁବିଧା ମଧ୍ୟ ଯୋଡ଼ାଯାଇଛି। ସେୟାର ବଜାରରେ ନୂଆ ଭାବେ ପ୍ରବେଶ କରୁଥିବା ଓ ଛୋଟ ନିବେଶକଙ୍କୁ ଆଶିଷ କୁମାର ଚୌହାନ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଟିପ୍ସ ଆଧାରରେ ସେୟାର କିଣିବା, ଡେରିଭେଟିଭ୍ସ (F&O) ଓ ଇଣ୍ଟ୍ରାଡେ ଟ୍ରେଡିଂ ଭଳି ଅଧିକ ବିପଦପୂର୍ଣ୍ଣ କାରବାରରୁ ଦୂରେଇ ରହିବା ଉଚିତ୍ ବୋଲି ସେ କହିଛନ୍ତି। ତାଙ୍କ ମତରେ, ନିବେଶକମାନେ ଅଳ୍ପ ସମୟରେ ଅଧିକ ଲାଭ ପାଇବା ଆଶା ନକରି ଦୀର୍ଘମିଆଦୀ ନିବେଶ ଉପରେ ଗୁରୁତ୍ୱ ଦେବା ଦରକାର।



(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଚିନ୍ତା ଚିତା

ଶ୍ରଦ୍ଧେୟ ଭକ୍ତବୃନ୍ଦ କଥାରେ ଅଛି "ଚିନ୍ତା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି" ତେଣୁ ହେ ଭକ୍ତ ଏହି ଚିତା ଜିବକୁ ଏକା ଥରକେ ପୋଡି ଜାଳି ପାଉଁଶ କରି ଦେଇଥାଏ। ସକଳ ଚିନ୍ତାକୁ ସେ ଏକାଥରକେ ଭସ୍ମୀଭୂତ କରିଦେଇଥାଏ। କିନ୍ତୁ ଏହି ଚିନ୍ତା ମାନବକୁ ପ୍ରତି ମୂହୁର୍ତ୍ତରେ ମୃଦୁ ମୃଦୁ କରି ପୋଡି ଚାଲିଥାଏ। ନ ମରିକି ବି ସେ ପ୍ରତି ମୂହୁର୍ତ୍ତରେ ମରୁଥାଏ। ଏବଂ ପୋଡୁଥାଏ। ଏହା ହେଉଛି ଜୀବ ଜଗତରେ ସ୍ୱଭାବିକ ଗତି କିନ୍ତୁ ଭକ୍ତ ଏଇ ଦୁଇଟିର ଉର୍ଦ୍ଧରେ ଥାଏ। ସେ ଦୁଇଟି ହେଲା (ଚିନ୍ତା ଓ ଚିତା)ସେତ ଅଚିନ୍ତାକୁ ଧ୍ୟାନ ରଖିଥାଏ। ତାକୁ ଏ ଚିନ୍ତା ଚିତାରୁ କଣ ମିଳିବ। ତେଣୁ ହେ ଭକ୍ତ ହେ ଶିଷ୍ୟ ଥରେ ସେ ଅଚିନ୍ତ୍ୟ ପଦ୍ମପାଦରେ ଶରଣ ନେଇ ସାରିଲା ପରେ ସେହି ଅଭୟ ପଦ୍ମ ପାଦକୁ ଜାବୁଡି ଧରି ପଛକୁ ଅନାଇଲେ ଭୟଙ୍କର ପଶ୍ଚାତପତ ହେବାକୁ ପଡିବ। ଭୟ ପୁଣି ତୁମକୁ ବାରମ୍ୱାର ଭୟଭୀତ କରାଇବ। ତେଣୁ ବାଳକେ ମୋର ବୋଲ କର ବେଳହୁଁ ଗୋବିନ୍ଦ ସୁମର, ତେଣୁ ଏ ସଂସାରରେ ମୋହମାୟାର ଜାଲରେ ଛନ୍ଦି ନ ହୋଇ ପରମପିତା ପଂରବ୍ରହ୍ମ ଶରଣରେ ରୁହ, ନିଷ୍ଠାର ସହିତ ପ୍ରଭୁଙ୍କ କାର୍ଯ୍ୟ କର। ପ୍ରତିଭା କୁ ଜାଗ୍ରତ କର କିନ୍ତୁ ପ୍ରତିଷ୍ଠାକୁ ନୁହେଁ କାରଣ ପ୍ରତିଷ୍ଠା ହେଉଛି ଶୁକରୀ ବିଷ୍ଠା ସଦୃଶ। ତେଣୁ ହେ ଭକ୍ତ ଚିନ୍ତା ଓ ଚିତାକୁ ଛାଡି ଚୈତନ୍ୟକୁ ଜାଗ୍ରତ କରି ଚିନ୍ତା ଓ ଚିତା ଗଣ୍ଡିରୁ ବାହାରି ଆସି ମୃତ୍ୟୁ ମା ଅମୃତ ଗମୟଃ ରାସ୍ତାରେ ମାଡିଚାଲ ତମେସୌ ମା ଜ୍ୟୋର୍ତିର୍ଗମୟ ଆଲୋକରେ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ହେଉଛି ଭକ୍ତର କର୍ତ୍ତବ୍ୟ, ନଚେତ୍ ଭ୍ରମରେ ପଡି ଉବୁଟୁବୁ ହେଉଥିବା

ସିନ୍ଦୂରର ବୈଧତା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସେଦିନ ଥିଲା ରବିବାର ସକାଳ। ହରିପୁର ଗାଁ ମୁଣ୍ଡରେ ଥିବା ବୁଧେଇ ଠାକୁରାଣୀଙ୍କ ଦେଉଳ ଚକଡ଼ାରେ ହୋଇଥିଲା ବେଶ୍ ଲୋକ ଭିଡ଼। କାରଣଟା ଥିଲା ସେଠାର ବ୍ରିଟିଶ ରାଜତ୍ୱ ବେଳର ପୁରୁଣା ମକଦ୍ଦମା ସ୍ୱର୍ଗତ ମାଧବାନନ୍ଦ ଦାସ ଓରଫ୍ ମଧୁ ସାଆନ୍ତଙ୍କ ସୁପୁତ୍ର ବନବିହାରୀଙ୍କର ବିଚାର ଆରମ୍ଭ। ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ନ୍ୟାୟପଞ୍ଚଙ୍କ ସମେତ ଅନ୍ୟ ସଭ୍ୟମାନେ ବି ସେଠାରେ ଉପସ୍ଥିତ ରହିଥିଲେ। ସରପଞ୍ଚ ନିଧି ପ୍ରଧାନଙ୍କ ବୟସ ଥିଲା ପ୍ରାୟ ସତୁରୀ ପାଖାପାଖି। ତାଙ୍କ ମୁଣ୍ଡବାଳଗୁଡ଼ାକ ପାଚି ଯାଇଥିଲେ ବି କଳାରଙ୍ଗ ବୋଳା ଯାଇଥିବାରୁ ବେଶ୍ ଝଲମଲ ଦେଖାଯାଉ ଥିଲା। ସେଥିରେ ପୁଣି ଛାମୁ ଦାନ୍ତଗୁଡ଼ାକ ତାଙ୍କର ପଡ଼ିନାହିଁ। ପିନ୍ଧିଥିବା କୁଞ୍ଚକରା ଶାନ୍ତିପୁରୀ ଲୁଗା ସହ ନାଲି ରଙ୍ଗର ସିଲ୍‌କି ପଞ୍ଜାବିଟା ତାଙ୍କର ଗୋରା ଦେହକୁ ବି ବେଶ୍ ମାନୁଥିଲା। କପାଳରେ ଦାଉଦାଉ ହୋଇ ଝଲସୁଥିଲା ବୁଧେଇ ଠାକୁରାଣୀଙ୍କର ଦେହଲଗା ସିନ୍ଦୂର ସହ ବେକରେ ଦୋହଲୁଥିଲା ମଲ୍ଲିଫୁଲର ଗଜରା ହାର। ଗୋଟାଏ ବେତବୁଣା ଆରାମ ଚୌକିରେ ଅର୍ଦ୍ଧଶାୟିତ ଅବସ୍ଥାରେ ଥିଲେ ନିଧି ପ୍ରଧାନେ। ମହୁଲି ମଦ ଗନ୍ଧ ହେତୁ ମୁହଁରେ ମାଛିଗୁଡ଼ାଏ ଭଣ ଭଣ ହୋଇ ଉଡୁଥିଲେ ବି ବୋଲକରା ଦୁଇଟା ଗାମୁଛାରେ ସେମାନଙ୍କୁ ହୁରାଡ଼ି ଦେବାରେ ବ୍ୟସ୍ତ ଥିଲେ। ତେବେ ପ୍ରଧାନେ ଜବାବ ଦେବାରେ ଭୁଲ୍ କରୁନଥିବା ତାଙ୍କ କଥାରୁ ବେଶ୍ ଜଣାପଡୁଥିଲା। କଣ୍ଡାବାଡ଼ରେ ଲୁଗାପକାଇ କଳି କରୁଥିବା ନିତେଇ ମା ଏଥରକ ନ୍ୟାୟ ପଞ୍ଚ ପଦ ପାଇଛି। ସେ ହାକିମ ମୁହଁରେ ଜବାବ୍ ଦେବାର ଲୋକ। ପୁଲିସ ବାଲାଏ ବି ତାକୁ ଡରନ୍ତି। ତାର ୧୬ବର୍ଷର ପୁଅ ନିତ୍ୟାନନ୍ଦ ଯୋଗୁ ହିଁ ସେ ନିତେଇ ମା ନାମରେ ଗାଁରେ ସେ ପରିଚିତ। କୋଇଲା ଭଳି ରଙ୍ଗ ହେଲେ ବି ଦେହଟା ତାହାର ବାଉଁଶ କଣି ଭଳି ସରୁ। ପୁଣି ତାର ଦମ୍ ଦମ୍ ଚାଲିରେ ଗାଁ ଦାଣ୍ଡ ଉଠେପଡ଼େ। ଗାଁରେ କାହାର ବାହା, ବ୍ରତ, ଶୁଦ୍ଧିଘର ଇତ୍ୟାଦି ସହ କଳିକଜିଆ ହେଲେ ବି ଘରେ ସେଠାରେ ତାହାର ହାଜିରା ଆଗ। ସବୁଠାରେ ତାର ରୋକଠୋକ କଥା। ତାର ମର୍ଦ୍ଦ ଦିନବନ୍ଧୁ ଓରଫ୍ ଦିନା ୭ବର୍ଷ ହେଲା ଆରପାରିକୁ ଚାଲିଯାଇଛି। ବିଧବା ହେଲେ ବି ସେ ଖଡୁକାଚ ନାହେ। ସବୁବେଳେ କପାଳରେ ସିନ୍ଦୂର କଲିଟାଏ ଝଟକୁ ଥାଏ। ପଚାରିଲେ ଉତ୍ତର ମିଳେ ତାହା ବୁଧେଇ ଠାକୁରାଣୀଙ୍କର ଦେହଲଗା ପ୍ରସାଦ। ଗାଁର କେତେଟା ବଗୁଲିଆ ଟୋକା ତାକୁ ଦେଖି ଛିଗୁଲେଇ ଡାକନ୍ତି "ଆଲୋ ନିତେଇ ମା ସଉରୁଣୀ! ଲାଗେ, ଲାଗେ ଲାଗେ ଲୋ ଝଟ୍ କରି ଲାଗିଯା" ଇତ୍ୟାଦି। ଏତିକିରେ ନାଗୁଣୀ ଭଳି ଲାଞ୍ଜରେ ଠିଆ ହୋଇ ସେ ଗାଳି ଆରମ୍ଭ କରିଦିଏ। ତାର ଗାଳି ଆରମ୍ଭ ହେଲେ ଟୋକାଗୁଡ଼ାକ କିଏ କୁଆଡ଼େ ଦୌଡ଼ି ପଳାନ୍ତି। ବେଶି ଚିଡ଼ାଇଲେ ସେ ବାଡ଼ିଟାଏ ଧରି ତାଙ୍କ ପଛରେ ଗୋଡ଼ାଏ। ହାବୁଡ଼େ ପଡ଼ି ଜଣେ ବା ଦିଜଣ ତାଠାରୁ ମାଡ଼ ବି ଖାଇଛନ୍ତି। ହେଲେ ସେଥିପାଇଁ ସେମାନଙ୍କର ଖାତିର ନଥାଏ। ମାଡ଼ ଖାଇଲେ ବି ପାଟିରେ ହୁଇସିଲ ମାରି ପୁଣି ସେଥିରୁ ଦୁଇପଦ ବୋଲି କିଏ କୁଆଡ଼େ ପଳାଇଯାନ୍ତି। ନିତେଇ ମା ତାଙ୍କ ପଛରେ ଆଉ ଦୌଡ଼ି ପାରେନାହିଁ। ହେଲେ ତା ପାଟିରୁ ଗାଳି ବାହାରୁ ଥାଏ। ତାହାର ଏପରି ସାହସିକତାକୁ ଦେଖି ଗାଁ ଲୋକେ ତାକୁ ଏଥର ଭୋଟ ଦେଇ ନ୍ୟାୟପଞ୍ଚ କରାଇଛନ୍ତି। ସେଠାର ଏହି ଦୁଇ ପଦସ୍ଥ ଲୋକଙ୍କ ଛଡ଼ା ଗାଁ ଚାଟଶାଳୀର ଗୁରୁମାମାନେ, ବୋହୂ, ଅଭିଆଡ଼ିଙ୍କ ଠାରୁ ବୁଢ଼ି, ବୁଢ଼ା, ଗାଁ ଟୋକାଦଳଙ୍କର ଆଜି ସେଠାରେ ମେଳ। ସଭା ପାଇଁ ବୁଧେଇ ଠାକୁରାଣୀଙ୍କ ପୀଠରେ ସକାଳୁ ଖନ୍ଦାଳ ଆରମ୍ଭ ହୋଇଛି। ସେଥିପାଇଁ ଆଜି ସମସ୍ତଙ୍କ ଘରେ ରୋଷେଇ ବନ୍ଦ।

ସଭା ଡକା ହେବାର କାରଣ ହେଲା ଯେ ପୁରୁଣା ମକଦ୍ଦମା ସ୍ୱର୍ଗତ ମାଧବାନନ୍ଦ ଦାସଙ୍କ ପୁଅ ବନବିହାରୀ ଓରଫ୍ ବନା ଗାଁର ସୁଲେଇ ଓରଫ୍ ସୁଲୋଚନାକୁ ଟିଉସନ୍ କରୁଥିଲା। ସୁଲେଇ ଗାଁ ଚାଟଶାଳୀରୁ ପାଠ ଶେଷ କରି ପାଖ ସ୍କୁଲରେ ନାମ ନ ଲେଖାଇ ଟିଉସନରେ ଘରୋଇ ଛାତ୍ରୀ ଭାବରେ ମାଟ୍ରିକ୍ ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେଉଥିଲା। ସ୍କୁଲ ନଯିବାର କାରଣ ଥିଲା ଯେ ସେ ଗଲାବେଳେ କେତେଟା ବଗୁଲିଆ ଟୋକା ତାକୁ ବାଟରେ ବହୁ ହଇରାଣ କରୁଥିଲେ। ତେଣୁ ସ୍କୁଲ ଯିବା ବନ୍ଦ କରି ଘରୋଇ ଭାବରେ ସେ ମାଟ୍ରିକ ପରୀକ୍ଷା ଦେବାପାଇଁ ତାର ବାପା ଓ ମା ନିଷ୍ପତ୍ତି ନେଇଥିଲେ। କଲେଜ ଦୁଆର ବର୍ଷେ ପର୍ଯ୍ୟନ୍ତ ମାଡ଼ିଥିବା ବନବିହାରୀ ଥିଲା ତା'ର ଟିଉସନ ସାର୍। ସୁଲେଇର ବାପା କୋଲକତା ଚଟ କଳରେ କାମ କରି ବେଶ୍ ରୋଜଗାର କରୁଥିଲେ। ଘରେ ଥିଲେ ସୁଲେଇର ମା ଓ ତାର ଛୋଟ ଭାଇ ରାମ। ବନବିହାରୀ ଯେତେବେଳେ ଟିଉସନ ସାର୍ ତେଣୁ ସେ ସୁଲେଇ ଘରର ପ୍ରାୟ ସବୁ କଥା ବୁଝୁଥିଲା। ଥରେ ପୁରୀରେ ଠାକୁରଙ୍କ ସ୍ନାନଯାତ୍ରା ଦେଖିବା ପାଇଁ ସୁଲେଇର ମା ଭାଇ ସହ ପାଖ ପଡ଼ିଶା ଘରର ଲୋକମାନଙ୍କୁ ମିଶାଇ ପ୍ରାୟ ଦଶଜଣ ଶଗଡ଼ଗାଡ଼ିରେ ପୁରୀ ଯାଇଥିଲେ। ସେମାନଙ୍କ ସାଙ୍ଗରେ ଥିଲେ ବନବିହାରୀ। ଯିବା ବାଟରେ ଭଲମନ୍ଦ ବୁଝିବା ପାଇଁ ତାକୁ ସାଙ୍ଗରେ ନିଆଯାଇଥିଲା। ସ୍ନାନମଣ୍ଡପରେ ଠାକୁରଙ୍କୁ ଦର୍ଶନ ସାରି ମନ୍ଦିର ବେଢ଼ା ବୁଲିଲା ବେଳେ ବନବିହାରୀ ଲକ୍ଷ୍ମୀଙ୍କ ମନ୍ଦିରରୁ ସିନ୍ଦୂର ଟୋପାଏ ଆଣି ସୁଲେଇର କପାଳରେ ଲଗାଇ ଦେଲା। ଷୋଳ ବର୍ଷ ସୁଲେଇର ଗୋରା କପାଳରେ ସିନ୍ଦୂର ଟୋପାଟା ବେଶ୍ ଝଲସି ଉଠିଲା। ଏଥିରେ ଦୁହିଁଙ୍କର ମୁରୁକି ହସଟା ସାଥିରେ ଯାଇଥିବା ଗାଁର ମାଇପି ଦଳଙ୍କ ଆଖିରୁ ଏଡ଼ାଇ ଗଲା ନାହିଁ। ହେଲେ ସେଠାରେ କେହି କିଛି କହିଲେ ନାହିଁ। ଠାକୁର ଦର୍ଶନ ସାରି ଆନନ୍ଦବଜାରରେ ସଭିଏଁ ବସି ଅଭଡ଼ା ଖାଇ ପୁରୀରୁ ଫେରିଆସିଲେ।

ସୁଲେଇ କପାଳରେ ବନବିହାରୀ ସିନ୍ଦୂର ଦେବା କଥାଟା ଗାଁରେ ବେଶ୍ ଆଲୋଚନା ଜମେଇ ଦେଲା। ଷୋହଳ ବର୍ଷର ବ୍ରାହ୍ମଣ ଅଭିଆଡ଼ି ଝିଅ ସୁଲେଇ କପାଳରେ ଗୋପାଳ ଘର ପୁଅ ବନବିହାରୀର ସିନ୍ଦୂର ଟୋପା ଦେବା କଥାଟା ଗାଁରୁ ପାଖ ଗାଁକୁ ବିଜୁଳି ବେଗରେ ଚହଟି ଗଲା। ଛତିଶ ବର୍ଷର ବନବିହାରୀ ପୁଣି ବାହା ହୋଇଛି। ପୁଣି ଦୁଇଟି ଛୋଟ ପିଲା। ପୁଅ ଆଉ ଝିଅଟିଏ। ଗୋପାଳ ଘର ପୁଅ ବନବିହାରୀର ବ୍ରାହ୍ମଣ ଝିଅ ସୁଲେଇର କପାଳରେ ସିନ୍ଦୂର ଦେବାଟା ଠିକ୍ ହେଲାନାହିଁ ବୋଲି ଗାଁ ପୋଖରୀ କୂଳ ଗାଧୁଆତୁଠରେ ମାଇପିମାନଙ୍କ ମେଳରେ ପ୍ରତିଦିନର ଆଲୋଚନା କଥା ଥିଲା। ଏବେ ସୁଲେଇ ତାର ଶିକ୍ଷାଗୁରୁ ଗୋପାଳ ପୁଅ ବନବିହାରୀର ସ୍ତ୍ରୀ ହେବାକୁ ବାଧ୍ୟ। ମାତ୍ର ବାଧକ ହେଲା ଜାତି, ବୟସ ଓ ତାର ନିଜ ପରିବାର। ଏପରି କଥା ଶୁଣି ଗାଁ ବ୍ରାହ୍ମଣସାହିର ଟୋକା ଦଳ ସୁଲେଇ, ତାର ମା ଓ ଭାଇଙ୍କୁ ଏକ ଘରକିଆ ରଖିଦେଲେ। ସେମାନଙ୍କ ପାଇଁ ହେଲା ଗାଁରେ ନିଆଁ, ପାଣି ବନ୍ଦ। ବ୍ରାହ୍ମଣ କୂଳର କେହି ତାହାସହ ଆଉ ମିଶିଲେ ନାହିଁ। ସେମାନେ କଥାଟାକୁ ଗ୍ରାମ ପଞ୍ଚାୟତରେ ଦରଖାସ୍ତ ଦେଇ ଫେରାଦ ହୋଇଗଲେ। ଏପରି ଖବର ପାଇ ଚଟକଳ କାମରୁ ସୁଲେଇର ବାପା ହରିହର ବି ଗାଁରେ ଆସି ହାଜର ହେଲେ। ମାତ୍ର ବ୍ରାହ୍ମଣକୁଳ ଯିଦ୍ ଧରିଥିଲେ ଯେ ଯଦି ବାହା ନହେବ ତେବେ ସୁଲେଇର ପରିବାର ଅନ୍ୟ ଗାଁରେ ଯାଇ ରହନ୍ତୁ। ମାତ୍ର ସୁଲେଇ ଓ ତା ପରିବାର ଏପରି ପ୍ରସ୍ତାବରେ ଆଦୌ ରାଜି ନଥିଲେ। ତା ମାଆ ପଚାରିବାରୁ ସୁଲେଇ କହିଲା ଯେ ସାର୍ ବାହା କଥା ନକହି ତା କପାଳରେ ସିନ୍ଦୂର ଦେବା କଥା ଆଗରୁ କହୁଥିଲେ। ମାତ୍ର ତାର ଅର୍ଥ କିଛି ଜାଣି ନଥିବାରୁ ସେ କାହାକୁ ତାହା କହୁନଥିଲା। ଏବେ ଦେଖୁଛି ଯେ ଗୁରୁଜୀଙ୍କର ଉଦ୍ଦେଶ୍ୟ କଣ ଥିଲା? ଏଣେ ନେଡିଗୁଡ଼ କହୁଣିକୁ ବହି ଯିବା ଉପରେ ହେଲାଣି। ଏଥିରେ କଣ କରାଯାଇପାରିବ? ମା ଝିଅ ବସି ବହୁ ଚିନ୍ତା କଲେ। ହେଲେ କିଛି ଥଳକୂଳ ପାଇଲେ ନାହିଁ। ବୟସରେ ବହୁ ତଫାତ୍ ଓ ଜାତି ଅଲଗା ହେତୁ ବ୍ରାହ୍ମଣ କନ୍ୟା ସୁଲେଇକୁ ବେଦୀରେ ବସି ବିବାହ କରାଇବା ଠିକ୍ ନୁହେଁ ବୋଲି ନ୍ୟାୟପଞ୍ଚ ନିତେଇମା ଜୋର୍ କରି ସଭାରେ କୁହାଟ ଦେଇ କହିଲା। ତେବେ ସେ ନିଷ୍ପତ୍ତି ଦେଲା ଯେ ସୁଲେଇ ନାମରେ ମରଦପୁଅ ବନବିହାରୀ ପାଞ୍ଚ ଏକର ଦୋଫସଲି ଚାଷ ଜମି ସହ ଡାକଘରେ ଏକଲକ୍ଷ ଟଙ୍କା ଜମା ରଖିବାକୁ ପଡ଼ିବ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଅଗଣାରେ ଅଭିଆଡ଼ି ସୁଲେଇ କପାଳରେ ସିନ୍ଦୂର ମରା ଘଟଣାକୁ ଆଦୌ ବଦଳାଇ ହେବନାହିଁ। କୌଣସି ଆଇନ୍ କାନୁନ୍ ସେଥିପାଇଁ ଲାଗୁ ନୁହଁ। ତାହା ଧର୍ମଭିତ୍ତିକ। ଯଦି କେହି ଅମଡ଼ା ଯାଆନ୍ତି ତେବେ ତାହା ମହାପ୍ରଭୁଙ୍କ ଦ୍ରୋହ ବୋଲି ଗଣାଯିବ। ସବୁଆଡୁ ସେ ହେବ ବାସନ୍ଦ। ଏହା ହେଉଛି ଆମ ସଭିଙ୍କ ପ୍ରତି ମହାବିପତ୍ତି। କେତେବେଳେ କେଉଁ ଅଘଟଣ ଘଟିଯିବ ତାହା କହିହେବ ନାହିଁ। ଏଥିରେ କେହି ଉଁ କି ଚୁଁ ହେଲେ ନାହିଁ। ସମସ୍ତଙ୍କର ମହାପ୍ରଭୁଙ୍କ ରାଣକୁ ଡର। ତେବେ ନ୍ୟାୟପଞ୍ଚ ନିତେଇମା ଯାହା କହିଦେଲେ ତାହା ବେଦର ଗାର ସଦୃଶ। ଅର୍ଦ୍ଧନୀମିଳିତ ଚକ୍ଷୁରେ ଆରାମ ଚୌକି ଉପରେ ବସିଥିବା ସରପଞ୍ଚ ନିଧି ପ୍ରଧାନ ବି କଥାଟାକୁ ସମର୍ଥନ କରି ତାଳି ବଜାଇଦେଲେ। ନ୍ୟାୟ ସରିଲା। ଏଣିକି ଆରମ୍ଭ ହେଲା ପଙ୍ଗତପର୍ବ। ଠାକୁରାଣୀଙ୍କ ପୀଠରେ ସମସ୍ତେ ସମାନ। ତେଣୁ ପ୍ରସାଦ ଖାଇବା ବା ଖୁଆଇବାରେ ପାତର ଅନ୍ତର କଲେ ତାହା ମହାପାପ ବୋଲି ଧରାଯାଏ। ନ୍ୟାୟ ସରିଲା ସିନା, ସୁଲେଇ ଓ ତା ବୋଉ କାନ୍ଦି କାନ୍ଦି ଘରକୁ ଫେରିଲେ। ତେଣେ କୋଲକତା ଫେରନ୍ତା ସୁଲେଇର ବାପା ହରିହର ଠାକୁରାଣୀ ପୀଠରେ ପହଞ୍ଚି ବଡ଼ ଜୋର୍‌ରେ ହୁଙ୍କାର ଦେଇ ନିତେଇମାକୁ ଶୁଣାଇଦେଲେ ଯେ ଏଭଳି ନିଶାପରେ ସେ ରାଜିନୁହେଁ। ଛୋଟ ଅପ୍ରାପ୍ତ ବର୍ଷର ଝିଅକୁ ଜବରଦସ୍ତ ଅନ୍ୟ ଜାତିରେ ବାହା କରାଇବାକୁ ବାଧ୍ୟ କରୁଥିବାରୁ ନିତେଇମା ଓ ସରପଞ୍ଚ ନିଧି ପ୍ରଧାନଙ୍କ ନାଁରେ ସେ କଚେରୀରେ ମକଦ୍ଦମା ଦାଖଲ କରିବ। ନିତେଇମା ବି ଛାଡ଼ିବାର ଲୋକ ନୁହେଁ। ସେ ବି ଉତ୍ତର ଦେଲା, "ଆରେ ଯା ଯା କୋଲକଟିଆ! ମୋତେ କଣ କଚେରି ଦେଖଉଛୁ? ବିଶା ଶହେ ମକଦ୍ଦମାରେ ମୁଁ ମୁଦଲା। ହଇରେ ମୋତେ ପୁଣି ମକଦ୍ଦମା ଡରାଉଛୁ?" ସମସ୍ତେ ସଭା ଭାଙ୍ଗି ପଙ୍ଗତରେ ବସିଲା ବେଳକୁ ଗାଁ ପାଖ ନେତପୁରର ବାଇଶ ବର୍ଷର କରଣ ଘର ଝିଅ ରତନୀ ଗୋଟାଏ ବର୍ଷକର ଝିଅପିଲାକୁ କାନ୍ଧରେ ପକାଇ ସେଠାରେ ଆସି ହାଜର ହୋଇ ଗର୍ଜି ଉଠି କହୁଥିଲା, "ଆରେ ବାଡ଼ିପୋଡ଼ା ବନା! ତୁ ପରା ତେରସନ ଦିନେ ସନ୍ଧ୍ୟାବେଳେ ଜବରଦସ୍ତ ମୋତେ ପୋଖରୀ କୂଳରୁ ଭିଡ଼ିନେଇ ଗାଁ ଠାକୁରାଣୀଙ୍କୁ ଛୁଇଁ ମୋ କପାଳରେ ସିନ୍ଦୂର ମାରିଥିଲୁ। ମୋ ଗେରସ୍ତ ମରିବା ପରେ ମୁଁ ତ ଘରେ ଥିଲି। ଏପରି କାମ ତୁ କାହିଁକି କଲୁ? ଏ ଛୋଟ ଛୁଆଟାକୁ ଧରି ମୁଁ ଏବେ ଯିବି କୁଆଡ଼େ? ହେ ନିତେଇମା ସଉରୁଣୀ! ନ୍ୟାୟପଞ୍ଚ ହୋଇଛୁ ଏବେ ନିଶାପ କର। ମୁଁ ବନାର ତିର୍ଲା କି ନୁହେଁ? ଯଦି ସୁଲେଇ ପାଇଁ ନ୍ୟାୟ କଲୁ ତେବେ ମୋତେ ବି ମୋ ଭାଗ ଆଣି ଦେଇଦେ। ନ ହେଲେ ତୋହରି ଦୁଆରେ ବେକରେ ରଶି ଲଗାଇ ଦେବି। ଏତିକି କହି ରଡ଼ିକରି ବୁଧେଇମା ଠାକୁରାଣୀଙ୍କ ପଥର ଚକଡ଼ାରେ ତା ମୁଣ୍ଡଟାକୁ ଦୁଇଥର ପିଟିଦେଲା। ମୁଣ୍ଡ ପିଟାରୁ କେତେ ଟୋପା ରକ୍ତ ବି ଝରିଆସି ଚଟାଣରେ ପଡ଼ିଲା। ରତନୀର ଏପରି ରଡ଼ିରେ ସଭିଏଁ ତାବଦା। ଆଉ ପଙ୍ଗତ ବସିବ କଣ? ନ୍ୟାୟପଞ୍ଚ ସାଜିଥିବା ନିତେଇମା କେବଳ ବଲ ବଲ କରି ରତନୀ ମୁହଁକୁ ଚାହୁଁଥିଲା। ସେତେବେଳକୁ ସଭା ଛାଡ଼ି ସମସ୍ତେ କିଏ କୁଆଡ଼େ ପଳାଇ ଗଲେଣି।

ନିଶାପଟା ଶେଷ ହେବାର ଅଳ୍ପଦିନ ପରେ ଶୁଣିଲୁ ସୁଲେଇ ତାର ବାପା ମା ଓ ଭାଇଙ୍କ ସାଥିରେ ଗାଁରୁ ଉଭାନ ହୋଇଯାଇଛି। ରତନୀ କଟାଳ କରି ସମ୍ପତ୍ତି ଭାଗ ନେବାକୁ ଯିଦ୍ ଧରି ନିତେଇ ମା ଦୁଆରେ ଜଗି ବସିବାରୁ ତା ଗାଁ ପାଖରେ ଥିବା ମକଦ୍ଦମି ଇଲାକାର ପାଞ୍ଚ ଏକର ଜମିର ଆମ୍ବତୋଟା ଓ ମାଛ ପୋଖରୀଟା ବି ତା ନାମରେ ବନବିହାରୀ ରେଜେଷ୍ଟ୍ରି କରିଦେଇଛି। ରତନୀ ବି ଆଉ କିଛି ଗଣ୍ଡଗୋଳ ନକରିବାକୁ ଜବାବ ଦେଇଛି। ତେଣେ ଅପମାନ ଭୟରେ ବନବିହାରୀ ଓରଫ୍ ବନା ସ୍ତ୍ରୀ ଓ ପିଲା ଦୁଇଟାଙ୍କୁ ଧରି କଟକ ତେଲେଙ୍ଗା ବଜାରରେ ଥିବା ତାର ନିଜ ଘରକୁ ପଳାଇ ଯାଇଛି। ବନବିହାରୀର ବାପ ଅଜା ଅମଳରୁ ପୁରୁଣା ମକଦ୍ଦମି ମାହାଲରେ ଥିବା ପାଞ୍ଚ ଏକର ଦୋଫସଲି ଜମିକୁ ଗାଁ ଲୋକେ ଜବରଦସ୍ତ ଠାକୁରାଣୀଙ୍କ ନାମରେ କବଜାରେ ରଖିଛନ୍ତି। ସୁଲେଇ ତାର ବାପା, ମା ଓ ଭାଇ ସହ କୋଲକତା ଯାଇଥିବା ପଛରେ ଜଣାପଡ଼ିଲା। ନିତେଇମା କହିବା ଅନୁସାରେ ସୁଲେଇ ପାଇଁ କବଜାରେ ଥିବା ପାଞ୍ଚ ଏକର ଜମି ପଞ୍ଚାୟତ ମାର୍ଫତରେ ରହିଛି।

କଥାଟାର ମୋଡ଼ ସମ୍ପୂର୍ଣ୍ଣ ବଦଳିଯିବାରୁ ଗାଁ ବ୍ରାହ୍ମଣ ସାହିର ଟୋକାଦଳ ବୁଧେଇ ଠାକୁରାଣୀଙ୍କ ମଣ୍ଡପରେ ଗୋଟାଏ ପଣ୍ଡିତ ସଭା ଡକାଇଲେ। ଆଖ ପାଖର ପ୍ରାୟ କୋଡ଼ିଏ ଖଣ୍ଡ ମୌଜାରେ ଥିବା ବୟସ୍କ ବୃଦ୍ଧ ବ୍ରାହ୍ମଣ ପଣ୍ଡିତମାନଙ୍କ ସହ କେତେକ ସଂସ୍କୃତ ଓ କର୍ମକାଣ୍ଡ ବିଦ୍ୱାନମାନେ ବି ସେଠାକୁ ଆସିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେହି ଏ ସମ୍ପର୍କରେ ବିଶେଷ ଆଲୋଚନା ନକରି ଏତିକି ଥୟ କଲେ ଯେ ସିନ୍ଦୂର ଦେବାର ବୈଧତା ଓଡ଼ିଆଙ୍କଠାରୁ ହିଁ ଆରମ୍ଭ ହୋଇ ଦେଶର ହିନ୍ଦୁ ସଂସ୍କୃତିକୁ କାହିଁ କେଉଁ ଯୁଗରୁ ଆବୋରି ନେଇସାରିଛି ଓ ତାହା ନିର୍ଦ୍ଦିଷ୍ଟ ପରମ୍ପରାରେ ମିଳିଗଲାଣି। ସିନ୍ଦୂର ଦେବା ପରେ ନାରୀଟି ସମ୍ପୃକ୍ତ ବ୍ୟକ୍ତି ପାଖରେ ସ୍ତ୍ରୀର ମାନ୍ୟତା ଆପେ ଆପେ ପାଇଯାଇଥାଏ ଓ ଧାର୍ମିକ ଦୃଷ୍ଟିରୁ ଏହାର ବୈଧତା ଯଥେଷ୍ଟ ଉଚ୍ଚରେ ରହିଛି। ପ୍ରଚଳିତ ଆଇନର ବାଟ ଅଲଗା। ପୁଣି ମହାପ୍ରଭୁଙ୍କ ବିଜେ ପରିସରରେ ଏପରି ଘଟଣା ହୋଇଯାଇଥିବାରୁ ପଣ୍ଡିତ ଓ ବିଦ୍ୱାନ ମଣ୍ଡଳି ସେଥିରେ କିଛି ମନ୍ତବ୍ୟ ନ ଦେଇ କେବଳ ପ୍ରଭୁଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ପ୍ରଣାମ କରି ସଭାରୁ ଉଠିଗଲେ। ଠାକୁରାଣୀଙ୍କ ନିକଟରେ ସେମାନଙ୍କ ପାଇଁ ଆୟୋଜିତ ପ୍ରସାଦ ସଭାରେ ବି କେହି ଯୋଗ ନ ଦେଇ ନିଜ ନିଜର ଘରକୁ ଫେରି ଯାଇଥିବାର ପଛରେ ଶୁଣାଗଲା।

ସମୟ ତା ବାଟରେ ଦ୍ରୁତଗତିରେ ଆଗେଇ ଯାଉଥିଲା। ଗାଁରୁ ଯିବାପରେ କୋଲକତାରେ ନିଜ ପରିବାର ସହ ରହି ସୁଲେଇ ଓରଫ୍ ସୁଲୋଚନା କୋଲକତା ବିଶ୍ୱବିଦ୍ୟାଳୟରୁ କୃତୀତ୍ୱର ସହ ଇଞ୍ଜିନିୟରିଂ ପାଠ ଶେଷ କରି ଏକ ବିଦେଶୀ କମ୍ପାନୀରେ ଉଚ୍ଚ ପଦବୀରେ ନିଯୁକ୍ତି ପାଇଥିଲେ। ଗ୍ରାମ ସହ ସେମାନଙ୍କର ଆଉ କୌଣସି ସମ୍ପର୍କ ସେହିଦିନଠାରୁ ରହିନଥିଲା। ସୁଲୋଚନା ଏତେ ବଡ଼ କମ୍ପାନୀ ଚାକିରି ପାଇଥିଲେ ବି ଅନ୍ୟ କାହାକୁ ବିବାହ କରିନଥିଲେ। ନିଜ ସାନଭାଇ ରାମଚନ୍ଦ୍ର ଓରଫ୍ ରାମୁକୁ ବି ସେହିଭଳି ଯୋଗ୍ୟ କରାଇ ବେଶ୍ ଉଚ୍ଚ ପଦବୀରେ ମଧ୍ୟ ଅଧିଷ୍ଠିତ କରାଇ ପାରିଥିଲା। ଏହି ସମୟ ମଧ୍ୟରେ ଗାଁରେ ବା କଟକରେ ରହୁଥିବା ବନବିହାରୀର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଲା। ଯକ୍ଷ୍ମା ରୋଗରେ ପଡ଼ି ଶେଷରେ ତାହାର ମୃତ୍ୟୁ ହୋଇଗଲା। ମାତ୍ର ସୁଲୋଚନା ତା କର୍ତ୍ତବ୍ୟରୁ ଓହରି ଯାଇନଥିଲେ। ବିଦେଶରେ ଥାଇ ମଧ୍ୟ ବନବିହାରୀଙ୍କ ସ୍ତ୍ରୀର ଚଳିବା, ପିଲାମାନଙ୍କ ପାଠପଢ଼ା ସହ ସେମାନଙ୍କ ବିବାହର ସମସ୍ତ ଖର୍ଚ୍ଚ ନିଜ ରୋଜଗାରରୁ ଦେଉଥିବାର ଖବର ବହୁ ପଛରେ ଜଣାପଡ଼ିଲା। ସେତେବେଳର ନିତେଇମା, ସରପଞ୍ଚ ନିଧି ପ୍ରଧାନେ ଓ ତା ପରିବାର ପ୍ରତି ଆକ୍ଷେପ କରୁଥିବା ଟୋକାଦଳ କେହି ଆଉ ଧରାଧୂଳିରେ ନଥିଲେ। କୋଲକତା ହୁଗୁଳି ନଦୀକୂଳର ଏକ ସୁଦୃଶ୍ୟ ଅଟ୍ଟାଳିକାରେ ସୁଲୋଚନା ନିଜ ପୈତୃକ ପରିବାର ସହ ରହିଥିବାବେଳେ ଘର ନିକଟରେ ଶ୍ରୀଜଗନ୍ନାଥଙ୍କର ଏକ ଭବ୍ୟ ମନ୍ଦିର ତୋଳି ସେଥିସହ ଏକ ନୃତ୍ୟ ଓ ସଙ୍ଗୀତାନୁଷ୍ଠାନ ପ୍ରତିଷ୍ଠା କରିପାରିଲେ। ତାହାସହ ଏକ ଜରା ଓ ଅନାଥ ଆଶ୍ରମ ଗଢ଼ି ତାହାର ଦାୟିତ୍ୱ ମଧ୍ୟ ନିଜ ପରିବାର ସହ ବୁଝିଲେ। ମହାପ୍ରଭୁଙ୍କ ସମୀପରେ ପ୍ରତ୍ୟହ ସକାଳ ଓ ସନ୍ଧ୍ୟାର ଆଳତୀ ପରେ ସେହି ମନ୍ଦିରରୁ ଭାସିଆସେ ଶ୍ରୀଗୀତଗୋବିନ୍ଦର ଅନବଦ୍ୟ ସ୍ୱର ଝଙ୍କାର "ଶ୍ରିତ କମଳା କୁଚମଣ୍ଡଳ ଧୃତକୁଣ୍ଡଳ, କଳିତ ଲଳିତ ବନମାଳ, ଜୟ ଜୟଦେବ ହରେ....।" ସେହି ବାଟରେ ଗଲାବେଳେ ପଥଚାରୀମାନେ କ୍ଷଣଟିଏ ସେଠାରେ ଅଟକିଯାଇ ନତମସ୍ତକରେ ମହାପ୍ରଭୁଙ୍କୁ ପ୍ରଣାମ ଜଣାଇ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଚାଲିଯାଆନ୍ତି। ସୁଲୋଚନାଙ୍କୁ କେହି ଯଦି ପଛ ଜୀବନର କିଛି କଥା ପଚାରେ ସେ କେବଳ ହସ ହସ ମୁହଁରେ ହାତଯୋଡ଼ି ମହାପ୍ରଭୁଙ୍କ ଇଚ୍ଛା ହିଁ ସାର୍ଥକ ହୋଇଛି ବୋଲି କହି ପ୍ରଶ୍ନକର୍ତ୍ତାଙ୍କ କଥାକୁ ଏଡ଼ାଇ ଦେଉଥିଲେ। ପ୍ରତିବର୍ଷର ପୁରୀର ରଥଯାତ୍ରା ବେଳେ ସୁଦୂର ବିଦେଶରୁ ଆସି ନିଜେ ଗଢ଼ିଥିବା ପଚାଶ ଜଣିଆ କୀର୍ତ୍ତନ ଦଳ ସହ ଶ୍ରୀଗୀତଗୋବିନ୍ଦ ଓ ମହାମନ୍ତ୍ରକୁ ମଧୁର ସ୍ୱରରେ ବୋଲି ଉନ୍ମାଦିନୀ ପରି ଏଭଳି ଉଦଣ୍ଡ ନୃତ୍ୟ ପୁରୀର ବଡ଼ଦାଣ୍ଡ ଉପରେ କରିଥାନ୍ତି ଯେ ଭକ୍ତମାନେ ବି ଭାବବିହ୍ୱଳ ହୋଇ ତାଙ୍କ ସହ ନାଚିଉଠନ୍ତି। ପ୍ରତିବର୍ଷର ନିଜ ଦଳ ସହ ତାଙ୍କର ପୁରୀ ଆଗମନ ବେଳେ ମୋ ସହ ଭୁବନେଶ୍ୱରରେ ଦେଖା ହେବାକୁ ସେ କେବେ ହେଲେ ଭୁଲନ୍ତି ନାହିଁ। ସନ୍ନ୍ୟାସିନୀମାନଙ୍କର ରୂପ ବର୍ଣ୍ଣନା ଉଚିତ ନ ହେଲେ ମଧ୍ୟ ସେ ଥିଲେ ସମ୍ପୂର୍ଣ୍ଣ ଗୌରବର୍ଣ୍ଣା ଓ ପ୍ରୌଢ଼ା। ତୀକ୍ଷ୍ଣ ନାସିକା ସହ କଳାଭ୍ରମର ଭଳି ଥିଲା ତାଙ୍କର ଚକ୍ଷୁ ଦ୍ୱୟ। ନୃତ୍ୟ କଲାବେଳେ ଘନକୃଷ୍ଣ କେଶ ଗୁଚ୍ଛର କବରୀ ଭାର ବେଳେବେଳେ ଖୋଲିଯାଇ ଭୂମି ସ୍ପର୍ଶ କରୁଥିବାର ଦୃଶ୍ୟ ଥିଲା ବେଶ୍ ଆକର୍ଷଣୀୟ। ନିଜକୁ କୌଣସିଠାରେ ଓଡ଼ିଆ ବୋଲି ପରିଚୟ ଦେଉନଥିଲେ ବି ଏଠାର ସଂସ୍କୃତିକୁ ସେ ଆଦୌ ଭୁଲିଯାଇନାହାନ୍ତି। ବୃନ୍ଦାବନରେ ଏକ ଭବ୍ୟ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଗଢ଼ି ଶ୍ରୀଗୀତଗୋବିନ୍ଦ ଓ ମହାମନ୍ତ୍ର ଦିବାରାତି ପ୍ରତ୍ୟହ ବୋଲାଇବାର ତାଙ୍କର ଇଚ୍ଛା ଥିଲେ ବି ମହାପ୍ରଭୁଙ୍କ ଆଶୀର୍ବାଦ ଉପରେ ତାହା ନିର୍ଭର କରେ ବୋଲି ସେ ଅତି ବିନୟରେ କହିଥାନ୍ତି। (ଗପଟି ଆଂଶିକ ସତ୍ୟ ଉପରେ ଆଧାରିତ ହେଲେ ମଧ୍ୟ କାହା ପ୍ରତି ଆକ୍ଷେପ ନୁହେଁ)

ଚାର୍ଲସ୍ ଡାରୱିନ୍ ଓ ବିକାଶବାଦ ସିଦ୍ଧାନ୍ତ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ–୮୨୪୯୫୦୨୭୭୬

ବିଜ୍ଞାନ ଜଗତରେ "ବିକାଶବାଦ ସିଦ୍ଧାନ୍ତ" ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଧାରଣା ଅଟେ। ବିକାଶବାଦ ବୋଲି କୁହାଯାଏ ସେହି ବିଜ୍ଞାନସମ୍ମତ ସିଦ୍ଧାନ୍ତକୁ ଯାହା ଜୀବଜଗତର ଉତ୍ପତ୍ତି ଓ ପରିବର୍ତ୍ତନ ବିଷୟରେ କହେ। ପୃଥିବୀରେ ଥିବା ସମସ୍ତ ଜୀବ ଏକ ସାଧାରଣ ପୂର୍ବଜଠାରୁ କ୍ରମେ କ୍ରମେ ଦୀର୍ଘ ସମୟ ଧରି ପରିବର୍ତ୍ତନ ହୋଇ ବିଭିନ୍ନ ପ୍ରଜାତିରେ ପରିଣତ ହୋଇଛନ୍ତି। ଏହି ଧାରଣାକୁ "ବିକାଶବାଦ ସିଦ୍ଧାନ୍ତ" କୁହାଯାଏ। ଏହି ସିଦ୍ଧାନ୍ତ ପ୍ରଥମେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଥିଲେ ଚାର୍ଲସ ଡାରୱିନ୍। ସେ ୧୮୫୯ ମସିହାରେ ପ୍ରକାଶ କରିଥିବା ତାଙ୍କର ପ୍ରସିଦ୍ଧ ପୁସ୍ତକ On the Origin of Species ମାଧ୍ୟମରେ ଜୀବଜନ୍ତୁ ଓ ଉଦ୍ଭିଦ ଜାତିର ଉତ୍ପତ୍ତି ଏବଂ ପରିବର୍ତ୍ତନ ବିଷୟରେ ଏହି ଧାରଣାକୁ ବିଶ୍ୱସାମ୍ନାରେ ଆଣିଥିଲେ। ବିକାଶବାଦ ଅନୁସାରେ ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁ ଓ ଉଦ୍ଭିଦ ଦୀର୍ଘ ସମୟ ଧରି ପ୍ରକୃତିର ପରିବର୍ତ୍ତନ ଓ "Natural Selection" ପ୍ରକ୍ରିୟା ଦ୍ୱାରା ଧୀରେ ଧୀରେ ବିକଶିତ ହୋଇଛନ୍ତି। ଏହା ଅନୁସାରେ ସମସ୍ତ ଜୀବ ଏକ ସାଧାରଣ ପୂର୍ବଜରୁ ଆସିଥାନ୍ତି ଏବଂ ପରିବେଶ ଅନୁସାରେ ତାଙ୍କର ଆକୃତି, ଗଠନ ଓ ଚରିତ୍ରରେ ପରିବର୍ତ୍ତନ ଘଟିଛି। ବିକାଶବାଦ ସିଦ୍ଧାନ୍ତ ଜୀବଜନ୍ତୁ ଓ ମନୁଷ୍ୟର ଉତ୍ପତ୍ତି ବିଷୟରେ ଏକ ବୈଜ୍ଞାନିକ ଓ ତର୍କସମ୍ମତ ବ୍ୟାଖ୍ୟା ଦେଇଥାଏ। ପୂର୍ବରୁ ଲୋକମାନେ ମନୁଷ୍ୟ ଓ ପ୍ରାଣୀମାନଙ୍କ ଉତ୍ପତ୍ତିକୁ କେବଳ ଧାର୍ମିକ ଗଳ୍ପ କିମ୍ବା ପୌରାଣିକ କଥାରେ ବ୍ୟାଖ୍ୟା କରୁଥିଲେ। କିନ୍ତୁ ବିକାଶବାଦ ଏହାକୁ ବୈଜ୍ଞାନିକ ପ୍ରମାଣ ଓ ପର୍ଯ୍ୟବେକ୍ଷଣ ଆଧାରରେ ବୁଝାଇଥାଏ। Natural Selection ବିକାଶବାଦର ମୂଳ ଧାରଣା ଅଟେ। ଏହା ଅନୁସାରେ ପ୍ରକୃତି ସେହି ଜୀବମାନଙ୍କୁ ବଞ୍ଚିବାକୁ ସହାୟତା କରେ ଯେଉଁମାନେ ପରିବେଶ ସହିତ ଭଲ ଭାବରେ ଖାପ ଖାଇପାରନ୍ତି। ଏହା ଦ୍ୱାରା ଜୀବଜଗତରେ ସ୍ୱାଭାବିକ ଭାବେ ଉତ୍କୃଷ୍ଟ ଗୁଣଗୁଡ଼ିକ ରହିଯାଏ। ବିକାଶବାଦ ସିଦ୍ଧାନ୍ତ ବାଇଓଲୋଜି, ଜିନେଟିକ୍ସ ଓ ମେଡିସିନ୍ ଭଳି ବିଭିନ୍ନ ବିଜ୍ଞାନ ଶାଖାର ଗବେଷଣାକୁ ଆଗକୁ ନେବାରେ ସହାୟତା କରିଛି। ଜୀବର ଜନ୍ମଗତ ଗୁଣ ଯାହାକୁ ଇଂରାଜୀରେ Genes କୁହାଯାଏ ଓ ତାହାର ପରିବର୍ତ୍ତନ ବିଷୟରେ ବୁଝିବାରେ ଏହି ସିଦ୍ଧାନ୍ତ ଉପକାରୀ ଅଟେ। ବିକାଶବାଦ ଦେଖାଏ ଯେ ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଅନେକ ସାମ୍ୟତା ଅଛି। ଏହା ଆମକୁ ପ୍ରକୃତି ସହିତ ଆମର ସମ୍ପର୍କ ବୁଝାଇଥାଏ ଏବଂ ପ୍ରକୃତିକୁ ସୁରକ୍ଷା କରିବା ପାଇଁ ପ୍ରେରିତ କରେ। ପୃଥିବୀରେ ମିଳୁଥିବା ପ୍ରାଚୀନ ଜୀବଜନ୍ତୁମାନଙ୍କ ଅବଶେଷ ଯାହକୁ ଇଂରାଜୀରେ fossils କୁହଯାଏ ତାହା ମଧ୍ୟ ବିକାଶବାଦ ସିଦ୍ଧାନ୍ତକୁ ସମର୍ଥନ କରେ। ଏହା ଦେଖାଏ ଯେ ଜୀବମାନେ ଧୀରେ ଧୀରେ ପରିବର୍ତ୍ତନ ହୋଇ ନୂତନ ଜାତିରେ ପରିଣତ ହୋଇଛନ୍ତି। ବିକାଶବାଦ ଦେଖାଏ ଯେ ପ୍ରତ୍ୟେକ ଜୀବ ତାହାର ପରିବେଶ ସହିତ ଖାପ ଖାଇବାକୁ ଚେଷ୍ଟା କରେ। ଏହା ଆମକୁ ପ୍ରକୃତିର ନିୟମ ବୁଝିବାରେ ସହାୟତା କରେ। କେତେକ ଲୋକଙ୍କ ମତାନୁସାରେ ବିକାଶବାଦ ସିଦ୍ଧାନ୍ତର ସମସ୍ତ ପଦକ୍ଷେପ ପାଇଁ ପୂର୍ଣ୍ଣ ପ୍ରମାଣ ମିଳିନାହିଁ। ବିଶେଷ କରି କିଛି ଜୀବ ମଧ୍ୟବର୍ତ୍ତୀ ଆକୃତି (transitional forms) ଫସିଲ୍ ଭାବେ ଅତ୍ୟନ୍ତ କମ୍ ମିଳିଥାଏ ବୋଲି ଆପତ୍ତି କରାଯାଏ। କିଛି ଧାର୍ମିକ ଧାରଣା ଅନୁସାରେ ପୃଥିବୀ ଓ ଜୀବମାନେ ଭଗବାନଙ୍କ ଦ୍ୱାରା ସୃଷ୍ଟି ହୋଇଛନ୍ତି। ବିକାଶବାଦ ଏହି ଧାରଣା ସହିତ ସମ୍ପୂର୍ଣ୍ଣ ମେଳ ଖାଉନଥିବାରୁ କିଛି ଲୋକ ଏହାକୁ ଅସ୍ୱୀକାର କରନ୍ତି। ବିକାଶବାଦ ଅନୁସାରେ ମନୁଷ୍ୟ ପ୍ରାଚୀନ ପ୍ରାଣୀମାନଙ୍କୁ ନେଇ ବିକଶିତ ହୋଇଛନ୍ତି। ଏହି ଧାରଣାକୁ କିଛି ଲୋକ ଗ୍ରହଣ କରିବାକୁ କଷ୍ଟକର ଭାବନ୍ତି। ବିକାଶବାଦ ଧୀରେ ଧୀରେ ହୋଇଥିବା ପ୍ରକ୍ରିୟା ଅଟେ ଏବଂ ଏହା ପାଇଁ ଲକ୍ଷ୍ୟ ଲକ୍ଷ୍ୟ ବର୍ଷ ସମୟ ଲାଗେ। ଏହାକୁ ପ୍ରୟୋଗଶାଳାରେ ସିଧାସଳଖ ପରୀକ୍ଷା କରିବା ଅସୁବିଧାଜନକ। ବିକାଶବାଦ ସତ୍ତ୍ୱେ ମଧ୍ୟ ଜୀବନର ପ୍ରଥମ ଉତ୍ପତ୍ତି କିପରି ହେଲା ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦିଏନାହିଁ। ଏହା କେବଳ ଜୀବମାନଙ୍କର ପରବର୍ତ୍ତୀ ବିକାଶକୁ ବୁଝାଏ। ବିକାଶବାଦ ଜୀବବିଜ୍ଞାନରେ ଏକ ମହତ୍ୱପୂର୍ଣ୍ଣ ଧାରଣା ଭାବେ ଗ୍ରହଣ କରାଯାଇଛି। ଏହା ଆମକୁ ପୃଥିବୀରେ ଥିବା ଜୀବଜଗତର ବିଭିନ୍ନତା ବୁଝିବାରେ ସହଯୋଗ କରେ। ଏହା ଦ୍ୱାରା ଆମେ ବୁଝିପାରୁ ଯେ କିପରି ଜୀବମାନେ ପରିବେଶ ସହ ଖାପ ଖାଇ ବଞ୍ଚି ରହନ୍ତି ଓ କିପରି ନୂତନ ପ୍ରଜାତି ଗଠିତ ହୁଏ। ବିକାଶବାଦ ଅନୁସାରେ ପୃଥିବୀରେ ଥିବା ଜୀବଗୁଡିକ ଏକେ ସମୟରେ ନୁହେଁ, ବରଂ ଦୀର୍ଘ ସମୟ ଧରି ପ୍ରାକୃତିକ ପରିବର୍ତ୍ତନ ଓ ପରିସ୍ଥିତି ଅନୁଯାୟୀ ଗଢ଼ି ଉଠିଛନ୍ତି। ପ୍ରକୃତିରେ ଥିବା ଅନେକ ପରିବର୍ତ୍ତନ, ପରିବେଶ, ଖାଦ୍ୟ ଓ ପ୍ରତିସ୍ପର୍ଦ୍ଧା ଜୀବମାନଙ୍କୁ ବଞ୍ଚିବା ପାଇଁ ନୂତନ ଗୁଣ ଅର୍ଜନ କରିବାକୁ ବାଧ୍ୟ କରେ। ଯେଉଁ ଜୀବ ଏହି ପରିସ୍ଥିତିରେ ଖାପ ଖାଇପାରନ୍ତି ସେମାନେ ବଞ୍ଚିଯାନ୍ତି ଓ ଅନ୍ୟମାନେ ନଷ୍ଟ ହୋଇଯାନ୍ତି। ଏହାକୁ "ପ୍ରାକୃତିକ ବିଚୟନ" ବୋଲି କୁହାଯାଏ। ପ୍ରାକୃତିକ ବିଚୟନ ବିକାଶବାଦର ମୁଖ୍ୟ ଧାରଣା। ଏହାର ଅର୍ଥ ହେଉଛି ପ୍ରକୃତି ନିଜେ ନିଜେ ଏମିତି ଜୀବମାନଙ୍କୁ ବାଛିନେଉଛି ଯେଉଁମାନେ ଜୀବନ ପାଇଁ ଅଧିକ ଯୋଗ୍ୟ। ଦେଖାଯାଏ ଯେ କିଛି ପଶୁ ଶୀତ ଅଞ୍ଚଳରେ ବଞ୍ଚିବା ପାଇଁ ଘନ ଲୋମ ରଖନ୍ତି, ଆଉ କିଛି ପଶୁ ଗରମ ଅଞ୍ଚଳରେ ପତଳା ଲୋମ ସହ ଖାପ ଖାଇଛନ୍ତି। ଏହିପରି ପରିବେଶ ଅନୁଯାୟୀ ଜୀବମାନେ ନୂତନ ଗୁଣ ଉନ୍ନତ କରନ୍ତି। ବିକାଶବାଦ କହେ ଯେ ମଣିଷ ମଧ୍ୟ ଏକ ଦୀର୍ଘ ବିକାଶ ପ୍ରକ୍ରିୟାର ଫଳ। ପ୍ରାଚୀନ ସମୟରେ ମଣିଷ ଆଜିର ମଣିଷ ପରି ନଥିଲେ। ସେମାନେ କ୍ରମେ କ୍ରମେ ଶାରୀରିକ ଓ ବୁଦ୍ଧିମତାରେ ଉନ୍ନତି କରି ଆଜିର ଆଧୁନିକ ମଣିଷ ହୋଇଛନ୍ତି। ଏହି ଧାରଣାକୁ ବହୁତ ବୈଜ୍ଞାନିକ ଜୀବାଶ୍ମ ଅନୁସନ୍ଧାନ, ଜୀବବିଜ୍ଞାନ ଓ ଜେନେଟିକ୍ସ ଦ୍ୱାରା ସମର୍ଥନ କରିଛନ୍ତି। ଜୀବାଶ୍ମ ବିକାଶବାଦର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ଗଣାଯାଏ। ପୁରୁଣା ଶିଳା ଓ ପଥର ମଧ୍ୟରେ ମିଳୁଥିବା ଜୀବାଶ୍ମ ଆମକୁ ପ୍ରାଚୀନ ଜୀବମାନଙ୍କ ବିଷୟରେ ତଥ୍ୟ ଦେଇଥାଏ। ଏହା ଦେଖାଏ ଯେ ପୂର୍ବରୁ ଥିବା ଜୀବ ଓ ଆଜିର ଜୀବମାନଙ୍କ ମଧ୍ୟରେ ଅନେକ ସମାନତା ଅଛି। ଏହି ସମାନତା ବିକାଶ ପ୍ରକ୍ରିୟାକୁ ସମର୍ଥନ କରେ। ସମସ୍ତ ଦୃଷ୍ଟିକୋଣରୁ ଦେଖିଲେ ବିକାଶବାଦ ସିଦ୍ଧାନ୍ତ ବିଜ୍ଞାନ ଜଗତରେ ଏକ ମହତ୍ୱପୂର୍ଣ୍ଣ ଅବଦାନ ଅଟେ। ଚାର୍ଲ୍ସ ଡାରୱିନ୍‌ଙ୍କ ଏହି ଧାରଣା ଜୀବଜଗତର ଉତ୍ପତ୍ତି ଓ ପରିବର୍ତ୍ତନ ବିଷୟରେ ଆମକୁ ନୂତନ ଦୃଷ୍ଟିକୋଣ ଦେଇଛି। ଏହା ବାଇଓଲୋଜି ଓ ଅନ୍ୟ ବୈଜ୍ଞାନିକ ଶାଖାର ଉନ୍ନତିରେ ଅସାଧାରଣ ଭୂମିକା ଲିଭାଇଛି। ତଥାପି ଏହି ସିଦ୍ଧାନ୍ତକୁ ନେଇ କେତେକ ଆଲୋଚନା ଓ ବିବାଦ ରହିଛି। କିଛି ଲୋକ ଏହାକୁ ସମ୍ପୂର୍ଣ୍ଣ ସତ୍ୟ ଭାବେ ମନେ କରନ୍ତି, ଯେତେବେଳେ ଅନ୍ୟ କିଛି ଲୋକ ଏହାର କିଛି ଦିଗକୁ ପ୍ରଶ୍ନ କରନ୍ତି। ତଥାପି ବିକାଶବାଦ ସିଦ୍ଧାନ୍ତକୁ ନେଇ କିଛି ମତଭେଦ ମଧ୍ୟ ରହିଛି। କିଛି ଧାର୍ମିକ ଧାରଣା ଅନୁସାରେ ଜୀବଜଗତର ସୃଷ୍ଟି ଭଗବାନଙ୍କ ଦ୍ୱାରା ହୋଇଛି ଓ ଏହା ଅପରିବର୍ତ୍ତନଶୀଳ। କିନ୍ତୁ ବୈଜ୍ଞାନିକମାନେ ପ୍ରମାଣ ଓ ଅନୁସନ୍ଧାନ ଆଧାରରେ ବିକାଶବାଦକୁ ସମର୍ଥନ କରନ୍ତି। ବିକାଶବାଦ ପୃଥିବୀରେ ଜୀବଜଗତର ଉତ୍ପତ୍ତି ଓ ବିଭିନ୍ନତା ବୁଝିବାରେ ଏକ ମୂଳ ଧାରଣା। ଏହା ଆମକୁ ଶିଖାଏ ଯେ ପ୍ରକୃତିରେ ସବୁକିଛି ଧୀରେ ଧୀରେ ପରିବର୍ତ୍ତନ ହୁଏ ଓ ସମୟ ସହିତ ନୂତନ ରୂପ ନେଇଥାଏ। ବିଜ୍ଞାନର ଉନ୍ନତି ସହ ଏହି ସିଦ୍ଧାନ୍ତ ଆହୁରି ସ୍ପଷ୍ଟ ଓ ମଜବୁତ ହୋଇଛି ଏବଂ ଆଜି ମଧ୍ୟ ଏହା ଜୀବବିଜ୍ଞାନର ଏକ ମୂଳ ଆଧାର ଭାବେ ଗ୍ରହଣ କରାଯାଉଛି। ସେହିପରି କୁହାଯାଇପାରେ ଯେ ବିକାଶବାଦ ସିଦ୍ଧାନ୍ତ ବିଜ୍ଞାନ ଓ ମାନବ ଜ୍ଞାନର ଏକ ମହାନ ଅବଦାନ ହେଲେ ମଧ୍ୟ ଏହା ଉପରେ ଗବେଷଣା ଓ ଚର୍ଚ୍ଚା ଆଗାମୀ ଦିନରେ ମଧ୍ୟ କ୍ରମାନୁଯାୟୀ ଚାଲିଥିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ନଭେମ୍ବର ୨୦୨୬ ବୁଧବାର

ଆଭା

ଅନନ୍ୟ ଅଦ୍ୱିତୀୟ କେନ୍ଦୁଝରର ଶକ୍ତିପୀଠ ମା’ ସିଦ୍ଧକାଳୀ

ଭକ୍ତଙ୍କ ପାଇଁ ତମ୍ବା ଶିକୁଳିରେ ବନ୍ଧା ପଡ଼ିଛନ୍ତି ମା’



କେନ୍ଦୁଝର ସହର ଉପକଣ୍ଠରେ ସିଦ୍ଧମଠ । ସେଠାରେ ବିରାଜିତା ମା’ ସିଦ୍ଧକାଳୀ । ବିଶ୍ୱବିଖ୍ୟାତ ମା’ ତାରିଣୀଙ୍କୁ କେନ୍ଦୁଝରର ରାଷ୍ଟ୍ରଦେବୀ ରୂପେ ସମସ୍ତେ ଗ୍ରହଣ କରିଥାନ୍ତି । ହେଲେ ମା’ ସିଦ୍ଧକାଳୀ ହେଉଛନ୍ତି ଜିଲ୍ଲାର ସର୍ବପୁରାତନ ଦେବୀ । ମା’ ସିଦ୍ଧକାଳୀଙ୍କ ସମ୍ପର୍କିତ ନିର୍ଦ୍ଦିଷ୍ଟ ଐତିହାସିକ ତଥ୍ୟ ଲୋକଲୋଚନକୁ ଆସି ପାରିନାହିଁ । ତେବେ ତତ୍କାଳୀନ ରାଜା ମହାରାଜାଙ୍କ ଦ୍ୱାରା ମା’କେନ୍ଦୁଝରକୁ ଆଗମନ କରିଥିବା ପ୍ରମାଣ ରହିଛି । ଶାନ୍ତ ପରିବେଶ ମଧ୍ୟରେ ଥିବା ସିଦ୍ଧମଠର ପ୍ରତ୍ୟକ୍ଷ ଦେବତା ସିଦ୍ଧ ଜଗନ୍ନାଥ । ଏହାରି ବେଢ଼ା ବାହାରେ ରହିଛି ମା’ ସିଦ୍ଧକାଳୀଙ୍କ ମନ୍ଦିର । ପ୍ରାୟ ୮ଶହ ବର୍ଷ ତଳର ଏହି ପ୍ରାଚୀନ ଶକ୍ତିପୀଠ। ମା’ ଦଶଭୁଜା, ଦକ୍ଷିଣ ମୁହାଁ ହୋଇ ରହିଛନ୍ତି । ମା’ଙ୍କ ଗଳାରେ ଲମ୍ବିଛି କଙ୍କାଳର ମାଳ । ଅନ୍ୟ ସମସ୍ତ କାଳୀ ପ୍ରତିମାରେ କେବଳ ଜିହ୍ୱା ବାହାରଦେଶକୁ ବାହାରି ଥାଏ, ହେଲେ ଏଠାରେ ଜିହ୍ୱା ବାହାରିବା ସହ ମା’ ସିଦ୍ଧକାଳୀ ହାତର ବୃଦ୍ଧା ଆଙ୍ଗୁଠିକୁ କାମୁଡି ଭୟଙ୍କର ମୁଦ୍ରାରେ ବିରାଜମାନ । ମା’ହାତରେ ଖଡ୍ଗ, ଖପୁରୀ ଧାରଣ କରିଥିବାବେଳେ ନିତମ୍ବରେ ଏକ ହାତ ଅଙ୍ଗୁଳିର ଚିହ୍ନ ଦୃଶ୍ୟମାନ ହୁଏ। ଏପରିକି ମା’ଙ୍କ ପ୍ରତିମାରେ ପଡ଼ିଛି ତମ୍ବା ଶିକୁଳିର ବେଢି ଯାହାକୁ ନେଇ ଭକ୍ତଙ୍କ ମନରେ ରହିଥାଏ ଭୟ । ସିଦ୍ଧକାଳୀଙ୍କ ପ୍ରସ୍ତର ମୂର୍ତ୍ତି ମାଟି ତଳକୁ କେତେଦୂର ଯାଏଁ ମାଡ଼ି ରହିଛି, ଏପର୍ଯ୍ୟନ୍ତ ଆକଳନ କରାଯାଇପାରି ନାହିଁ । ମନ୍ଦିର ଗର୍ଭ ଗୃହରେ ମା’ଙ୍କ ଶୟନ ନିମନ୍ତେ ଗୋଟିଏ ପଲଙ୍କ ରହିଛି । ପୂର୍ବରୁ ତନ୍ତ୍ର ସାଧକମାନେ ଏଠାରେ ତନ୍ତ୍ର ସାଧନା କରୁଥିଲେ । ମା’ ସିଦ୍ଧକାଳୀଙ୍କ ନିକଟରେ ଗୁଆ ବସାଇ ମାନସିକ ରଖିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି କେନ୍ଦୁଝରବାସୀଙ୍କର ବିଶ୍ୱାସ । କେନ୍ଦୁଝରର ରାଜାମାନେ ଯୁଦ୍ଧ କରିବାକୁ ଯିବା ପୂର୍ବରୁ କିମ୍ବା ଶାସନ ସମୟରେ ବଳିଷ୍ଠ ନିଷ୍ପତ୍ତି ନେବା ପୂର୍ବରୁ ମା’ଙ୍କୁ ସ୍ମରଣ କରି ନଡ଼ିଆ ଓ ଗୁଆ ବସାଇ ପୂଜା କରୁଥିଲେ । ମା’ଙ୍କ ଶରୀରରେ ବେଢ଼ି ପଡ଼ିବା ପଛରେ ରହିଛି ରୋଚକ ତଥା ଚର୍ଚ୍ଚିତ ଉପାଖ୍ୟାନ । ସିଦ୍ଧକାଳୀ ଅତ୍ୟନ୍ତ ଉଗ୍ରା। ବିଳମ୍ବିତ ରାତିରେ ମା’ ମନ୍ଦିରରୁ ବାହାରି ଗାଁ ଗଣ୍ଡାରେ ପରିଭ୍ରମଣ କରୁଥିଲେ । ତାଙ୍କ ସାମ୍ନାସାମ୍ନି ହୋଇଗଲେ ଉଗ୍ରରୂପ ଦେଖି ଲୋକଙ୍କ ପ୍ରାଣବାୟୁ ଉଡିଯାଉଥିଲା । ତେଣୁ ମା’ଙ୍କୁ ପୂଜା କରାଯାଇ ଶାନ୍ତ କରାଯିବା ସହିତ ତମ୍ବା ଶିକୁଳିରେ ବାନ୍ଧି ରଖାଯାଇଥିବା କୁହାଯାଏ । ବର୍ଷସାରା ମା’ଙ୍କ ପୂଜା ନୀତି ଅନୁସାରେ ହୋଇ ଆସୁଥିବାବେଳେ କାଳୀପୂଜାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । ସିଦ୍ଧକାଳୀ ପୀଠକୁ ଭକ୍ତଙ୍କ ସୁଅ ଛୁଟେ। କାଳିପୂଜାରେ ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜା ସହିତ ଚଣ୍ଡିପାଠ ହୁଏ । ମାନସିକଧାରୀ ଭକ୍ତମାନେ ଦୀପ ଦାନ କରି ନିଜର ମାନସିକ ଧାରଣ କରିଥାନ୍ତି।

ସମ୍ପର୍କ ଭାଙ୍ଗୁଛି ଆଟେନସନ୍ ଇନଫିଡେଲିଟି’: ସାଥୀଙ୍କ କଥା ଶୁଣୁଛନ୍ତି, ହେଲେ ମନ ମୋବାଇଲ୍‌ରେ

ମନେକରନ୍ତୁ ସାରା ଦିନର କାର୍ଯ୍ୟବ୍ୟସ୍ତତା ଭିତରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା କହିବାକୁ ଭୁଲିଯାଇଛନ୍ତି । ଟିକେ ଫୁରସତ ପାଇଲା ପରେ ଆପଣ ସେହି କଥାକୁ ପ୍ରଥମେ ସାଥୀଙ୍କୁ ଜଣାଇବାକୁ ଉଚିତ ମଣିଲେ । ସାଥୀ ହୁଏତ ପ୍ରଥମେ କିଛି ସମୟ ଆପଣଙ୍କ କଥା ଶୁଣିଲେ । ମୁଣ୍ଡ ହଲାଇ ସମ୍ମତି ଦେଲେ । ମାତ୍ର ଆପଣ ତାଙ୍କଠାରୁ ଅଧିକ କିଛି ଶୁଣିବାର ଆଶା କରୁଥିବା ବେଳେ ଦେଖିବାକୁ ପାଇଲେ ଧୀରେ ଧୀରେ ତାଙ୍କ ଆଖି ମୋବାଇଲ୍ ସ୍କ୍ରିନ୍‌ରେ । ସେତେବେଳେ ତାଙ୍କ ଚେହେରାରେ ଥିବ ଆପଣଙ୍କ କଥା ଶୁଣିବାର ଆଗ୍ରହ ଅପେକ୍ଷା ମୋବାଇଲ୍ ସ୍କ୍ରିନ୍ ଦେଖି ଅଧିକ ଖୁସି ହେଉଥିବାର ଅଭିବ୍ୟକ୍ତି ! କେତେବେଳେ ନୋଟିଫିକେସନ୍ ଚେକ୍ ତ ଆଉ କେତେବେଳେ ମେସେଜ୍‌ର ଉତ୍ତର ଦେବା, ପୁଣି କେତେବେଳେ କଥା ମଝିରେ ଇନଷ୍ଟାଗ୍ରାମ ରିଲ୍ ସ୍କ୍ରୋଲ୍ ଆରମ୍ଭ କରିଦେବା- ଏଭଳି ଦୃଶ୍ୟରେ ବିରକ୍ତ, ଅଣନିଃଶ୍ୱାସୀ ହୋଇଉଠୁଥିବା ବ୍ୟକ୍ତି ଭାବରେ ଆପଣ କେବଳ ନିଜକୁ ସାମିଲ କରନ୍ତୁ ନାହିଁ । ବରଂ ଆପଣଙ୍କ ଭଳି ଅନେକ ଲୋକ ଏହି ଧରଣର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ପ୍ରତିନିୟତ । ଏହି ପ୍ରସଙ୍ଗଟି ନେଇ ହୁଏତ କୌଣସି ବଡ଼ ଧରଣର ମତାନ୍ତର ବା ମନାନ୍ତର ହୋଇନାହିଁ । କିନ୍ତୁ ମନରେ ସନ୍ଦେହ ଉପୁଜିଛି । ପ୍ରଶ୍ନ ବି ଉଙ୍କିମାରୁଛି, ‘ସେ କ’ଣ ସତରେ ମୋ କଥା ମନଦେଇ ଶୁଣୁଛନ୍ତି ?’... ସଂପର୍କର ଏହି ନୂଆ ସମସ୍ୟାକୁ ବିଶେଷଜ୍ଞମାନେ ନାଁ ଦେଇଛନ୍ତି ‘ଆଟେନସନ୍ ଇନଫିଡେଲିଟି’ ବା ‘ମନଯୋଗର ବିଶ୍ୱାସଘାତକତା’ ! ଉପରକୁ ଆପଣଙ୍କ କଥା ଶୁଣୁଥିବାର ମନେ ହେଉଥିଲେ ବି ପ୍ରକୃତରେ ଆପଣଙ୍କ ସାଥୀର ମନ ଅନ୍ୟ କେଉଁଠାରେ ଥାଏ । ଏହି ସମସ୍ୟା ସେତେବେଳେ ସୃଷ୍ଟି ହୁଏ, ଯେତେବେଳେ ଏହା ଏକ ନିୟମିତ ଅଭ୍ୟାସରେ ପରିଣତ ହୋଇଯାଏ । ଆପଣ ସାଥୀଙ୍କ ସହିତ କଥା ହେଉଛନ୍ତି । ଅଥଚ ସେ ଆପଣଙ୍କ କଥା ଶୁଣି ମୁଣ୍ଡ ହଲାଇ ବାରମ୍ବାର ସ୍କ୍ରିନ୍ ସ୍କ୍ରୋଲ୍ କରୁଛନ୍ତି। ଦୁହେଁ ମିଶି ସିନେମା ଦେଖୁଛନ୍ତି। ଅଥଚ ମଝିରେ ମଝିରେ ଫୋନ୍‌ରେ ଚାଟିଂ ଚାଲିଛି । ସାରା ସପ୍ତାହର ବ୍ୟସ୍ତତା ପରେ ଏକାଠି କିଛି ସମୟ ପାଇବା ପରେ ବି ଅଧିକାଂଶ ସମୟ ଯଦି ସୋସିଆଲ୍ ମିଡିଆ ବ୍ରାଉଜ୍ କରି କଟିଯାଏ ତେବେ ତାହା ଏକ ସୁସ୍ଥ ସମ୍ପର୍କ ପାଇଁ ବିପଜ୍ଜନକ । ହୁଏତ ଆପଣଙ୍କ ସାଥୀ କାର୍ଯ୍ୟବ୍ୟସ୍ତତା କଥା କହୁଛନ୍ତି, ତାଙ୍କ ସମସ୍ୟା ବିଷୟରେ କିଛି ବୁଝାଇବାକୁ ଚାହାଁନ୍ତି, ସେହି ସମୟରେ ଆପଣ ଗୋପନରେ କୌଣସି ସେଲିବ୍ରିଟିଙ୍କ ପୋଷ୍ଟରେ ଅନ୍ୟ କାହାର କମେଣ୍ଟ ପଢୁଛନ୍ତି। ସାଥୀଙ୍କ ମନ ରଖିବା ପାଇଁ କେବଳ ଯାନ୍ତ୍ରିକ ଭାବେ ହଁ କି ନାରେ ଉତ୍ତର ଦେଇ ନିଜ କାମ ସାରୁଛନ୍ତି। ଅଥଚ ମାନସିକ ଭାବେ ଆପଣ ସାଥୀଙ୍କ ପାଖରେ ଉପସ୍ଥିତ ନାହାନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ଶାରୀରିକ ଭାବେ ଆପଣ ସାଥୀଙ୍କ ପାଖରେ ଉପସ୍ଥିତ ରହିଥିଲେ ବି ଆପଣଙ୍କ ମନ ନିହାତି ଭାବରେ ଅନ୍ୟ କେଉଁଠି ଅଛି। ଆଟେନସନ୍ ଇନଫିଡେଲିଟି’ ଭଳି ସଂପର୍କର ନୂଆ ପରିଭାଷା କାରଣରୁ ସାଧାରଣ ଆଚରଣ ବଡ଼ ଅପରାଧ ବୋଲି ମନେ ହୋଇପାରେ । କିନ୍ତୁ ପ୍ରଶ୍ନ ଉଠୁଛି - ଆପଣଙ୍କ ସାଥୀ କ’ଣ ନିୟମିତ ଭାବେ ଆପଣଙ୍କ ମନଯୋଗ ପାଇବା ପାଇଁ ଫୋନ୍ ? ସହିତ ପ୍ରତିଦନ୍ଦ୍ୱିତା କରୁଛନ୍ତି ? କୌଣସି କଥୋପକଥନ ଯଦି ବାରମ୍ବାର ଫୋନ୍‌ର ନୋଟିଫିକେସନ୍ ? କାରଣରୁ ବ୍ୟାହତ ହୁଏ ତେବେ ଡିଭାଇସ୍ ? ତୁଳନାରେ ଅଧିକ କ୍ଷତିଗ୍ରସ୍ତ ହୁଏ ପାରମ୍ପରିକ ଶ୍ରଦ୍ଧା ଓ ମାନସିକ ସଂଯୋଗ। ଜଣକର କଥା ମନଯୋଗ ସହକାରେ ଶୁଣିଲେ ସେହି ଲୋକ ନିଜକୁ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି । କିନ୍ତୁ ବାରମ୍ବାର କଥା ମଝିରେ ମୋବାଇଲ୍ ସ୍କ୍ରିନ ଉପରକୁ ଆଖି ଚାଲିଗଲେ ଅପର ଦିଗର ମଣିଷଟି ହୁଏତ ନିଜକୁ ଅବହେଳିତ ମନେ କରିପାରନ୍ତି । ଯଦିଓ ଆପଣଙ୍କର ସେଭଳି କୌଣସି ଉଦ୍ଦେଶ୍ୟ ନଥାଏ । ତା’ହେଲେ ଉପାୟ ? ଏହା ଆପଣଙ୍କ ହାତମୁଠାରେ ହିଁ ଅଛି । ଫୋନ୍‌କୁ ନିଜ ପାଖରୁ କିଛି ସମୟ ପାଇଁ ଦୂରେଇ ରଖନ୍ତୁ । ନହେଲେ ଦୁହେଁ ମିଶି ଡିଜିଟାଲ୍ ? ଡିଟକ୍ସର ସହାୟତା ନେଇପାରିବେ । କେବଳ ଦାମ୍ପତ୍ୟ ସଂପର୍କ ନୁହେଁ ବରଂ ବନ୍ଧୁତ୍ୱରେ ବି ଫାଟ ସୃଷ୍ଟି କରିପାରେ ‘ଆଟେନସନ୍ ଇନଫିଡେଲିଟି ।’

ମୁମ୍ବାଇରେ ତିଆରି ହେବ ଦେଶର ସବୁଠୁ ବଡ଼ ଟନେଲ୍





ମୁମ୍ବାଇରେ ତିଆରି ହେବାକୁ ଯାଉଛି ଦେଶର ସବୁଠୁ ବଡ଼ ଟନେଲ୍, ଜାନୁଆରୀରେ ପହଞ୍ଚିବ ଦୁଇ ବିଶାଳ ମେସିନ୍, ମେ’ ୨୦୨୭ରୁ ଆରମ୍ଭ ହେବ ଖନନଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ଯାତାୟାତ ସମସ୍ୟା ଦୂର କରିବାକୁ ଆଉ ଏକ ବଡ଼ ପଦକ୍ଷେପ ନେଇଛି ପ୍ରଶାସନ। ସହରରେ ନିର୍ମାଣ ହେବାକୁ ଯାଉଛି ଏକ ବିଶାଳ ଅଣ୍ଡରଗ୍ରାଉଣ୍ଡ ରାସ୍ତା। ଏଥିପାଇଁ ବ୍ୟବହାର ହେବ ଭାରତର ସବୁଠୁ ବଡ଼ ଟନେଲ୍ ବୋରିଂ ମେସିନ୍। ଆସନ୍ତା ଜାନୁଆରୀ ୨୦୨୭ ସୁଦ୍ଧା ଏହି ମେସିନ୍ର ବିଭିନ୍ନ ଅଂଶ ମୁମ୍ବାଇରେ ପହଞ୍ଚିବାକୁ ଥିବାବେଳେ ମେ’ ୨୦୨୭ରୁ ଆରମ୍ଭ ହେବ ଟନେଲ୍ ଖନନ କାର୍ଯ୍ୟ। ଏହି ପ୍ରକଳ୍ପ ମୁମ୍ବାଇର ଯାତାୟାତ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ତେବେ ପ୍ରଶ୍ନ ଆସୁଛି କେମିତି ହେବ ଏହି ଟନେଲ୍‌ମୁମ୍ବାଇର ମାଲାଡ଼ର ମାଇଣ୍ଡସ୍ପେସ୍ଠୁ କାନ୍ଦିଭାଲିର ଚାର୍କୋପ୍ ପର୍ଯ୍ୟନ୍ତ ନିର୍ମାଣ ହେବ ୩.୯ କିଲୋମିଟର ଲମ୍ବର ଦୁଇଟି ସମାନ୍ତରାଳ ଟନେଲ୍। ଏହି ଟନେଲ୍ ଭୂପୃଷ୍ଠରୁ ପ୍ରାୟ ୪୦ ମିଟର ତଳେ ନିର୍ମାଣ କରାଯିବ। ଏଥିପାଇଁ ବ୍ୟବହାର ହେବ ୧୫.୬ ମିଟର ବ୍ୟାସ ବିଶିଷ୍ଟ ଦୁଇଟି ବିଶାଳ ଟନେଲ୍ ବୋରିଂ ମେସିନ୍। ଏହି ମେସିନଗୁଡ଼ିକ ଜର୍ମାନୀର ହେରେନକନେକ୍ଟ କମ୍ପାନୀ ଦ୍ୱାରା ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପର ସବୁଠୁ ବଡ଼ ଆକର୍ଷଣ ହେଉଛି ଟନେଲ୍ ବୋରିଂ ମେସିନ୍। ଏହାର ବିଶାଳ କଟର୍ ମାଟି ଓ ପଥରକୁ କାଟି ଭିତରେ ରାସ୍ତା ତିଆରି କରିବ। ତେବେ ମାଲାଡ୍ରୁ ଚାର୍କୋପ୍ ମଧ୍ୟରେ ଥିବା ଅଞ୍ଚଳରେ ଜଳାଶୟ ଓ ମ୍ୟାଙ୍ଗ୍ରୋଭ୍ ଜଙ୍ଗଲ ରହିଥିବାରୁ ଏଠାରେ ଭୂମିର ଗଠନ ଜଟିଳ। ଏହା ସହିତ ଭୂତଳ ଜଳ ପଶିବାର ଆଶଙ୍କା ମଧ୍ୟ ରହିଛି । ତେଣୁ ଏଠାରେ ସ୍ଲରି ମିକ୍ସସିଲ୍ଡ ଟନେଲ୍ ବୋରିଂ ଟେକ୍ନୋଲୋଜି ବ୍ୟବହାର କରାଯିବ। ଏହି ମେସିନ୍ ଖନନ ସମୟରେ ମାଟିର ଚାପକୁ ନିୟନ୍ତ୍ରଣ କରିବା ସହ ଭୂତଳ ଜଳ ପ୍ରବେଶ ଓ ମାଟି ଧସିବାର ଆଶଙ୍କାକୁ କମାଇଥାଏ। ଏହାର ସ୍ଲରି ହ୍ୟାଣ୍ଡଲିଂ କ୍ଷମତା ଘଣ୍ଟାକୁ ୨୯୦୦ ଘନମିଟର। ୧୬ ହଜାର କୋଟିରୁ ଅଧିକ ଟଙ୍କା ଏହି ପ୍ରକଳ୍ପରେ ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି । ଏହି ଟନେଲ୍ ମୁମ୍ବାଇର ୨୨.୯୩ କିଲୋମିଟର ଲମ୍ବ ବିଶିଷ୍ଟ କୋଷ୍ଟାଲ୍ ରୋଡ୍ ନର୍ଥ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ପ୍ରକଳ୍ପର ଆନୁମାନିକ ଖର୍ଚ୍ଚ ୧୬,୬୨୧ କୋଟି ଟଙ୍କା। ଭର୍ସୋଭାରୁ ଦହିସର ପର୍ଯ୍ୟନ୍ତ ଏକ ବିକଳ୍ପ ଦ୍ରୁତ ଯାତାୟାତ କରିଡର୍ ନିର୍ମାଣ ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପର ଟନେଲ୍ ନିର୍ମାଣ ଦାୟିତ୍ୱ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର୍ସ ଲିମିଟେଡକୁ ଦିଆଯାଇଛି । ମେସିନଗୁଡ଼ିକର ଫ୍ୟାକ୍ଟ୍ରି ଆକ୍ସେପ୍ଟାନ୍ସ ଟେଷ୍ଟ ଚେନ୍ନାଇରେ ସମ୍ପୂର୍ଣ୍ଣ ହୋଇଛି। ଏବେ ଚାର୍କୋପ୍ରେ ମେସିନ୍‌କୁ ଲଗାଇବା ପାଇଁ ଲଞ୍ଚିଂ ଶାଫ୍ଟ ନିର୍ମାଣ ଓ ପାଇଲିଂ କାର୍ଯ୍ୟ ଚାଲିଛି। ତେବେ ଏହି ବିଶାଳ ଟନେଲ୍ ନିର୍ମାଣ ହେବା ପରେ ମୁମ୍ବାଇର ଉତ୍ତର-ଦକ୍ଷିଣ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ହେବ ବୋଲି ଆଶା ରହିଛି। ଭୂମି ଉପରେ ଟ୍ରାଫିକ୍ ଭିଡ଼ ଥିବାବେଳେ ଭୂମି ତଳେ ତିଆରି ହେବ ଆଉ ଏକ ନୂଆ ରାସ୍ତା। ଆଧୁନିକ ଇଞ୍ଜିନିୟରିଂର ଏହି ବିଶାଳ ପ୍ରକଳ୍ପ ମୁମ୍ବାଇର ଭବିଷ୍ୟତ ଯାତାୟାତ ପାଇଁ ଏକ ନୂଆ ଅଧ୍ୟାୟ ଖୋଲିବାକୁ ଯାଉଛି।

ଦୁନିଆର ସବୁଠାରୁ ଧନୀ ଭିକାରୀ : ଭିକ ମାଗି ୭.୫ କୋଟି ସମ୍ପତ୍ତିର ମାଲିକ




ଭିକାରୀ କହିଲେ ଆଖି ଆଗକୁ ଆସେ ଅସହାୟ ଚେହେରା, ହାତରେ ଭିକ ଥାଳି ଆଉ ପେଟ ପାଇଁ ସଂଘର୍ଷ କରୁଥିବା ମଣିଷର ଚିତ୍ର। କିନ୍ତୁ ଯଦି ଜଣେ ଭିକାରୀଙ୍କ ପାଖରେ ଥାଏ କୋଟି କୋଟି ଟଙ୍କାର ସମ୍ପତ୍ତି, ନିଜସ୍ୱ ଫ୍ଲାଟ୍ ଆଉ ଭଡ଼ାରେ ଲାଗିଥିବା ଦୋକାନ, ତେବେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ମୁମ୍ବାଇର ଭରତ ଜୈନ। ଯିଏ ଭିକ୍ଷା ମାଗି ପ୍ରାୟ ୭.୫ କୋଟି ଟଙ୍କାର ସମ୍ପତ୍ତିର ମାଲିକ ହୋଇଥିବା ନେଇ ଚର୍ଚ୍ଚାରେ ଅଛନ୍ତି। ସାଧାରଣତଃ ଲୋକେ ଭିକ ମାଗିବାକୁ ଅଭାବ ଓ ଅସହାୟତା ସହ ଯୋଡ଼ିଥାନ୍ତି। କିନ୍ତୁ ଭରତ ଜୈନଙ୍କ କାହାଣୀ ଏହି ସବୁକୁ ଭିନ୍ନ ମୋଡ଼ ଦେଇଛି। ତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୭.୫ କୋଟି ଟଙ୍କା। ତାଙ୍କର ଦିନକୁ ରୋଜଗାର ୨ ହଜାରରୁ ୨୫୦୦ ଟଙ୍କା ଭରତ ଜୈନ ପ୍ରାୟ ୪୦ ବର୍ଷ ଧରି ଭିକ୍ଷାବୃତ୍ତି କରୁଛନ୍ତି। ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ଏବଂ ଆଜାଦ ମୈଦାନ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ସେ ଭିକ୍ଷା ମାଗିଥାନ୍ତି। ଦିନକୁ ପ୍ରାୟ ୧୦ରୁ ୧୨ ଘଣ୍ଟା କାମ କରି ସେ ୨ ହଜାରରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା କୁହାଯାଏ। ଏହି ହିସାବରେ ମାସକୁ ତାଙ୍କର ଆୟ ପ୍ରାୟ ୬୦ ହଜାରରୁ ୭୫ ହଜାର ଟଙ୍କା। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି, ତଥାପି ସିଏ ଭିକ୍ଷାବୃତ୍ତ ଛାଡୁନାହାନ୍ତି ।ଖାଲି ଏତିକି ନୁହଁ , ଭରତ ଜୈନଙ୍କ ପାଖରେ କେବଳ ଭିକ୍ଷାରୁ ରୋଜଗାର ନୁହେଁ, ଅନ୍ୟ ସମ୍ପତ୍ତି ମଧ୍ୟ ରହିଛି। ଶୁଣିବାକୁ ମିଳେ ମୁମ୍ବାଇରେ ତାଙ୍କର ଦୁଇଟି ଫ୍ଲାଟ୍ ରହିଛି, ଯାହାର ମୂଲ୍ୟ ପ୍ରାୟ ୧.୪ କୋଟି ଟଙ୍କା। ଏହା ସହ ଥାଣେରେ ତାଙ୍କର ଦୁଇଟି ଦୋକାନ ରହିଛି। ଏହି ଦୋକାନରୁ ମାସକୁ ପ୍ରାୟ ୩୦ ହଜାର ଟଙ୍କା ଭଡ଼ା ତାଙ୍କୁ ମିଳେ। ଆହୁରି ତାଙ୍କ ପରିବାରର ଏକ ଷ୍ଟେସନାରୀ ଦୋକାନ ମଧ୍ୟ ରହିଛି। ଏସବୁ ପରେ ତାଙ୍କ ପରିବାର ଚାହୁଁଛି ସିଏ ଭିକ ମାଗିବା ବନ୍ଦ କରନ୍ତୁ । ଭରତ ଜୈନଙ୍କ ପରିବାରରେ ତାଙ୍କ ପତ୍ନୀ, ଦୁଇ ପୁଅ, ବାପା ଓ ଭାଇ ଅଛନ୍ତି। ତାଙ୍କର ଦୁଇ ପୁଅ ଭଲ ସ୍କୁଲରେ ପାଠ ପଢ଼ିଛନ୍ତି ଏବଂ ଏବେ ପରିବାରର ବ୍ୟବସାୟରେ ସହଯୋଗ କରୁଛନ୍ତି। ପରିବାର ଲୋକେ ତାଙ୍କୁ ଭିକ୍ଷାବୃତ୍ତି ଛାଡ଼ିବାକୁ କହୁଥିଲେ ମଧ୍ୟ ସେ ଏହା ଜାରି ରଖିଛନ୍ତି। ତେବେ ସୂଚନା ଅନୁସାରେ ଭରତ ଜୈନଙ୍କୁ ଦୁନିଆର ସବୁଠାରୁ ଧନୀ ଭିକାରୀ ବୋଲି କୁହାଯାଉଥିଲେ ମଧ୍ୟ ଏହି ମାନ୍ୟତାର କୌଣସି ସରକାରୀ ବିଶ୍ୱ ରାଙ୍କିଂ ନାହିଁ। ତଥାପି ତାଙ୍କର ଏହି ଅଜବ କାହାଣୀ ସମସ୍ତଙ୍କୁ ଚକିତ କରିଛି ।

ସମୟ ଅନୁସାରେ ବଦଳିପାରେ ଡିପ୍ରେସନର ଲକ୍ଷଣ

କିଛି ଲୋକଙ୍କଠାରେ ଅବସାଦର ଲକ୍ଷଣ ସକାଳେ ଅଧିକ ଥାଏ ଏବଂ ଦିନ ଗଡ଼ିବା ସହ କମିପାରେ । ଏହାକୁ ଦିନ ଭିତରେ ମନୋଭାବର ପରିବର୍ତ୍ତନ ବା ଡାଏର୍ନାଲ୍ ମୁଡ୍ ଭାରିଏସନ୍ କୁହାଯାଇପାରେ । କିନ୍ତୁ ‘ସର୍କାଡିଆନ୍ ଡିପ୍ରେସନ୍’ ସାଧାରଣତଃ ସ୍ୱୀକୃତ ଏକ ସ୍ୱତନ୍ତ୍ର ରୋଗ ନିର୍ଣ୍ଣୟ ନୁହେଁ । ସକାଳେ ମନ ଖରାପ ହେବା କାରଣରୁ ଅବସାଦ କିମ୍ବା ଶରୀରର ଜୈବିକ ଘଡ଼ିର ସମସ୍ୟା ଅଛି ବୋଲି ନିଷ୍କର୍ଷ କରିହେବ ନାହିଁ । କିଛି ଲୋକଙ୍କଠାରେ ଋତୁ ପରିବର୍ତ୍ତନ ସହ ଅବସାଦର ଲକ୍ଷଣ ପୁନରାବୃତ୍ତି ହୁଏ। ଏହାକୁ ଋତୁ ଅନୁସାରେ ମନୋଭାବରେ ପରିବର୍ତ୍ତନ ସହିତ ଅବସାଦ କିମ୍ବା ଋତୁକାଳୀନ ଆଫେକ୍ଟିଭ୍ ଡିସଅର୍ଡର କୁହାଯାଏ । ଏହା ସାଧାରଣତଃ ଦିନ ଛୋଟ ଥିବା ଶୀତ ଋତୁରେ ଦେଖାଯାଇପାରେ, କିନ୍ତୁ ସମସ୍ତଙ୍କ ଅନୁଭବ ଏକରକମର ନୁହେଁ । ଆଲୋକ, ନିଦ ଓ ଜୈବିକ ଘଡ଼ି ମନୋଭାବ ସହ ଜଡ଼ିତ । ତଥାପି ଋତୁକାଳୀନ ଅବସାଦ ଓ ଦିନ ଭିତରେ ଲକ୍ଷଣ ବଦଳିବା ଏକସମାନ ଅବସ୍ଥା ନୁହେଁ ।

ମାତ୍ର ୧୦ ମିନିଟ୍‌ରେ ପ୍ରାଣାୟମ୍ କରି ପାଆନ୍ତୁ ବେନିଫିଟ୍



ପ୍ରାଣାୟାମରେ ଶ୍ୱାସ ନେବା ଓ ଛାଡ଼ିବାର ଗତି, ଗଭୀରତା ଓ ନିୟମିତତା ଉପରେ ଧ୍ୟାନ ଦିଆଯାଏ। ଧୀର, ନିୟନ୍ତ୍ରିତ ଶ୍ୱାସ ଅଭ୍ୟାସ ମନକୁ ଶାନ୍ତ କରିବା ସହ କେତେକ ଶ୍ୱାସକ୍ରିୟା ସୂଚକରେ ସୁଧାର ଆଣିପାରେ । କିନ୍ତୁ ଦିନକୁ ମାତ୍ର ୧୦ ମିନିଟ୍ ପ୍ରାଣାୟାମ କଲେ ସମସ୍ତଙ୍କ ଫୁସ୍‌ଫୁସ୍‌ର କ୍ଷମତା ନିଶ୍ଚିତ ଭାବେ ବଢ଼ିବ, ଏପରି ନିଷ୍କର୍ଷରେ ପହଞ୍ଚିବା ଠିକ୍ ନୁହେଁ। ୨୦୨୬ରେ ପ୍ରକାଶିତ ଏକ ବ୍ୟବସ୍ଥିତ ସମୀକ୍ଷା ଓ ମେଟାବିଶ୍ଳେଷଣରେ ସୁସ୍ଥ ବୟସ୍କଙ୍କ ଉପରେ ଯୋଗଜନିତ ଶ୍ୱାସାଭ୍ୟାସସମ୍ପର୍କିତ ୧୧ଟି ଅଧ୍ୟୟନକୁ ବିଶ୍ଳେଷଣ କରାଯାଇଥିଲା। ଅଧ୍ୟୟନ ଗୁଡ଼ିକରେ ଅଭ୍ୟାସର ଅବଧି ୪ ସପ୍ତାହରୁ ୪ ମାସ ପର୍ଯ୍ୟନ୍ତ ଥିଲା ଏବଂ ପ୍ରତ୍ୟେକ ଅଧିବେଶନ ଅତି କମ୍‌ରେ ୧୦ ମିନିଟ୍ ଥିଲା । କେତେକ ଫୁସ୍ଫୁସ୍ କାର୍ଯ୍ୟକ୍ଷମତା ସୂଚକରେ ମଧ୍ୟମ ଧରଣର ସୁଧାର ଦେଖାଗଲା । ତଥାପି ଅଧ୍ୟୟନ ସଂଖ୍ୟା କମ୍ ଥିବା, ପ୍ରଣାଳୀ ଓ ଅଭ୍ୟାସର ଅବଧି ଭିନ୍ନ ହେବା ଏବଂ କେତେକ ଫଳାଫଳରେ ଅଧିକ ବିଭିନ୍ନତା ଥିବାରୁ ଏହାକୁ ସତର୍କତାର ସହ ବୁଝିବା ଦରକାର ।

ଶ୍ୱାସକ୍ରିୟାରେ କେଉଁ ପରିବର୍ତ୍ତନ ହୋଇପାରେ ? କେତେକ ଅଧ୍ୟୟନରେ ଫୋର୍ସଡ୍ ଭାଇଟାଲ୍ କ୍ୟାପାସିଟି (ଏଫଭିସି), ଏକ ସେକେଣ୍ଡରେ ବଳପୂର୍ବକ ବାହାରକରାଯାଉଥିବା ବାୟୁର ପରିମାଣ ଓ ପିକ୍ ଏକ୍ସପିରେଟୋରି ଫ୍ଲୋ ରେଟ୍ (ପିଇଏଫ୍‌ଆର)ରେ ସୁଧାରଦେଖାଯାଇଛି । ଏହି ସୂଚକଗୁଡ଼ିକ ସ୍ପାଇରୋମେଟ୍ରି ପରୀକ୍ଷାରେମପାଯାଏ । ଏହାର ଅର୍ଥ ଫୁସ୍ଫୁସରେ ଜମିଥିବା କାର୍ବନ୍‌ଡାଇଅକ୍ସାଇଡ୍ କିମ୍ବା ବିଷାକ୍ତ ପଦାର୍ଥ ପ୍ରାଣାୟାମ ଦ୍ୱାରା ସଫାହୋଇଯାଏ ନାହିଁ । ଫୁସ୍ଫୁସ୍ ନିଜେ ଶରୀରକୁ ଅମ୍ଳଜାନଯୋଗାଇବା ଓ ଅଙ୍ଗାରକାମ୍ଳ ଗ୍ୟାସ୍ ବାହାର କରିବା କାମକରିଥାଏ । ସୁରକ୍ଷିତ ଅଭ୍ୟାସ- ଆରମ୍ଭରେ ସହଜ ଓ ଧୀର ଶ୍ୱାସାଭ୍ୟାସ କରନ୍ତୁ । ଜୋରରେଶ୍ୱାସ ନେବା, ଦୀର୍ଘ ସମୟ ଶ୍ୱାସ ଅଟକାଇ ରଖିବା କିମ୍ବା ମୁଣ୍ଡ ଘୂରିବା ସତ୍ତ୍ୱେ ଅଭ୍ୟାସ ଚାଲୁ ରଖିବା ଉଚିତନୁହେଁ । ଅସୁବିଧା ହେଲେ ସଙ୍ଗେସଙ୍ଗେ ବନ୍ଦକରନ୍ତୁ । ଆସ୍ଥମା, ସିଓପିଡି,ହୃଦ୍ରୋଗ କିମ୍ବା ଅନ୍ୟଶ୍ୱାସଜନିତ ରୋଗଥିଲେ ନିଜ ଚିକିତ୍ସକଙ୍କପରାମର୍ଶ ନିଅନ୍ତୁ । ପ୍ରାଣାୟାମଚିକିତ୍ସାର ବିକଳ୍ପ ନୁହେଁ । ଆବଶ୍ୟକହେଲେ ଏହା ଚିକିତ୍ସାର ସହାୟକ ଅଭ୍ୟାସ ହୋଇପାରେ ।

କାର୍ତ୍ତିକ ମାସରେ କାହିଁକି ଜଳେ ଆକାଶଦୀପ ?

କାର୍ତ୍ତିକ ମାସ ଆସିଲେ ମନ୍ଦିର ଏବଂ ଅନେକଙ୍କ ଘରେ ଦେଖିବାକୁ ମିଳେ ଏକ ସ୍ୱତନ୍ତ୍ର ପରମ୍ପରା। ଶ୍ରଦ୍ଧା ଓ ଭକ୍ତିର ସହ ଆକାଶକୁ ଉଠେ ଦୀପ। ତେବେ ଏହି ମାଟିର ଦୀପକୁ ଆକାଶ ଦୀପଭାବେ ପୂଜା କରିବା ପଛରେ ରହିଛି ବର୍ଷ ବର୍ଷର ବିଶ୍ୱାସ ଓ ପରମ୍ପରା । କାର୍ତ୍ତିକ ମାସ ହେଉଛି ଧର୍ମ ଓ ଆଧ୍ୟାତ୍ମିକତାର ମାସ। ଏହି ମାସରେ ପୂଜାପାଠ, ଦୀପଦାନ ଓ ଭଗବାନଙ୍କ ଆରାଧନାର ରହିଛି ବିଶେଷ ମହତ୍ତ୍ୱ। ଏହି ପରମ୍ପରା ମଧ୍ୟରେ ଅନ୍ୟତମ ହେଉଛି ଆକାଶ ଦୀପ। ମନ୍ଦିର ପରିସରରେ ଉଚ୍ଚରେ ଜଳୁଥିବା ଏହି ଦୀପ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଏହା ସହ ଦୀପଟିକୁ ପିତୃ ପୁରୁଷଙ୍କ ନିମନ୍ତେ ଅର୍ପଣ କରାଯାଏ। ପରମ୍ପରା କେବଳ ରୀତିନୀତିରେ ସୀମିତ ନୁହେଁ, ଏହା ସହ ଯୋଡ଼ି ହୋଇ ରହିଥାଏ ପିଢ଼ି ପରେ ପିଢ଼ିର ବିଶ୍ୱାସ। ଧାର୍ମିକ ବିଶ୍ୱାସ ରହିଛି, ଏହି ଦୀପର ଆଲୋକ ପିତୃପୁରୁଷଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସହ ସେମାନଙ୍କ ଆତ୍ମାର ସଦଗତି କାମନା କରି ଜଳାଯାଏ ଦୀପ ।



ଆଧୁନିକତାର ଏହି ଯୁଗରେ ମଧ୍ୟ ଆକାଶ ଦୀପ ଭଳି ପରମ୍ପରା ଆମ ସଂସ୍କୃତିର ପରିଚୟକୁ ଜୀବନ୍ତ ରଖିଛି । ଆକାଶକୁ ଉଠୁଥିବା ଏହି ଦୀପ କୌଣସି ସାଧାରଣ ଦୀପ ନୁହଁ ବରଂ ଶ୍ରଦ୍ଧା, ଆସ୍ଥା ଓ ପରମ୍ପରାର ଏକ ପ୍ରତୀକ। ଯାହା ଆମ ପୂର୍ବ ପୁରୁଷଙ୍କ ପ୍ରତି ଆମ ସମ୍ମାନକୁ ଦର୍ଶାଏ । କାର୍ତ୍ତିକ ମାସ ଆସିଲେ ଘରର ଅଗଣାରୁ ଆକାଶ ଯାଏ ଦେଖିବାକୁ ମିଳେ ଦୀପର ଆଲୋକ। ବାଉଁଶ ଖୁଣ୍ଟର ଶୀର୍ଷରେ ଜଳୁଥିବା ଏହି ଦୀପ କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ଏହା ପଛରେ ରହିଛି ଗଭୀର ଆଧ୍ୟାତ୍ମିକ ମାନ୍ୟତା। କିନ୍ତୁ କାହିଁକି ଆକାଶ ମୁହାଁ କରି ଜଳାଯାଏ ଏହି ଦୀପ ? ଏହି ପବିତ୍ର କାର୍ତ୍ତିକ ମାସରେ ସ୍ନାନ, ଦାନ, ଜପ ଓ ଦୀପଦାନର ବିଶେଷ ମହତ୍ତ୍ୱ ରହିଛି। ସ୍କନ୍ଦ ପୁରାଣର କାର୍ତ୍ତିକ ମାହାତ୍ମ୍ୟରେ ମଧ୍ୟ ଦୀପଦାନର ମହିମା ବର୍ଣ୍ଣନା କରାଯାଇଛି । କାର୍ତ୍ତିକ ମାସରେ ସନ୍ଧ୍ୟା ସମୟରେ ଉଚ୍ଚ ସ୍ଥାନରେ ଦୀପ ଜାଳି ଭଗବାନ ବିଷ୍ଣୁଙ୍କୁ ସମର୍ପଣ କରିବାର ବିଧି ରହିଛି। ଏହାକୁ ଆକାଶ ଦୀପ କୁହାଯାଏ। ତାସହ ଏହି ଦୀପକୁ ପିତୃପୁରୁଷଙ୍କ ପାଇଁ ଆଲୋକର ପଥ ବୋଲି କୁହାଯାଏ । ଆକାଶ ଦୀପ ସହ ପିତୃପୁରୁଷଙ୍କ ସମ୍ପର୍କ ମଧ୍ୟ ରହିଛି। ଧାର୍ମିକ ମାନ୍ୟତା ଅନୁସାରେ, ଏହି ଦୀପ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଏ। ପିତୃପୁରୁଷଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଆତ୍ମାର ସଦ୍ଗତି କାମନା କରି ଏହି ଦୀପ ପ୍ରଜ୍ୱଳନ କରାଯାଏ। ଏହାକୁ ପିତୃପୁରୁଷଙ୍କ ପାଇଁ ଆଲୋକ ଅର୍ପଣର ପ୍ରତୀକ ଭାବେ ଗ୍ରହଣ କରାଯାଏ। ତେବେ ଏଠି ଆଉ ଗୋଟିଏ ପ୍ରଶ୍ନ ଉଠୁଛି କାହିଁକି ଉଚ୍ଚରେ ଜଳାଯାଏ ଦୀପ ? ଆକାଶ ଦୀପକୁ ଉଚ୍ଚ ସ୍ଥାନରେ ରଖିବା ପଛରେ ରହିଛି ଧାର୍ମିକ ଭାବନା। ଆକାଶ ମୁହାଁ କରି ଦୀପ ଜାଳିବା ଦ୍ୱାରା ଏହାର ଆଲୋକ ଦୂରଦୂରାନ୍ତ ଯାଏ ବିସ୍ତାରିତ ହେବାର ପ୍ରତୀକାତ୍ମକ ଭାବନା ରହିଛି । ପରମ୍ପରା ଅନୁଯାୟୀ, ବାଉଁଶ ଖୁଣ୍ଟରେ ଦୀପ ବାନ୍ଧି ସନ୍ଧ୍ୟା ସମୟରେ ଏହାକୁ ଜାଳାଯାଏ। କେତେକ ସ୍ଥାନରେ ମାଟି ଦୀପରେ ଘିଅ କିମ୍ବା ତେଲ ଦେଇ ଏହି ପରମ୍ପରା ପାଳନ କରାଯାଏ। ସବୁଠାରୁ ବଡ଼ କଥା ଆଧୁନିକତା ଭିତରେ ଆଜି ବି ଏହି ପରମ୍ପରା ବଞ୍ଚିଛି, ସମୟ ବଦଳିଛି, ଜୀବନଶୈଳୀ ବଦଳିଛି। ହେଲେ ଆକାଶ ଦୀପ ଜାଳିବାର ପରମ୍ପରା ଆଜି ବି ଅନେକ ଘରେ ଅଛି।

ଶେଷ ୨ ଦିନିକିଆରୁ ବାଦ୍ ପଡ଼ିଲେ ଅଧିନାୟକ ଗିଲ୍ଙ୍କ ସମେତ ୩ ଖେଳାଳି



ନୂଆଦିଲ୍ଲୀ

ତୃତୀୟ ଦିନିକିଆ ବର୍ଷା ଯୋଗୁ ବାତିଲ ହେବା ପରେ ଏବେ ଉଭୟ ଦଳର ନଜର ମାଉଣ୍ଟ ମାଉଙ୍ଗାନୁଇରେ ଖେଳାଯିବାକୁ ଥିବା ସିରିଜର ଶେଷ ଦୁଇଟି ମ୍ୟାଚ ଉପରେ ରହିଛି। ତେବେ ଏହି ଦୁଇଟି ମ୍ୟାଚରେ ଅଧିନାୟକ ଶୁଭମନ ଗିଲ ଖେଳୁଥିବା ନଜର ଆସିବେ ନାହିଁ। ତାଙ୍କ ସହ ଆଉ ଦୁଇ ଜଣ ଖେଳାଳି ମଧ୍ୟ ଶେଷ ଦୁଇଟି ଦିନିକିଆରେ ଟିମ୍ ଇଣ୍ଡିଆର ଅଂଶ ହେବେ ନାହିଁ।

ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ଦୁଇଟି ଦିନିକିଆରେ ପରିବର୍ତ୍ତିତ ଦଳ ସହ ପଡ଼ିଆକୁ ଓହ୍ଲାଇବ ଭାରତୀୟ ଟିମ୍। ବିସିସିଆଇ ପୂର୍ବରୁ ହିଁ ସିରିଜ୍‌ର ପ୍ରଥମ ତିନିଟି ଏବଂ ଶେଷ ଦୁଇଟି ଦିନିକିଆ ପାଇଁ ଅଲଗା ଅଲଗା ଦଳ ଘୋଷଣା କରିଥିଲା। ଅଧିନାୟକ ଶୁଭମନ ଗିଲଙ୍କ ସମେତ ୩ ଜଣ ଖେଳାଳିଙ୍କୁ ଶେଷ ଦୁଇଟି ମ୍ୟାଚ୍ ପାଇଁ ଦଳରେ ସ୍ଥାନ ମିଳିନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ତିନିଟି ଦିନିକିଆରେ ଶୁଭମନ ଗିଲ ଭାରତୀୟ ଦଳର ନେତୃତ୍ୱ ନେଉଥିଲେ। କିନ୍ତୁ ସିରିଜ୍‌ର ଅବଶିଷ୍ଟ ଦୁଇଟି ମ୍ୟାଚ୍‌ରେ ସେ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ଶେଷ ଦୁଇଟି ମ୍ୟାଚ୍ ପାଇଁ ଶ୍ରେୟସ ଆୟରଙ୍କୁ ଟିମ୍ ଇଣ୍ଡିଆର ଅଧିନାୟକ ଦାୟିତ୍ୱ ଦିଆଯାଇଛି।

ନଭେମ୍ବର ୧୯ରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତକୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ପଡ଼ିବ। ତେଣୁ ଟେଷ୍ଟ ସିରିଜ୍ ପାଇଁ ପ୍ରସ୍ତୁତି ଏବଂ ଖେଳାଳିଙ୍କ କାର୍ଯ୍ୟଭାରକୁ ଧ୍ୟାନରେ ରଖି ଦଳରେ ଏହି ପରିବର୍ତ୍ତନ କରାଯାଇଛି। ଶୁଭମନଙ୍କ ବ୍ୟତୀତ କେଏଲ ରାହୁଲ ଓ ଅଂଶୁଲ କାମ୍ବୋଜ ମଧ୍ୟ ଶେଷ ଦୁଇଟି ଦିନିକିଆରେ ଖେଳିବେ ନାହିଁ। ଗିଲ, ରାହୁଲ ଓ କାମ୍ବୋଜଙ୍କୁ କେବଳ ପ୍ରଥମ ତିନିଟି ଦିନିକିଆ ପାଇଁ ଦଳରେ ସାମିଲ କରାଯାଇଥିଲା। ଏବେ ଟେଷ୍ଟ ସିରିଜ ପ୍ରସ୍ତୁତି ପାଇଁ ଏହି ତିନି ଖେଳାଳି ଭାରତୀୟ ଟେଷ୍ଟ ଦଳ ସହ ଯୋଗ ଦେବେ।

ଅନ୍ୟପକ୍ଷରେ, ଏହି ତିନି ଖେଳାଳିଙ୍କ ସ୍ଥାନରେ ତିଳକ ବର୍ମା, କୁମାର କୁଶାଗ୍ର ଓ ଯଶ ଠାକୁର ଶେଷ ଦୁଇଟି ଦିନିକିଆ ପାଇଁ ଭାରତୀୟ ଦଳରେ ସାମିଲ ହେବେ। ସୂଚନାଯୋଗ୍ୟ, ଦ୍ରୁତ ବୋଲର ପ୍ରସିଦ୍ଧ କୃଷ୍ଣା ମଧ୍ୟ ପ୍ରଥମ ତିନିଟି ଦିନିକିଆ ପାଇଁ ଟିମ୍ ଇଣ୍ଡିଆର ଅଂଶ ଥିଲେ। କିନ୍ତୁ ଆଘାତ କାରଣରୁ ସେ ପୂର୍ବରୁ ହିଁ ସମ୍ପୂର୍ଣ୍ଣ ଦିନିକିଆ ସିରିଜରୁ ବାଦ୍ ପଡ଼ିଛନ୍ତି।

ହାମିଲ୍ଟନ୍‌ରେ ବର୍ଷା : ବାତିଲ ହେଲା ତୃତୀୟ ଦିନିକିଆ ମ୍ୟାଚ୍

ହାମିଲଟନ୍

ବର୍ଷା ବିଗାଡ଼ିଲା ଗେମ୍। ଛତା, ରେନିକୋଟ୍ ପିନ୍ଧି ଫ୍ୟାନ୍ସ ମ୍ୟାଚ୍ ଦେଖିବାକୁ ଅପେକ୍ଷା କରିଥିଲେ ହେଲେ ସବୁ ଅଧାରେ ରହିଲା। ହାମିଲଟନ୍ ମ୍ୟାଚ୍‌ରେ ବର୍ଷାର ପ୍ରହାର ଦେଖିବାକୁ ମିଳିଛି। ଟସ୍ ପୂର୍ବରୁ ବର୍ଷା ଆରମ୍ଭ ହୋଇଗଲା। ଛାଡ଼ିବାର ନାମ ନେଲା ନାହିଁ। ୭ ଟାରେ ଟସ୍ ପଡ଼ିବା କଥା ବିଳମ୍ବ ହେଲା। ଶେଷରେ ୯ଟାରେ ଟସ୍ ପଡ଼ିଲା। ଏହା ପରେ ପୁଣି ବର୍ଷା ଆରମ୍ଭ ହେଲା। ମ୍ୟାଚ୍ ଆରମ୍ଭ ହୋଇପାରିଲା ନାହିଁ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହାମିଲଟନରେ ଖେଳାଯିବାକୁ ଥିବା ତୃତୀୟ ଦିନିକିଆ ବାତିଲ ହୋଇଛି। ବର୍ଷା ଯୋଗୁଁ ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ହୋଇଛି। ମ୍ୟାଚ୍ ସମୟରେ ବର୍ଷା ହୋଇଥିଲା। ଅନେକ ଥର ମ୍ୟାଚ୍ ଆରମ୍ଭ ହେବାର ଆଶା ଥିଲା, କିନ୍ତୁ ଟସ୍ ବ୍ୟତୀତ ପ୍ରଶଂସକଙ୍କୁ ଏହି ମ୍ୟାଚ୍‌ରେ ଦେଖିବାକୁ ଆଉ କିଛି ମିଳିନଥିଲା। ଭାରତୀୟ ଅଧିନାୟକ ଶୁଭମନ ଗିଲ ମ୍ୟାଚ୍‌ର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ୫ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ୩ ମ୍ୟାଚ୍ ପରେ ଟିମ୍ ଇଣ୍ଡିଆ ୨-୦ରେ ଆଗୁଆ ରହିଛି। ଅର୍ଥାତ୍ ସିରିଜ୍ ଜିତିବା ପାଇଁ ଟିମ୍ ଇଣ୍ଡିଆକୁ ବର୍ତ୍ତମାନ ପରବର୍ତ୍ତୀ ଦିନିକିଆକୁ ଅପେକ୍ଷା କରିବାକୁ ପଡ଼ିବ। ଯାହା ନଭେମ୍ବର ୧୩ ତାରିଖରେ ମାଉଣ୍ଟ ମୌଙ୍ଗାନୁଇରେ ଖେଳାଯିବ।



ବର୍ଷା ଯୋଗୁଁ ଖେଳରେ ବାରମ୍ବାର ବାଧା ଉପୁଜିଥିଲା। ଟସ୍ ପଡ଼ିବାରେ ବିଳମ୍ବ ହୋଇଥିଲା। ଫଳରେ ୫୦ ଓଭର ବିଶିଷ୍ଟ ପୂର୍ଣ୍ଣ ମୁକାବିଲା ଏକ ପ୍ରକାର ଅସମ୍ଭବ ଥିଲା। ବର୍ଷା ଟିକେ ଛାଡ଼ିବା ପରେ ଟସ୍ ପଡ଼ିଥିଲା। କ୍ୟାପ୍ଟେନ୍ ଗିଲ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ଭାରତୀୟ ଏକାଦଶରେ କିଛି ପରିବର୍ତ୍ତନ କରାଯାଇନଥିଲା। ଟସ୍ ପଡ଼ିବାର କିଛି ସମୟ ପରେ ପୁଣି ବର୍ଷା ହୋଇଥିଲା। ବର୍ଷା ଛାଡ଼ିଥିଲେ ଓଭର କମ୍ କରାଯାଇ ମ୍ୟାଚ୍ ଆରମ୍ଭ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ବର୍ଷା ଆଉ ଛାଡ଼ିଲା ନାହିଁ ଫଳରେ ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଗୋଟିଏ ବି ବଲ୍ ନଖେଳାଯାଇ ମ୍ୟାଚ୍ ରଦ୍ଦ ହୋଇଛି। ତଥାପି ସିରିଜରେ ୨-୦ରେ ଭାରତ ଆଗୁଆ ଅଛି। ନ୍ୟୁଜିଲାଣ୍ଡ ପାଇଁ ଏହି ମ୍ୟାଚ୍ କର ବା ମର ସ୍ଥିତି ଥିଲା। କିନ୍ତୁ ଭାରତ ପାଖରେ ସିରିଜ୍ ଆଗୁଆ କବ୍‌ଜାର ସୁଯୋଗ ଥିଲା। ସିରିଜ୍ କବ୍‌ଜା କରିବାକୁ ଚତୁର୍ଥ ଦିନିକିଆକୁ ଅପେକ୍ଷା କରିବାକୁ ପଡ଼ିବ।

ଅପରାହ୍ନରେ ବର୍ଷା ଏତେ ପ୍ରବଳ ହୋଇଯାଇଥିଲା ଯେ ୨୦ ଓଭରର ଡକୱର୍ଥ-ଲୁଇସ୍ ମ୍ୟାଚ୍‌ର ଆଶା ମଧ୍ୟ ଭାଙ୍ଗିଯାଇଥିଲା। ଗ୍ରାଉଣ୍ଡ ଶୁଖିବା ପାଇଁ ଅତକମ୍‌ରେ ୩୦ରୁ୪୦ ମିନିଟ୍ ସମୟ ଲାଗିଥାନ୍ତା ସେପଟେ ବର୍ଷା ବନ୍ଦ ହେଉନଥିଲା। ୨୦ ଓଭର ବିଶିଷ୍ଟ ମ୍ୟାଚ୍ ପାଇଁ କଟ୍ ଅଫ୍ ସମୟ ଭାରତୀୟ ସମୟ ରାତି ୧୨.୩୨ (ସ୍ଥାନୀୟ ସମୟ ରାତି ୮:୦୨)ରେ ରଖାଯାଇଥିଲା, କିନ୍ତୁ ପରିସ୍ଥିତି ବିଗିଡ଼ିବା ଦେଖି ପ୍ରଶଂସକମାନେ ନିରାଶ ହୋଇ କଟ୍ ଅଫ୍ ସମୟ ପୂର୍ବରୁ ଷ୍ଟାଡିୟମ ଛାଡ଼ିବା ଆରମ୍ଭ କରିଥିଲେ। ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭାରତୀୟ ଦଳକୁ ନଭେମ୍ବର ୧୩ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଚତୁର୍ଥ ଦିନିକିଆ ଖେଳିବାକୁ ପଡ଼ିବ।

ଅଣ୍ଡର-୧୯ ଏସିଆ କପ : 'କର ବା ମର'ପରିସ୍ଥିତିରେ ଭାରତକୁ ଶକ୍ତି ଦେଲେ ସେହ୍ୱାଗଙ୍କ ପୁଅ

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଦିଗ୍ଗଜ ବ୍ୟାଟର ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗ ଏବେ ଚାଲିଥିବା ୨୦୨୬ ଅଣ୍ଡର-୧୯ ଏସିଆ କପ୍‌ରେ ଟିମ୍ ଇଣ୍ଡିଆ ପକ୍ଷରୁ ଖେଳୁଛନ୍ତି। ଟୁର୍ଣ୍ଣାମେଣ୍ଟର ୧୧ତମ ମ୍ୟାଚ୍ ଭାରତ ଓ ୟୁଏଇ ମଧ୍ୟରେ ଖେଳାଯାଉଛି। ଏହି ମ୍ୟାଚ ଭାରତୀୟ ଦଳ ପାଇଁ 'କର ବା ମର' ସଦୃଶ। ଏଥିରେ ପରାଜୟ ବରଣ କଲେ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବ ଟିମ ଇଣ୍ଡିଆ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ଶତକ ହାସଲ କରିଛନ୍ତି ଆର୍ଯ୍ୟବୀର। ଓପନିଂ କରିବାକୁ ଆସିଥିବା ଆର୍ଯ୍ୟବୀର ୧୩୧ଟି ବଲରେ ୧୩ଟି ଚୌକା ଓ ୨ଟି ଛକା ସହ ନିଜ ଶତକ ପୂରଣ କରିଛନ୍ତି।

ପ୍ରଥମ ବଲରେ ହିଁ ସେ ଶାନ୍ତ ଓ ସଂଯମ ଦେଖାଇଥିଲେ। ପିଚ୍‌କୁ ସ୍ଥିତିକୁ ବୁଝି ଖେଳିବା ସହ ଆର୍ଯ୍ୟବୀର ନିଜ ଶତକ ପୂରଣ କରିଥିଲେ। ଦଳର ସ୍କୋର ୬୨ ରନ ହୋଇଥିବା ବେଳେ ପ୍ରଥମ ଉଇକେଟ୍ ପତନ ହୋଇଥିଲା। ଅଧିନାୟକ ଲକ୍ଷ୍ୟ ରାଜେଶ ରାୟଚନ୍ଦାନୀ ୧୭ ରନ କରି ଆଉଟ ହୋଇଥିଲେ। ପ୍ରଥମ ୱିକେଟ ପତନ ପରେ ମଧ୍ୟ ଆର୍ଯ୍ୟବୀର ଧୈର୍ଯ୍ୟ ହରାଇ ନଥିଲେ। ସେ ଧୀରେ ଧୀରେ ପରିସ୍ଥିତି ଅନୁଯାୟୀ ନିଜ ଇନିଂସକୁ ଆଗକୁ ବଢ଼ାଇଥିଲେ।



୧୪ରେ କଳିଙ୍ଗ ଷ୍ଟାଡିୟମରେ ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର ଟ୍ୱେଣ୍ଟି ସେଭେନ୍ସ ଚାମ୍ପିଅନସିପ୍, ଭାରତୀୟ ଟିମ୍‌ରେ ୮ ଓଡ଼ିଆ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୧୪ ଏବଂ ୧୫ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬। ଟୁର୍ଣ୍ଣାମେଣ୍ଟକୁ ସୁରୁଖୁରୁରେ ସମ୍ପନ୍ନ କରିବା ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଲୋଚନା କରିବା ସହ ସମୀକ୍ଷା କରିଛନ୍ତି। ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬ରେ ଭାରତ ସମେତ ୧୦ଟି ଦେଶର ପ୍ରତିଯୋଗୀ ଭାଗନେବେ। ଭାରତୀୟ ଟିମ୍‌ରେ ସ୍ଥାନ ପାଇଛନ୍ତି ଓଡ଼ିଶାର ୮ ଜଣ କ୍ରୀଡ଼ାବିତ୍। ଅନ୍ତର୍ଜାତୀୟ ସ୍ତରୀୟ ରଗ୍‌ବୀ ପ୍ରତିଯୋଗିତାର ଆୟୋଜନ କରିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।



ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏସିଆ ରଗ୍‌ବୀ ଏମିରେଟ୍‌ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬' ଆୟୋଜନର ପ୍ରସ୍ତୁତି ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଗ୍‌ବୀ ଇଣ୍ଡିଆ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡିୟମଠାରେ ଏହି ଚାମ୍ପିଅନସିପ୍ ଅନୁଷ୍ଠିତ ହେବ।

ଏହି ଅନ୍ତର୍ଜାତୀୟ ଚାମ୍ପିଅନସିପ୍‌ରେ ୧୦ଟି ଦେଶ ଯଥା ଭାରତ, ହଂକଂ, ଚୀନ, ଉଜ୍‌ବେକିସ୍ତାନ, ଚାଇନିଜ ତାଇପେଇ, ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଏବଂ ଜୋର୍ଡାନ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ୧୦ଟି ଦେଶରୁ ସର୍ବମୋଟ ୧୭ଟି ଟିମ୍ (୧୦ଟି ପୁରୁଷ ଟିମ୍ ଏବଂ ୭ଟି ମହିଳା ଟିମ୍) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ଭାରତୀୟ ପୁରୁଷ ଟିମ୍‌ରେ ପୁଷ୍ପେନ୍ଦର (କ୍ୟାପ୍‌ଟେନ), ରଞ୍ଜନ ରାଓ୍ୱତ (ଭାଇସ୍ କ୍ୟାପ୍ଟେନ), ଅଜିତ୍ ନିଗମ, ଅମନ, ଅରୁଣ ପ୍ରଜାପତ, ଭରତ କିଷାନ, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ନମନ ଯାଦବ, ରାହୁଲ ମାଝୀ, ରୋହିତ କୁମାର ଏବଂ ସୁବାସ ହାଁସଦା ସ୍ଥାନ ପାଇଛନ୍ତି। ସେହିପରି ଭାରତୀୟ ମହିଳା ଟିମ୍‌ରେ ତନୁଶ୍ରୀ ଭୋଁସଲେ (କ୍ୟାପଟେନ୍), ମାମାଲି ସିଂ (ଭାଇସ କ୍ୟାପଟେନ୍), ଅକ୍ଷୟା ଏନ୍.ଏସ, ଅନିତା ମୁର୍ମୁ, ଅନୁଷ୍କା ସଙ୍କପାଲ, ଦୀପାଳୀ ତାଠେ, ଖୁସି ଦେବୀ, କୀର୍ତ୍ତି ଯାଦବ, ଆଦିତି ସଖାରାମ୍ ଲୋନ୍ଧେ, ସଲୋନୀ କୁମାରୀ, ସମୃଦ୍ଧି କଦମ୍ ଏବଂ ସୁମିତ୍ରା ମୁର୍ମୁ ଖେଳିବେ।

ଭାରତୀୟ ପୁରୁଷ ଟିମ୍‌ରେ ୫ ଜଣ ଓଡ଼ିଆ କ୍ରୀଡ଼ାବିତ ସ୍ଥାନ ପାଇଛନ୍ତି। ସେମାନେ ହେଲେ- ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ରାହୁଲ ମାଝୀ ଏବଂ ସୁବାସ ହାଁସଦା। ଭାରତ ମହିଳା ଟିମ୍‌ରେ ସାମିଲ ୩ ଜଣ ଓଡ଼ିଆ କ୍ରୀଡ଼ାବିତ୍ ହେଲେ- ମାମାଲି ସିଂ, ଅନିତା ମୁର୍ମୁ ଓ ସୁମିତ୍ରା ମୁର୍ମୁ।

କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬' ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସବିସ୍ତୃତ ସମୀକ୍ଷା କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କ ଆଗମନ, ସେମାନଙ୍କ ସୁରକ୍ଷିତ ରହଣି, ଗମନାଗମନ, ଆତିଥ୍ୟ ଓ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରତିଯୋଗିତା ଆୟୋଜନ ହେଉଥିବା ସମୟରେ କ୍ରୀଡ଼ାବିତ୍ ଏବଂ ସମସ୍ତ ଦର୍ଶକଙ୍କ ସୁରକ୍ଷା, ପୋଲିସ ଫୋର୍ସ ମୁତୟନ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ ସଂଯୋଗୀକରଣ, ଅଗ୍ନି ନିରାପତ୍ତା ଆଦି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କ୍ରୀଡ଼ାମନ୍ତ୍ରୀ।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬'ର ଆୟୋଜନ ଓଡ଼ିଶାରେ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଚଳିତ ବର୍ଷ କଳିଙ୍ଗ ଷ୍ଟାଡିୟମ୍‌ରେ ୩ଟି ଜାତୀୟ ସ୍ତରୀୟ ରଗ୍‌ବୀ ଚାମ୍ପିଅନସିପ୍ (ସବ୍-ଜୁନିୟର ନ୍ୟାସନାଲ ରଗ୍‌ବୀ ସେଭେନ୍ସ ଚାମ୍ପିଅନସିପ୍, ଅସ୍ମିତା ରଗ୍‌ବୀ ଲିଗ୍-ନ୍ୟାସନାଲ ଏବଂ ନ୍ୟାସନାଲ ରଗ୍‌ବୀ ୧୫ ଏସ୍ ଚାମ୍ପିଅନସିପ୍- ଡିଭିଜନ୍ ୧) ଅନୁଷ୍ଠିତ ହୋଇସାରିଛି। ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଥିବା କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଏସୀୟ ମଡର୍ଣ୍ଣ ପେଣ୍ଟାଥଲନ: ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିବେ ଓଡ଼ିଶାରୁ ୬ ଖେଳାଳି

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ୟୁଏଇରେ ଆରମ୍ଭ ହୋଇଥିବା ଏସୀୟ ମଡର୍ଣ୍ଣ ପେଣ୍ଟାଥଲନ ପ୍ରତିଯୋଗିତାରେ ଭାରତରୁ ଓଡ଼ିଶାର ୮ ଜଣ ପ୍ରତିନିଧିତ୍ୱ କରିବେ। ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୬ ଜଣ ଖେଳାଳି ପ୍ରଣବ ଦାସ, ମହମ୍ମଦ ଅମନ, ଅମିୟ କୁମାର ପ୍ରଧାନ, ଆରବ ଚିଦାନନ୍ଦ ସ୍ୱାଇଁ, ବେଦାଂଶ ଦେବ ପଣ୍ଡା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ଭାଗନେବେ। ଏମାନଙ୍କ ସହ ଦୁଇ ଜଣ ପ୍ରଶିକ୍ଷକ ପୂଜା ବେହେରା ଓ ମହମ୍ମଦ ଆଜମ ମଙ୍ଗଳବାର ୟୁଏଇ ଗସ୍ତ କରିଛନ୍ତି। ପୂର୍ବତନ ଲୋକସଭା ସାଂସଦ ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଟାଇମ୍ସ ସ୍କଲାର୍ସ ଗୁରୁକୁଳର ଅଧ୍ୟକ୍ଷ ସାରଦା ପ୍ରସାଦ ମିଶ୍ର, ବାସୁଦେବ ଓଝା, ରଞ୍ଜନ କୁମାର ନନ୍ଦ, କୃଷ୍ଣଚନ୍ଦ୍ର ପଣ୍ଡା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀମାନେ ଖେଳାଳିମାନଙ୍କ ସଫଳତା କାମନା କରିଛନ୍ତି।



ଝରିଗାଁ କୋର୍ଟ ପରିସରରେ ଆକ୍ରମଣ ଘଟଣା : ଜିଲ୍ଲା ଓକିଲ ସଂଘର ପ୍ରତିବାଦ ଓ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି



ଉମରକୋଟ, ନ୍ୟୁଜ୍‌ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଝରିଗାଁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତ ପରିସରରେ ସରକାରୀ ଓକିଲ, ମାଜିଷ୍ଟ୍ରେଟ ଏବଂ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରାଯାଇଥିବା ଅତି ଦୁଃଖଦାୟକ ଓ ନିନ୍ଦନୀୟ ଘଟଣାକୁ ନେଇ ସମଗ୍ର ଆଇନଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ନବରଙ୍ଗପୁର ଏବଂ ଉମରକୋଟ ଓକିଲ ସଂଘର ଆବାହନ କ୍ରମେ ଜିଲ୍ଲାର ସମସ୍ତ ଅଦାଲତର ଓକିଲମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇବା ସହ ସମସ୍ତ କୋର୍ଟ କାର୍ଯ୍ୟରୁ ବିରତ ରହିଛନ୍ତି। ଘଟଣା ସମ୍ପର୍କରେ ଟିକିନିଖି ଆଲୋଚନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ନବରଙ୍ଗପୁର ଓ କୋରାପୁଟ ଜିଲ୍ଲା ଓକିଲ ସଂଘର ଏକ ବରିଷ୍ଠ ପ୍ରତିନିଧି ଦଳ ଉମରକୋଟ ଓକିଲ ସଂଘରେ ପହଞ୍ଚି ସ୍ଥାନୀୟ ଓକିଲଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଏଥିସହ ଓଡ଼ିଶା ବାର୍ କାଉନସିଲ୍ ସଭ୍ୟ ପି. ରମେଶ ପାତ୍ର ଘଟଣାସ୍ଥଳରେ ଉପସ୍ଥିତ ରହି ଆଇନଜୀବୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଜଘନ୍ୟ କାଣ୍ଡକୁ ସାରା ରାଜ୍ୟରେ ବିରୋଧ କରାଯାଇଛି। ଉମରକୋଟ ଓକିଲ ସଂଘ ତରଫରୁ ରାଜ୍ୟ ବାର୍ କାଉନସିଲ୍‌କୁ ପତ୍ର ଲେଖି ଆଇନଜୀବୀଙ୍କ ସୁରକ୍ଷା ନେଇ ଦୃଢ଼ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏହା ସହିତ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଓକିଲ ସଂଘକୁ ଚିଠି ମାଧ୍ୟମରେ ଏହି ପ୍ରତିବାଦରେ ସହଯୋଗ ଲୋଡ଼ାଯାଇଛି।

ଓକିଲ ସଂଘର ପ୍ରମୁଖ ଦାବିଗୁଡ଼ିକ ହେଲା- ନ୍ୟାୟିକ ବିଭାଗକୁ ବାହ୍ୟ ଆକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ କଠୋର 'ଓକିଲ ସୁରକ୍ଷା ଆଇନ' ପ୍ରଣୟନ କରାଯାଉ। ଘଟଣାର ଅତିଶୀଘ୍ର ତଦନ୍ତ ସାରି ଦୋଷୀମାନଙ୍କୁ କଠିନରୁ କଠିନତମ ଦଣ୍ଡ ଦିଆଯାଉ। ବିଚାର ବିଭାଗୀୟ ଅଦାଲତ ଏବଂ କୋର୍ଟ ପରିସରରେ ଆବଶ୍ୟକ ପରିମାଣରେ ସୁରକ୍ଷାକର୍ମୀ ମୁତୟନ କରାଯାଉ।

ଏହି ସମସ୍ତ ଦାବି ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟ ଓକିଲ ପରିଷଦ, ରାଜ୍ୟ ସରକାର ଏବଂ ଉଚ୍ଚ ନ୍ୟାୟଳୟକୁ ଆନୁଷ୍ଠାନିକ ଭାବରେ ଦାବିପତ୍ର ଦିଆଯିବ। ନ୍ୟାୟାଳୟ ପରିସରରେ ସମସ୍ତଙ୍କ ସୁରକ୍ଷା ନିଶ୍ଚିତ ନହେବା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଓକିଲ ତିନିଦିନ ଧରି କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜାରି ରଖିବେ ବୋଲି ନିଷ୍ପତ୍ତି ନିଆଯାଇଛି।

ପୂର୍ବାଞ୍ଚଳ ମହିଳା ଟି-୨୦ ଦଳରେ ଓଡ଼ିଶାର ୩ ଖେଳାଳି, ଅନନ୍ୟା ମିଶ୍ର ଷ୍ଟାଣ୍ଡବାଏ



କଟକ, ନ୍ୟୁଜ୍‌ବ୍ୟୁରୋ

ବିସିସିଆଇର ଘରୋଇ କ୍ରିକେଟ୍ ଋତୁ ୨୦୨୬-୨୭ ପାଇଁ ଆୟୋଜିତ ହେବାକୁ ଥିବା ସିନିୟର ମହିଳା ଇଣ୍ଟର ଜୋନାଲ ଟି-୨୦ ଟ୍ରଫିରେ ଓଡ଼ିଶାର ଖେଳାଳିମାନେ ସୁଯୋଗ ପାଇଛନ୍ତି। ପୂର୍ବାଞ୍ଚଳ (ଇଷ୍ଟ ଜୋନ୍) ଦଳର ୧୫ ଜଣିଆ ଚୂଡ଼ାନ୍ତ ଦଳରେ ଓଡ଼ିଶାର ତନ୍ମୟୀ ବେହେରା, ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ଶୁଭ୍ରା ଏନ୍. ସ୍ୱାଇଁ ସ୍ଥାନ ପାଇଛନ୍ତି। ସେହିପରି ଅନନ୍ୟା ମିଶ୍ରଙ୍କୁ ଷ୍ଟାଣ୍ଡବାଏ ଖେଳାଳି ଭାବେ ମନୋନୀତ କରାଯାଇଛି। ଆସନ୍ତା ନଭେମ୍ବର ୨୪ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆସାମର ଗୁଆହାଟୀଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମନୋନୀତ ତନ୍ମୟୀ ବେହେରା ବ୍ୟାଟର୍ ଭାବେ ଦଳରେ ସ୍ଥାନ ପାଇଥିବାବେଳେ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଶୁଭ୍ରା ଏନ୍. ସ୍ୱାଇଁ ଅଲ୍‌ରାଉଣ୍ଡର୍ ଭାବେ ଦଳକୁ ପ୍ରତିନିଧିତ୍ୱ କରିବେ। ଏହା ସହିତ ଓଡ଼ିଶାର ମଧୁସ୍ମିତା ବେହେରାଙ୍କୁ ଇଷ୍ଟ ଜୋନ୍ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ଜି. ପୋଲାମାଙ୍କୁ ଦଳର ଶକ୍ତି ଓ ଶାରୀରିକ ସକ୍ଷମତା ପ୍ରଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ଓଡ଼ିଶାର ଖେଳାଳି ଓ ପ୍ରଶିକ୍ଷକଙ୍କ ଏହି ମନୋନୟନକୁ ନେଇ ଓଡ଼ିଶା କ୍ରିକେଟ୍ ମହଲରେ ଖୁସି ପ୍ରକାଶ ପାଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ମନୋନୀତ ଖେଳାଳି ଏବଂ ସହାୟକ ପ୍ରଶିକ୍ଷକ ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ଜାପାନ ମାଷ୍ଟର୍ସ : ପୂର୍ବତନ ବିଶ୍ୱ ବିଜେତାଙ୍କୁ ବିଦା କଲେ ଅର୍ଜୁନ-ହରିହରନ

କୁମାମୋତୋ



ଭାରତୀୟ ପୁରୁଷ ଯୁଗଳ ଯୋଡ଼ି ଅର୍ଜୁନ ଏମ୍‌ଆର ଓ ହରିହରନ ଆମ୍‌ସାକରୁନାନ୍ ଚଳିତ ଜାପାନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପୂର୍ବତନ ବିଶ୍ୱ ବିଜେତା ଯୋଡ଼ି ମାଲେସିଆର ଆରୋନ ଚିଆ ଓ ସୋ ଉଇ ୟିକ୍‌ଙ୍କୁ ବିଦାୟର ରାସ୍ତା ଦେଖାଇଛନ୍ତି। ମଙ୍ଗଳବାର ଏହି ଭାରତୀୟ ଯୋଡ଼ି ବିପକ୍ଷ ରାଉଣ୍ଡ-୩୨ ମୁକାବିଲାରେ ମାଲେସିଆ ଯୋଡ଼ି ୬-୧୧ରେ ପଛରେ ଥିଲା ବେଳେ ଓହରି ଯାଇଥିଲେ। ଫଳରେ ହରିହରନ ଓ ଅର୍ଜୁନ ସହଜରେ ରାଉଣ୍ଡ-୧୬ ସ୍ଥାନ ନିଶ୍ଚିତ କରିଥିଲେ।

ଭାରତୀୟ ମହିଳା ଯୁଗଳ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ୨୧-୧୭, ୨୧-୧୪ରେ ଜାପାନର ହିନାତା ସୁଜୁକି ଓ ନାଓ ୟାମାକିତାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ମିଶ୍ରିତ ଯୁଗଳ ଯୋଡ଼ି ଧ୍ରୁବ କପିଳ ଓ ରାଧିକ ଶର୍ମା ୧୬-୨୧, ୧୫-୨୧ରେ ଆମେରିକାର ଚେନ୍ ଝି ୟି ଓ ଫ୍ରାନସେସ୍କା କର୍ବେଟଙ୍କଠୁ ହାରି ବିଦାୟ ନେଇଛନ୍ତି।

ଖୋ ଖୋ ପ୍ରତିଯୋଗିତାରେ ବରଗାଁ ସ୍କୁଲର ସଫଳତା



ବରଗଡ଼, ନ୍ୟୁଜ୍‌ବ୍ୟୁରୋ

ବରଗଡ଼ ଉପକଣ୍ଠ ବରଗାଁର ସରକାରୀ ଉଚ୍ଚ ବିଦ୍ୟାଳୟ, ବରଗାଁ ଉଟଲି ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ଜୁନିୟର ଖୋ ଖୋ ପ୍ରତିଯୋଗିତାରେ ବରଗଡ଼ ବ୍ଲକ ଚାମ୍ପିଅନ ହୋଇଥିବା ବେଳେ ୧୨ ଜଣ ଛାତ୍ରମାନଙ୍କ ମଧ୍ୟରୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବରଗାଁର ୮ ଜଣ ଛାତ୍ର ଯୋଗଦାନ କରି ଏହି କୃତିତ୍ୱ ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବରଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କର ଏହି ସଫଳତା ହାସଲ ପାଇଁ ଜିଲ୍ଲା ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ବରଗାଁ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଗଣେଶ ବାରିକ ଛାତ୍ରମାନଙ୍କୁ ଏହି ସଫଳତା ପାଇଁ ମାର୍ଗ ଦର୍ଶନ କରିଥିବାରୁ ତାଙ୍କୁ ମଧ୍ୟ ଜିଲ୍ଲା ସ୍ତରରେ ଶୁଭେଚ୍ଛା ପ୍ରଦାନ କରାଯାଇ ଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟ, ବରଗାଁର ପ୍ରଧାନ ଶିକ୍ଷକ ସୁରେଶ କୁମାର ଦାଶ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ଛାତ୍ରମାନଙ୍କୁ ଟ୍ରଫି ପ୍ରଦାନ କରି ଉଚ୍ଚ ପ୍ରଶଂସିତ କରିବା ସଙ୍ଗେ ସଙ୍ଗେ ଜିଲ୍ଲା ଶିକ୍ଷା ବିଭାଗକୁ ଧନ୍ୟବାଦ ଅର୍ପଣ କରିଥିଲେ।

Government of Odisha "e" procurement Notice 34001/1148/2627

OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT

Bid Identification No. S.E (R&B) KPT- 14/ 2026-27

1. Name of the work: Building works
2. Total No. of works: 02 Nos.
3. Estimated cost: Rs. 3.35 to 8.64 Lakhs
4. Period of completion: 01 (One) Month
5. Date & Time of availability of bid document in the portal: From 09.11.2026 at 11.00 hours to 19.11.2026 upto 17.00 hours
6. Last date/ Time for receipt of bids in the portal: 19.11.2026 upto 17.00 hours
7. Date of opening of Tender: 20.11.2026 at 12.00 hours
8. Name and address of the Officer Inviting Bid: Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in

Sd/- Superintending Engineer
Koraput (R&B) Division
OIPR-34001/34096/1/26-27/0013

Kataka Municipal Corporation 13001/2423/2627
Biju Bhawan, Choudhary Bazaar,
Kataka-753001

Ref. No. 1417 / SANT Date. 10.11.2026
Tender Id:-
E-Tender(Short tender Notice)
2nd call Tender

SL No.	List of Key Events	Critical Dates
1	Name of Work	Selection of Agency for Providing Comprehensive Facility Management Services (Sanitation Works) at the Lower Ground (Tala Padia) of Balijatra-2026, Kataka, for Kataka Municipal Corporation
2	Mode of Bid Submission	E-tendering (http://tendersodisha.gov.in)
3	Date/Time of Publication of Tender on Website	From 04:00 P.M. of 11/11/2026 to 18/11/ 2026 up to 02:00P.M.
4	Last Date/Time of Bid Submission	18/11/ 2026 up to 02:00P.M.
5	Date/Time of opening of Bid (Technical)	18/11/2026 at 04:30A.M.
6	Last date of Hardcopy receipt of Bid	18/11/2026 up to 04:00P.M.
7	Date/Time of opening of Bid (Financial)	To be Intimated later.
8	Bid Submission Address	The Commissioner Kataka Municipal Corporation, Biju Bhawan, Choudhary Bazaar, Kataka-753001

The complete bidding documents, fee details, descriptions of items and key dates can be viewed/ downloaded from the website: https://tendersodisha.gov.in Please note that KMC reserves the right to accept or reject the Bid process at any stage without assigning any reason whatsoever.

Sd/- Commissioner,
Kataka Municipal Corporation
OIPR-13001/13031/1/26-27/0082

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବସାଇଟ୍ : https://oshb.org
ପତ୍ର ସଂଖ୍ୟା :୧୭୯ ତା: ୩୦.୧୦.୨୦୬
13001/2410/2627

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଫ୍ଲାଟ୍ ନଂ-ଏସ୍/ଇ-୧/୧୨ S/E-1/12 ସ୍ଲମ୍ ଡ୍ୱେଲର ରିହାବିଲିଟେସନ ସ୍କିମ୍ ସତ୍ୟନଗର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ କାଳନ୍ଦୀ ଚରଣ ପାଣିଗ୍ରାହୀ, ପିତା-୰ଭଗବାନ ପାଣିଗ୍ରାହୀ, ୨.ଶ୍ରୀମତୀ ସାବିତ୍ରୀ ପତି, ସ୍ୱାମୀ-୰ଗଗନ ବିହାରୀ ପତି, ସା-ବ୍ରହ୍ମପୁର, ପୋ-ଇଚ୍ଛାପୁର, ଥାନା-ସାବରଙ୍ଗ, ଜିଲ୍ଲା-ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହ(ଫ୍ଲାଟ୍)ଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ବିଷ୍ଣୁପ୍ରିୟା ବାରିକ, ସ୍ୱାମୀ-ବିଶ୍ୱନାଥ ବାରିକ, ଏସ୍/ଇ-୧/୧୦, ସତ୍ୟନଗର ପୋ-ସହୀଦନଗର, ଥାନା-ଖାରବେଳ ନଗର, ଭୁବନେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ୍ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଫ୍ଲାଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା/-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/26-27/0348

8001/472/2627

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ
OFFICE OF THE DIVISIONAL FOREST OFFICER, RAIRANGPUR DIVISION
Tel. No.:- (06794) – 222036 (O) 222008 (R) FAX No.:- (06794) – 222836, e-mail-dforrp@gmail.com

e-Procurement Notice
Bid Identification No. 105 /DFO, RRP-1F/2026-27 Dt,06.11.2026.

The DIVISIONAL FOREST OFFICER, RAIRANGPUR FOREST DIVISION, RAIRANGPUR on behalf of Governor of Odisha invites Percentage Rate bids to be received in ONLINE mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

1.	Nature of work	:-	Construction of E.D.C. Building
2.	No. of work	:-	15 Nos. (Fifteen)
3.	Period of Completion	:-	03 (Three) Months
4.	Cost of tender	:-	Rs.6000/- (Six Thousand) only
5.	Estimated Cost	:-	Rs.1078453/-
6.	Class of Contractor	:-	"C" & "D" Class
7.	Date & time of availability of tender document	:-	from 11.00 hours of 12.11.2026 to 17.30 hours of 21.11.2026.
8.	Receipt of bid documents	:-	Online Only
09.	Date & time of opening of technical bid	:-	Dt.23.11.2026 at 11.30 hours onwards in the Office of the undersigned.
10.	Other Documents	:-	(As mentioned in DTCN)
11.	The bidders have to participate in on-line bidding only	:-	Further details can be seen from the website www.tendersodisha.gov.in, www.odishaforest.in & www.mayurbhanj.nic.in
12.	Name & Address of the O.I.T. (Officer Inviting Tender)	:-	Divisional Forest Officer, Rairangpur Division. At/P.O.-Rairangpur, Mayurbhanj, Odisha-757043
13.	Any addendum / Corrigendum / Cancellation of tender can also be seen in the said website		
14.	The undersigned reserves the right to accept / reject any or all Tender without assigning any reason thereof.		

Sd/- Divisional Forest officer,
Rairangpur Division.
OIPR-8001/8055/1/26-27/0002



ମାଣ୍ଡିଆ ଆମ ସମୃଦ୍ଧ କୃଷି ସଂସ୍କୃତିର ପରିଚୟ : ନବୀନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ମାଣ୍ଡିଆ ଦିବସରେ ମାଣ୍ଡିଆ ଆମ ସମୃଦ୍ଧ କୃଷି ସଂସ୍କୃତିର ପରିଚୟ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମାଣ୍ଡିଆ ଦିବସରେ ଏହାକୁ ଦୈନନ୍ଦିନର ଖାଦ୍ୟରେ ସାମିଲ କରି ଏକ ସୁସ୍ଥ ଜୀବନ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହି ଅବସରରେ ଏକ୍ସ ହ୍ୟାଣ୍ଡେଲରେ ନବୀନ ପଟ୍ଟନାୟକ ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, ମାଣ୍ଡିଆ କେବଳ ପୁଷ୍ଟିକର ଖାଦ୍ୟ ନୁହେଁ, ଏହା ଆମ ସମୃଦ୍ଧ କୃଷି ସଂସ୍କୃତିର ପରିଚୟ। ବିଜୁ ଜନତା ଦଳର ସରକାରରେ ଓଡ଼ିଶାର ମାଣ୍ଡିଆ ବିଶ୍ୱରେ ଆଦୃତ ହୋଇଥିଲା। ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ସହ ଚାଷୀଙ୍କ ପରିଶ୍ରମକୁ ଉଚିତ ସମ୍ମାନ ମିଳିଥିଲା। ଆସନ୍ତୁ, ମାଣ୍ଡିଆ ଦିବସରେ ସଙ୍କଳ୍ପ ନେବା ଏହାକୁ ଦୈନନ୍ଦିନର ଖାଦ୍ୟରେ ସାମିଲ କରି ଏକ ସୁସ୍ଥ ଜୀବନ ଆପଣାଇବା।



ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ଅବସରରେ ନୀଳଗିରିଠାରେ ଆୟୋଜିତ ମେଗା ରକ୍ତଦାନ ଶିବିରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

ସୁରକ୍ଷିତ ସାର୍ବଜନୀନ ପରିବହନ ବ୍ୟବସ୍ଥା ହେଉଛି ସ୍ଥାୟୀ ସମାଜ ଗଠନର ମୂଳ ଆଧାର : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ବିଶ୍ୱ ସାର୍ବଜନୀନ ପରିବହନ ଦିବସରେ ସୁରକ୍ଷିତ ସାର୍ବଜନୀନ ପରିବହନ ବ୍ୟବସ୍ଥା ହେଉଛି ସ୍ଥାୟୀ ସମାଜ ଗଠନର ମୂଳ ଆଧାର ବୋଲି ଏକ୍ସ ହ୍ୟାଣ୍ଡେଲରେ ମନ୍ତ୍ରୀ ଏକ ବାର୍ତ୍ତା ଜାରି କରି କହିଛନ୍ତି ।

ସାଲିସ ବିହୀନ ରାଜନେତା ଥିଲେ ପ୍ରଦୀପ୍ତ କିଶୋର ଦାସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ମାହାଙ୍ଗା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଓଡ଼ିଶାର ପ୍ରାକ୍ତନ ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତଃ ପ୍ରଦୀପ୍ତ କିଶୋର ଦାସଙ୍କ ୧୦୭ ତମ ଜୟନ୍ତୀ ତାଙ୍କ ଜନ୍ମ ମାଟି କୁଣ୍ଡି ପଞ୍ଚାୟତ ହାଇ ସ୍କୁଲ ପ୍ରାଙ୍ଗଣ ରେ ଶରତ କର ଓ ଅନିମା କର ଫାଉଣ୍ଡେସନ ପକ୍ଷରୁ ପାଳିତ ହୋଇଯାଇଛି । ନିର୍ଭୀକ ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ସ୍ତମ୍ଭ ଲେଖକ ଅବନୀ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଶିକ୍ଷାବିତ୍ କ୍ଷିରୋଦ ଚନ୍ଦ୍ର ପତି ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ପ୍ରଦୀପ୍ତ କିଶୋର ଦାସ ଜଣେ ସାଲିସ୍ ବିହୀନ ରାଜନେତା ଥିଲେ ବୋଲି ମତ ବ୍ୟକ୍ତ କରିଥିଲେ। ପ୍ରଥମେ ସ୍ୱର୍ଗତ ପ୍ରଦୀପ୍ତ ବାବୁଙ୍କ ପ୍ରତିମୂର୍ତ୍ତିରେ ଫାଉଣ୍ଡେସନ ପକ୍ଷରୁ ପୁଷ୍ପମାଲ୍ୟ, ଧୂପ, ଦୀପାର୍ଘ୍ୟ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜଣେ ସାଚ୍ଚୋଟ ରାଜନୀତିଜ୍ଞ ଭାବେ ସମସ୍ତ ଦଳୀୟ ସଂକୀର୍ଣ୍ଣ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସେବା ଓ ସମର୍ପଣ ଭାବ ସ୍ୱର୍ଗତ ପ୍ରଦୀପ୍ତ କିଶୋର



ଦାସଙ୍କ ଜୀବନର ଆଦର୍ଶ ଥିଲା ବୋଲି ଉତ୍ସବର ସଭାପତି ଅବନୀ ଚନ୍ଦ୍ର ଦାସ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ । ଫାଉଣ୍ଡେସନ କୃଷି ଉତ୍କର୍ଷ କେନ୍ଦ୍ରର ସଂଯୋଜକ ଶ୍ରୀ ଶୁଭେନ୍ଦୁ କୁମାର ସାମଲ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଦୀପ୍ତ ବାବୁ ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାମ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ସମିତି ସଭ୍ୟ ରୁଦ୍ର ନାରାୟଣ ସିଂହ, ପ୍ରାକ୍ତନ ଶିକ୍ଷକ ଧନେଶ୍ୱର ପ୍ରଧାନ, କବି ଡମ୍ବରୁଧର ପରିଡ଼ା, ସୁନ୍ଦର ରାମ ସାହୁ, ଜ୍ଞାନ ରଞ୍ଜନ ମହାନ୍ତି, ତ୍ରିଲୋଚନ ସ୍ୱାଇଁ, ହେମନ୍ତ କୁମାର ମହାନ୍ତି, ମଥୁରାମ ଜେନା, ବିଜୟ ରଞ୍ଜନ ପରିଡ଼ା, ଶେଖ୍ ରିଆଯୁଲ୍ ହକ୍, ସମ୍ ଶେର ଅଲ୍ଲି ଓ ଅଶୋକ ଜେନା ପ୍ରମୁଖଙ୍କ ସମେତ ଦିବଂଗତ ନେତା ପ୍ରଦୀପ୍ତ କିଶୋର ଦାସଙ୍କ ଅମ୍ଳାନ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ଘନ କୁହୁଡ଼ି ସମୟରେ ସୁରକ୍ଷିତ ଟ୍ରେନ୍ ପରିଚାଳନା ପାଇଁ

ପୂର୍ବତଟ ରେଳପଥ ପକ୍ଷରୁ ତିନି ମାସିଆ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
କୁହୁଡ଼ି ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୧୦ ନଭେମ୍ବର ୨୦୨୬ ଠାରୁ ୯ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ତିନି ମାସିଆ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ରାୟଗଡ଼ା ମଣ୍ଡଳ ଅଧୀନରେ ସମସ୍ତ ବିଭାଗର ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ କର୍ମଚାରୀଙ୍କ ସହଯୋଗରେ ଏହି ଅଭିଯାନ ପରିଚାଳନା କରାଯାଉଛି। ଏହି ଅଭିଯାନରେ ଷ୍ଟେସନଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି, ଚଳନ୍ତା ଟ୍ରେନ୍‌ଗୁଡ଼ିକର ସୁରକ୍ଷା, ସିଗନାଲର ଦୃଶ୍ୟମାନତା ଏବଂ ଆବଶ୍ୟକୀୟ ସୁରକ୍ଷା ଉପକରଣର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଷ୍ଟେସନ୍ ପରିଚାଳକମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଡେଟୋନେଟର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ କୁହୁଡ଼ି ସମୟରେ ସିଗନାଲ ସୂଚନା ପ୍ରଦାନ ପାଇଁ ନିୟୋଜିତ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଗନାଲ ଏବଂ ନିର୍ଦ୍ଧାରିତ ଦୃଶ୍ୟମାନତା ପରୀକ୍ଷଣ ଉପକରଣଗୁଡ଼ିକର ନିୟମିତ ଭାବେ ଯାଞ୍ଚ କରାଯିବ। ସିଗନାଲର ଦୃଶ୍ୟମାନତାକୁ ପ୍ରଭାବିତ କରୁଥିବା କୁହୁଡ଼ି ପରିସ୍ଥିତି ସମ୍ପର୍କରେ ତୁରନ୍ତ ସମ୍ପୃକ୍ତ କଣ୍ଟ୍ରୋଲ୍ କାର୍ଯ୍ୟାଳୟକୁ ସୂଚିତ କରାଯିବ। କମ୍ ଦୃଶ୍ୟମାନତା



ସମୟରେ ଲୋକୋ ପାଇଲଟମାନଙ୍କୁ ସିଗନାଲ ଚିହ୍ନଟ କରିବାରେ ସହାୟତା ପାଇଁ କୁ ଲବିଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଫଗ୍ ସେଫ୍ ଡିଭାଇସ୍ ଉପଲବ୍ଧ କରାଯିବ। ଦୃଶ୍ୟମାନତା ବୃଦ୍ଧି କରିବା ପାଇଁ ସିଗନାଲ, ଲେଭଲ୍ କ୍ରସିଂ ଗେଟ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ରେଟ୍ରୋ-ରିଫ୍ଲେକ୍ଟିଭ୍ ସୂଚକ, ଉଜ୍ଜ୍ୱଳ ସଙ୍କେତ ଷ୍ଟ୍ରିପ୍ ଏବଂ ଦୃଶ୍ୟମାନତା ବୋର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଲୋକୋ ପାଇଲଟ୍ ଏବଂ ସହାୟକ ଲୋକୋ ପାଇଲଟ୍‌ମାନଙ୍କୁ ସର୍ବାଧିକ ସତର୍କତା ଅବଲମ୍ବନ କରିବା ସହିତ ଦୃଶ୍ୟମାନତା ପରିସ୍ଥିତି ଅନୁଯାୟୀ ଟ୍ରେନ୍‌ର ବେଗ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି। କୁହୁଡ଼ି ସମୟରେ ଟ୍ରେନ୍‌ର ସର୍ବାଧିକ ବେଗ ଘଣ୍ଟାପ୍ରତି ୭୫ କିଲୋମିଟରରୁ ଅଧିକ ହେବ ନାହିଁ। ତେବେ ଏହା ଲୋକୋ ପାଇଲଟ୍‌ଙ୍କ ବିଚାର ଏବଂ ନିର୍ଦ୍ଧାରିତ ସିଗନାଲ ସୂଚନା ଉପରେ ନିର୍ଭର କରିବ। ଯାତ୍ରା ସମୟରେ ଫଗ୍ ସେଫ୍ ଡିଭାଇସ୍ ଉପଲବ୍ଧ ନଥିଲେ କିମ୍ବା ଏହା ଅଚଳ ହୋଇଗଲେ ଟ୍ରେନ୍‌ର ସର୍ବାଧିକ ବେଗ ଘଣ୍ଟାପ୍ରତି ୬୦ କିଲୋମିଟର କିମ୍ବା ତା'ଠାରୁ କମ୍ ରଖାଯିବ। ନିକଟବର୍ତ୍ତୀ ଗେଟମ୍ୟାନ୍ ଏବଂ ରାସ୍ତା ବ୍ୟବହାରକାରୀଙ୍କୁ ଟ୍ରେନ୍ ଆସିବା ସମ୍ପର୍କରେ ସତର୍କ କରାଇବା ପାଇଁ ଲୋକୋ ପାଇଲଟ୍‌ମାନଙ୍କୁ ବାରମ୍ବାର ହୁଇସିଲ୍ ବଜାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଟ୍ରେନ୍ ମ୍ୟାନେଜରମାନଙ୍କୁ ଦୃଶ୍ୟମାନତା ବାଧାପ୍ରାପ୍ତ ହେଉଥିବା ପରିସ୍ଥିତିରେ ଟ୍ରେନ୍‌ର ଶେଷ ଯାନରେ ଲାଗିଥିବା ଲାଲ୍ ଟେଲ୍ ଲ୍ୟାମ୍ପ ଝଲସାଇବା ଏବଂ ନିର୍ଦ୍ଧାରିତ ଗତି ପ୍ରତିବନ୍ଧକ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୁହୁଡ଼ିପୂର୍ଣ୍ଣ ପାଣିପାଗରେ ସୁରକ୍ଷା ସତର୍କତା ଏବଂ ପରିଚାଳନାଗତ ପ୍ରକ୍ରିୟା ସମ୍ପର୍କରେ କର୍ମଚାରୀମାନଙ୍କୁ ମଧ୍ୟ ନିୟମିତ ପରାମର୍ଶ ଦିଆଯିବ। ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ରେଳ ଧାରଣାରେ ଫାଟ ସୃଷ୍ଟି ହେବାର ସମ୍ଭାବନା ଥିବା ସ୍ଥାନ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଶୀତକାଳୀନ ପାଟ୍ରୋଲିଂ କରାଯିବ। ଗଛର ଡାଳ କାଟିବା, ବୁଦା ସଫା କରିବା ଏବଂ ରେଳ ଧାରଣା ସମ୍ବନ୍ଧୀୟ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯିବ। ସିଗନାଲ ଏବଂ ଟେଲିକମ୍ୟୁନିକେସନ୍ ବିଭାଗର କର୍ମଚାରୀମାନେ ସିଗନାଲ ଲାଇଟ୍‌ର ସଠିକ୍ ଦୃଶ୍ୟମାନତା ଓ କାର୍ଯ୍ୟକାରିତା, ସିଗନାଲ ଗ୍ଲାସ୍ ସଫା କରିବା ଏବଂ ଲେଭଲ୍ କ୍ରସିଂଗୁଡ଼ିକରେ ଉଜ୍ଜ୍ୱଳ ସଙ୍କେତ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବେ। ଏହା ବ୍ୟତୀତ, ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା କରିବା ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାଗୁଡ଼ିକର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କ ଦ୍ୱାରା ରାତ୍ରିକାଳୀନ ଅଚାନକ ନିରୀକ୍ଷଣ ଏବଂ ଫୁଟ୍ ପ୍ଲେଟ୍ ନିରୀକ୍ଷଣ କରାଯିବ। ଏହି ଅଭିଯାନ ସମୟରେ ରେଳ କର୍ମଚାରୀମାନଙ୍କୁ ନିୟମିତ ପରାମର୍ଶ ପ୍ରଦାନ ଏବଂ ସୁରକ୍ଷା ବ୍ୟବସ୍ଥାର ନିରନ୍ତର ତଦାରଖ କରାଯିବ। ଏହି ସ୍ୱତନ୍ତ୍ର ପଦକ୍ଷେପ ମାଧ୍ୟମରେ କୁହୁଡ଼ି ଏବଂ ପ୍ରତିକୂଳ ପାଣିପାଗ ସମୟରେ ଟ୍ରେନ୍ ପରିଚାଳନାଗତ ବିପଦକୁ କମ୍ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଯାତ୍ରୀମାନଙ୍କ ସୁରକ୍ଷା ଏବଂ ନିରାପଦ ଟ୍ରେନ୍ ପରିଚାଳନାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମଧୁବାବୁ ପେନସନ...

ପ୍ରକଳ୍ପର (୭୮ କୋଟି ଟଙ୍କାର ୨୮ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨୬୨ କୋଟି ଟଙ୍କାର ୪୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର) ଶୁଭାରମ୍ଭ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କଠାରୁ ସିଧା ସଳଖ ଭାବେ ମଧୁବାବୁ ପେନସନ ଯୋଜନାରେ ସଦର ବାଲେଶ୍ୱରରୁ ଅମୂଲ୍ୟ ଆଚାର୍ଯ୍ୟ, ଫୁଲାମଣି ମାରାଣ୍ଡି, ରେମୁଣାରୁ ଶିବା ସିଂହ, ଜୟନ୍ତୀ ସାହୁ, ନୀଳଗିରିରୁ ପ୍ରଫୁଲ୍ଲ ନାୟକ, ହୀରନ ଦାସ ଏବଂ ନୀଳଗିରି ଏନଏସିରୁ ଗାୟତ୍ରୀ ବେହେରା, ଗଜେନ୍ଦ୍ର ମହାପାତ୍ର ପ୍ରଭୃତି ପେନସନ ଗ୍ରହଣ କରିଥିଲେ । ଏହା ସହ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରସ୍ତୁତ 'ମଧୁବାବୁ ପେନସନ ଯୋଜନା' ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ଆଜି ଯେଉଁଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି, ସେଠାରେ କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ମଧ୍ୟ ରହିଛି । ଏବେ ମହିଳାମାନେ କେବଳ 'ହିତାଧିକାରୀ' ହୋଇ ରହିବେ ନାହିଁ, ସେମାନେ ଉଦ୍ୟୋଗୀ ହେବେ । ଆମର ଜନକଲ୍ୟାଣକାରୀ ସରକାର ହିତାଧିକାରୀଙ୍କୁ ନିଜର ପ୍ରାପ୍ୟ ଓ ଅଧିକାର ପ୍ରଦାନ ପାଇଁ ବିଶେଷ ଧ୍ୟାନ ଦେଉଛନ୍ତି। ପୂର୍ବ ସରକାର ସମୟରେ ଭତ୍ତା ପାଇଁ ହେଉଥିବା ଦୀର୍ଘଦିନର ଅପେକ୍ଷା ଆଉ କାହାକୁ କରିବାକୁ ପଡ଼ିବ ନାହିଁ ।

ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ପେନସନ କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ମଣିଷର ଆତ୍ମସମ୍ମାନ ଓ ସାମାଜିକ ସୁରକ୍ଷାର ପ୍ରତୀକ। ଆମ ସରକାର ବିଶେଷ କରି ବୃଦ୍ଧ, ଅସହାୟ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ କିପରି ସୁରୁଖୁରୁରେ ମାସିକ ପେନସନ ପ୍ରଦାନ କରାଯିବ ସେ ପ୍ରତି ବିଶେଷ ଭାବରେ ଧ୍ୟାନ ଦେଉଛନ୍ତି ।

ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଥିଲେ ଯେ ଆଜି ବାଲେଶ୍ୱର ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ଅବସର। ଆଜି ଏଠାରେ ମୁଖ୍ୟମନ୍ତ୍ରୀ ନିଜେ ଯୋଗ୍ୟ ହିତାଧିକାରୀମାନଙ୍କୁ ମଧୁବାବୁ ପେନସନ ବାଣ୍ଟୁଛନ୍ତି।

ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସରକାରୀ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଶଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା ବିଭାଗୀୟ କମିଶନର ତଥା ଶାସନ ସଚିବ ଡକ୍ଟର ବୃନ୍ଦା. ଡି ଏବଂ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ବହୁସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ।

ରିଲିଫ୍ ଓ ପୁନର୍ବାସ...

ଲୋକମାନଙ୍କୁ ଆବଶ୍ୟକୀୟ ଆଗୁଆ ସତର୍କ ସୂଚନା ଦିଆଯାଇନଥିବା ନେଇ ମଧ୍ୟ ଲୋକେ କହୁଛନ୍ତି। ଏଭଳି ଚରମ ଅବହେଳା ଓ ମାନବକୃତ ଦୁର୍ଦ୍ଦଶା, ସରକାରଙ୍କ ଦାୟିତ୍ୱବୋଧକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ଏହି ଗୁରୁତର ତ୍ରୁଟି ପାଇଁ ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକମାନେ ଦାବି କରୁଛନ୍ତି। ଗଞ୍ଜାମ ଗସ୍ତ ସମୟରେ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ଓ ଗୁରୁତର ସମସ୍ୟା ସମ୍ପର୍କରେ ସେ ଅନେକ ଅଭିଯୋଗପତ୍ର ଗ୍ରହଣ କରିଥିଲେ । ତୁରନ୍ତ ପଦକ୍ଷେପ ନେବା ପାଇଁ ସେ ସେହି ଅଭିଯୋଗପତ୍ରଗୁଡ଼ିକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିକଟକୁ ପଠାଇଛନ୍ତି।

ବନ୍ୟା ଗଞ୍ଜାମ ଜିଲ୍ଲାରେ ଅଭାବନୀୟ କ୍ଷୟକ୍ଷତି ଘଟାଇଛି। ଏବେ ସରକାରଙ୍କୁ ପକ୍ଷପାତିତାରୁ ଉର୍ଦ୍ଧ୍ୱରେ ରହି, ଦୁଃଖଦୁର୍ଦ୍ଦଶାରେ ଥିବା ଲୋକଙ୍କ ପ୍ରତି ସର୍ବାଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରି ଥଇଥାନ ଓ ପୁନର୍ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

କେବଳ ମୁହଁରେ ସହାନୁଭୂତି ପ୍ରକାଶ କଲେ ହେବ ନାହିଁ। ଚାଷୀ, ମହିଳା, ଯୁବବର୍ଗ, କ୍ଷୁଦ୍ର ବ୍ୟବସାୟୀ ଏବଂ ଗଞ୍ଜାମ ଜିଲ୍ଲାର ସାଧାରଣ ଲୋକଙ୍କୁ ଠିକ୍ ସମୟରେ କ୍ଷତିପୂରଣ ପ୍ରଦାନ କରିବା ସହ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ସମଗ୍ର ସରକାରୀ କଳକୁ ନେଇ ଏକ ସମନ୍ୱିତ ଓ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ଏହି ଦିଗରେ ବିଜେପି ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଅବହେଳା କରାଗଲେ, ବିଜୁ ଜନତା ଦଳ ଲୋକଙ୍କ ସ୍ୱାର୍ଥ ଓ ନ୍ୟାୟ ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁ ସ୍ତରରେ ଲଢ଼େଇ ଜାରି ରଖିବ ବୋଲି ବିରୋଧୀ ଦଳ ନେତା ତାଙ୍କ ଚିଠିରେ ଲେଖିଛନ୍ତି।

ବର୍ତ୍ତମାନ ଗଞ୍ଜାମରେ ଏବଂ ଏହା ପୂର୍ବରୁ କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ବାରମ୍ବାର ଅବ୍ୟବସ୍ଥା ଓ ଅପରିପକ୍ୱତା ଦେଖିବାକୁ ମିଳିଛି। ଏହା ଆମ ଲୋକଙ୍କୁ ଅସହ୍ୟ ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେବା ସହ ପରିବାର, ସମାଜ ଏବଂ ସମଗ୍ର ରାଜ୍ୟର ପ୍ରଗତିକୁ ମଧ୍ୟ ପଛକୁ ନେଇଯାଉଛି।

ସରକାରଙ୍କ ଅକ୍ଷମତା ଓ ଅବହେଳା ଯୋଗୁଁ କେବେବି ରାଜ୍ୟବାସୀଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବା ଉଚିତ ନୁହେଁ। ପୂର୍ବରୁ ରାଜ୍ୟ ପାଇଁ ଯେଉଁ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକ ସଫଳତାର ସହ କାର୍ଯ୍ୟ କରୁଥିଲେ, ତାହାର ଅଧ୍ୟୟନ କରି ବିଜେପି ସରକାର ସେଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ଦୂରଦୃଷ୍ଟି ଓ ଦୃଢ଼ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଆବଶ୍ୟକ।

ବିଜେପି ରାଜ୍ୟ ସରକାର ନିଜର ଦାୟିତ୍ୱ ସ୍ୱୀକାର କରିବା ସହ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଉଚିତ। ବିଜେଡି ସରକାରଙ୍କ ୨୪ ବର୍ଷର କଠିନ ପରିଶ୍ରମ ଓ ହାସଲ କରିଥିବା ପ୍ରଗତିକୁ ଡବଲ୍ ଇଞ୍ଜିନ୍ ସରକାର ମାତ୍ର ୨୪ ମାସ ମଧ୍ୟରେ ଧ୍ୱଂସ କରିନଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ଗଞ୍ଜାମର ମୃତକଙ୍କ...

ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

କମୁଛି ପାରଦ...

୧୬ ଡିଗ୍ରୀ ଓ ନବରଙ୍ଗପୁରରେ ୧୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଫୁଲବାଣୀ ଓ ଦାରିଙ୍ଗୀବାଡି ଅଞ୍ଚଳରେ ସକାଳୁ ଶୀତର ଲହରୀ ସହ ଘନ କୁହୁଡି ଓ କାକରର ଅସ୍ତରଣ ପରିଲକ୍ଷିତ ହେଉଛି। ଏହି ଅଞ୍ଚଳକୁ ରାଜ୍ୟ ଭିତରୁ ଓ ବାହାରୁ ପର୍ଯ୍ୟଟକମାନଙ୍କ ଆଗମନ ବୃଦ୍ଧି ପାଇବା ଆରମ୍ଭ କଲାଣି। ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ପାଗ ଥଣ୍ଡା ରହିବ ଓ ଶୀତଳ ବାୟୁ ପ୍ରବାହିତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏଥିଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଆହୁରି ହ୍ରାସ ପାଇପାରେ।

ସଷ୍ଟେନେବିଲିଟି ଲିଡର୍ସ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜାପାନର ଓ୍ୱାନଷ୍ଟ୍ରକ୍ସନ୍ ଇଙ୍କ୍ ମଧ୍ୟରେ ଏମଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୧୦/୧୧ ନ୍ୟୁଜ ବ୍ୟୁରୋ
ଓଡ଼ିଶା ଓ ଜାପାନ ମଧ୍ୟରେ ଷ୍ଟାର୍ଟଅପ୍, ଏମ୍ଏସ୍ଏମ୍ଇ ଓ ବ୍ୟବସାୟିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜାପାନର ଟୋଟୋରି ପ୍ରିଫେକ୍ଚରର ଏକ ପ୍ରତିନିଧି ଦଳ ମଙ୍ଗଳବାର ଭୁବନେଶ୍ୱରର ଓ-ହବ୍-ଷ୍ଟାର୍ଟଅପ୍ ଓଡ଼ିଶା ପରିଦର୍ଶନ କରିଛନ୍ତି । ଏହି ଗସ୍ତ ଅବସରରେ ଆନ୍ତର୍ଜାତିକ ବ୍ୟବସାୟିକ ସହଭାଗିତା, ଆନୁଷ୍ଠାନିକ ସହଯୋଗ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଓଡ଼ିଶାର ଷ୍ଟାର୍ଟଅପ୍ ସଂସ୍ଥା ସଷ୍ଟେନେବିଲିଟି ଲିଡର୍ସ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜାପାନର ଟୋଟୋରିସ୍ଥିତ ବ୍ୟବସାୟିକ ସଂସ୍ଥା ଓ୍ୱାନଷ୍ଟ୍ରକ୍ସନ୍‌ଇଙ୍କ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଉଦ୍ୟମିତାକୁ ପ୍ରୋତ୍ସାହନ ଏବଂ ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ବ୍ୟବସାୟିକ ସୁଯୋଗର ସମ୍ପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଷ୍ଟାର୍ଟଅପର ବିକାଶ ଦିଗରେ ଏହା ଏକ ମାଇଲଖୁଣ୍ଟ । ଓଡ଼ିଶାର ଷ୍ଟାର୍ଟଅପ୍ ଓ ଉଦ୍ୟୋଗ କ୍ଷେତ୍ରକୁ ବିଶ୍ୱସ୍ତରୀୟ ସୁଯୋଗ ସହ ଯୋଡ଼ିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ଏମ୍ଏସ୍ଏମ୍ଇ ବିଭାଗର କମିଶନର-ତଥା-ଶାସନ ସଚିବ ରଶ୍ମିତା ପଣ୍ଡା ରାଜ୍ୟର ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ । ଜାପାନର ପ୍ରତିନିଧି ଦଳରେ ଟୋଟୋରି ପ୍ରିଫେକ୍ଚରାଲ୍ ସରକାରଙ୍କ ବାଣିଜ୍ୟ, ଶିଳ୍ପ ଓ ଶ୍ରମ ବିଭାଗର ମହାନିର୍ଦ୍ଦେଶକ ତୋରୁ ସାସାକି, ସାନ୍-ଇନ୍ ଗୋଡୋ ବ୍ୟାଙ୍କର ନିର୍ଦ୍ଦେଶିକା ୟୋସିଓକା ଏବଂ ଟୋଟୋରି ପ୍ରିଫେକ୍ଚରାଲ୍ ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ୍ ଅର୍ଗାନାଇଜେସନର ସଭାପତି କାଜୁହିକୋ ଇକେଦାଙ୍କ ସମେତ ଜାପାନର ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ସାମିଲ ହୋଇଥିଲେ। ପ୍ରତିନିଧିମାନେ ଷ୍ଟାର୍ଟଅପ୍ ଶୋକେସ୍ ଷ୍ଟଲ୍ ପରିଦର୍ଶନ କରି ଓଡ଼ିଶାର ନବସୃଜନାତ୍ମକ ଉତ୍ପାଦ, ନୂତନ ଜ୍ଞାନକୌଶଳ ଓ ଉଦ୍ୟୋଗୀମାନଙ୍କ ଅଭିନବ ପ୍ରୟାସ ସମ୍ପର୍କରେ ଅବଗତ ହୋଇଥିଲେ । ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଓଡ଼ିଶାର ବିଭିନ୍ନ ଷ୍ଟାର୍ଟଅପ୍ ସଂସ୍ଥା ସେମାନଙ୍କର ଅଭିନବ ଉଦ୍ୟୋଗ, ଉତ୍ପାଦ ଓ ସମାଧାନମୂଳକ ପ୍ରଯୁକ୍ତି ଜାପାନୀ ପ୍ରତିନିଧିମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ମାଗଣା କୋଚିଂ କାର୍ଯ୍ୟକ୍ରମର ଶୁଭାରମ୍ଭ

ପାରାଦୀପ, ନ୍ୟୁଜ ବ୍ୟୁରୋ
ସାମାଜିକ ବିକାଶ କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍। ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଏହି ତିନୋଟି ଗ୍ରାମ ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତା ଓ ସୁଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନଭେମ୍ବର ୯ ତାରିଖରେ ଢିଙ୍କିଆ ସ୍ଥିତ କପ୍ତେଶ୍ୱର ବିଦ୍ୟାପୀଠଠାରେ ମାଗଣା ହାଇସ୍କୁଲ୍ କୋଚିଂ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିନବ ପଦକ୍ଷେପ



ଆଖପାଖ ଅଞ୍ଚଳର ଶିଶୁ ଓ କିଶୋର କିଶୋରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ସୁଯୋଗ ବୃଦ୍ଧି କରିବା ସହ ସମାବେଶୀ ବିକାଶ ପ୍ରତି ସଂସ୍ଥାଦ୍ୱୟର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମ ଅଧୀନରେ ତିନୋଟି ଗ୍ରାମ ପଞ୍ଚାୟତର ବିଭିନ୍ନ ସରକାରୀ ହାଇସ୍କୁଲ୍‌ରେ ଅଧ୍ୟୟନରତ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ମାଗଣାରେ ଶିକ୍ଷାଦାନ ଓ କୋଚିଂ ସୁବିଧା ପାଇପାରିବେ। ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ବିଷୟଭିତ୍ତିକ ଶିକ୍ଷାଦାନ ଓ ମାର୍ଗଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷାଗତ ଦକ୍ଷତା ବୃଦ୍ଧି, ବିଭିନ୍ନ ବିଷୟରେ ଉତ୍ତମ ବୁଝାମଣା ଏବଂ ବିଦ୍ୟାଳୟ ଓ ବୋର୍ଡ ପରୀକ୍ଷା ପାଇଁ ଉପଯୁକ୍ତ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏହାଦ୍ୱାରା ପରିବାର ଉପରେ କୌଣସି ଆର୍ଥିକ ବୋଝ ନ ପକାଇ ପିଲାମାନେ ଅତିରିକ୍ତ ଶିକ୍ଷାଗତ ସହାୟତା ପାଇପାରିବେ।

କ୍ୟୁସିଏଫଆଇ ସମ୍ମିଳନୀ ୨୦୨୬ରେ ଜିନ୍ଦଲ ଷ୍ଟେନଲେସ୍‌କୁ ୯୫ ସ୍ୱର୍ଣ୍ଣ ଏବଂ ୬ ରୌପ୍ୟ ପୁରସ୍କାର



ଯାଜପୁର, ନ୍ୟୁଜ ବ୍ୟୁରୋ
ଜିନ୍ଦଲ ଷ୍ଟେନଲେସ୍, ଭାରତର ଅଗ୍ରଣୀ ଷ୍ଟେନଲେସ୍ ଉତ୍ପାଦକ କମ୍ପାନୀ ଭୁବନେଶ୍ୱର ଓ ଦିଲ୍ଲୀରେ ଆୟୋଜିତ କ୍ୱାଲିଟି ସର୍କଲ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍ଆଇ) ସମ୍ମିଳନୀରେ ଜିନ୍ଦଲ ଷ୍ଟେନଲେସ୍ ୯୫ଟି ସ୍ୱର୍ଣ୍ଣ ଓ ୬ଟି ରୌପ୍ୟ ପୁରସ୍କାର ହାସଲ କରିଛି। ଯାଜପୁର ୟୁନିଟ୍ ଅଷ୍ଟମ ସିସିକ୍ୟୁସି ଭୁବନେଶ୍ୱର ଚାପ୍ଟର କନଭେନସନ୍ ୨୦୨୬ ରେ ୭୧ ଟି ସ୍ୱର୍ଣ୍ଣ ପୁରସ୍କାର ଜିତିବା ସହିତ ୭୧ ଟି ଦଳକୁ ସର୍ବୋଚ୍ଚ ଅଂଶଗ୍ରହଣ ପୁରସ୍କାର ମିଳିଛି। ଯାଜପୁର ମଧ୍ୟ ସମ୍ମାନଜନକ ଜ୍ଞାନଧାରା ପୁରସ୍କାର ପାଇଛି, ଗୁଣାତ୍ମକ ଧାରଣାକୁ ପ୍ରୋତ୍ସାହିତ କରିବା ଏବଂ ସଂଗଠନରେ ନିରନ୍ତର ଉନ୍ନତି ଅଭ୍ୟାସକୁ ଅନ୍ତର୍ଭୁକ୍ତ କରିବାରେ ଏହାର ଉତ୍କର୍ଷତାକୁ ସ୍ୱୀକୃତି ଦେଇଛି। ଆହୁରି ମଧ୍ୟ, ହିସାର ୟୁନିଟ୍ ୪୧ ତମ ସିସିକ୍ୟୁସି ଦିଲ୍ଲୀ ଚାପ୍ଟର କନଭେନସନ୍ ୨୦୨୬ ରେ ୨୪ଟି ସ୍ୱର୍ଣ୍ଣ ଏବଂ ୬ଟି ରୌପ୍ୟ ପୁରସ୍କାର ହାସଲ କରିଛି ଏବଂ ଉନ୍ନତି ପାଇଁ ସୁଯୋଗ ଚିହ୍ନଟ କରିବା, କାର୍ଯ୍ୟକ୍ଷମ ଆହ୍ୱାନର ମୁକାବିଲା ଏବଂ ପ୍ରକ୍ରିୟା ଦକ୍ଷତାକୁ ମଜଭୁତ କରିବାରେ ଏହାର ଉଦ୍ୟମ ପାଇଁ ସ୍ୱୀକୃତି ପାଇଛି । ଏହି ସଫଳତା ପାଇଁ ଦଳକୁ ଅଭିନନ୍ଦନ ଜଣାଇ ଶ୍ରୀ ଦୀପକ ଅଗ୍ରୱାଲ, ଯାଜପୁରର ୟୁନିଟ୍ ହେଡ୍, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, "ମୁଁ ଗର୍ବିତ ଯେ ୭୧ଟି ଦଳ ସହିତ ଜିନ୍ଦଲ ଷ୍ଟେନଲେସର ପ୍ରତିନିଧିତ୍ୱ ପ୍ରଥମ ଥର ପାଇଁ ଗୋଟିଏ କମ୍ପାନୀର ଉତ୍ସାହ ଦେଖିଛି । ଆମର ସମସ୍ତ ଦଳ ସ୍ୱର୍ଣ୍ଣ ପୁରସ୍କାର ଗ୍ରହଣ କରିବା ଆମର କର୍ମଚାରୀଙ୍କ ଦ୍ୱାରା ପାଳନ ହେଉଥିବା ଦୃଢ଼ ସଂସ୍କୃତି ଏବଂ ଗୁଣାତ୍ମକ ଧାରଣା ପ୍ରୟୋଗ ଏବଂ ଉନ୍ନତ ପ୍ରକ୍ରିୟା ଦିଗରେ କାର୍ଯ୍ୟ କରିବାରେ ସେମାନଙ୍କର ସାମୂହିକ ପ୍ରୟାସକୁ ପ୍ରତିଫଳିତ କରେ । ମୁଁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଉତ୍ସର୍ଗୀକୃତତା, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ ଆଭିମୁଖ୍ୟ ପାଇଁ ଅଭିନନ୍ଦନ ଜଣାଉଛି ।"

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECON IIIBBS2026038, ତା.03.11.2026ରିଖ
କାର୍ଯ୍ୟର ନାମ : ଟ୍ରେନଗୁଡ଼ିକୁ ଭୂପୃଷ୍ଠ ସ୍ତରରେ ପାର ହେବାକୁ ଏଡାଇବା ପାଇଁ ସିକୁ ଏବଂ ପାରାଦୀପ କୋଚିଙ୍ଗ ୟାର୍ଡ ମଧ୍ୟରେ ଫ୍ଲାଏଓଭର ନିର୍ମାଣ ସହିତ AM / NS ସାଇଡିଙ୍ଗ ନିମନ୍ତେ ଦୁଇଟି ଅତିରିକ୍ତ ଲୁପ୍ ଲାଇନ (R4 ଏବଂ R5)ର ନିର୍ମାଣ, ଯେଉଁଥିରେ ବିଦ୍ୟୁତିକରଣ କାର୍ଯ୍ୟ ଏବଂ ଉପଯୋଗିତା, ସିଗ୍ନାଲିଙ୍ଗ କେବୁଲ ଓ ଉପକରଣଗୁଡ଼ିକର ସ୍ଥାନାନ୍ତରଣ ଅନ୍ତର୍ଭୁକ୍ତ କିନ୍ତୁ ସଙ୍କେତ ଓ ଦୂରସଂଚାରର କାର୍ଯ୍ୟ ଅନ୍ତର୍ଭୁକ୍ତ ନୁହେଁ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 9794.00 ଲକ୍ଷ, **EMD :** ₹ 1,95,88,000/-, **କାର୍ଯ୍ୟ ଶେଷ ହେବା ଅବଧି :** 730 (ସାତ ଶହ ତିରିଶ) ଦିନ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.01.2027ରିଖ 1700 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-242/CJ/26-27

ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପି ରାଜନୈତିକ ଗୋଟିଚାଳନା କରୁଛି: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ରାଜ୍ୟ ସରକାର ନୂତନ ୫ ଲକ୍ଷ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରିବାର ଘୋଷଣା କରି ରାଜ୍ୟବାସୀଙ୍କୁ ଭୁଆଁ ଭୁଲାଇବାକୁ ଚେଷ୍ଟା କରୁଛନ୍ତି । ସରକାରଙ୍କ ଘୋଷଣା ଓ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ବର୍ତ୍ତମାନ ଯେତିକି ହିତାଧିକାରୀ ଅଛନ୍ତି, ସେମାନଙ୍କୁ ସରକାର ଭତା ଦେଇପାରୁ ନାହାନ୍ତି କହି କଡ଼ା ସମାଲୋଚନା କରିଛନ୍ତି ବିଜୁ ଜନତା ଦଳ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ।

ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ ହେଉ : ଚାଷୀଙ୍କ ଋଣ ଛାଡ଼ ଦାବି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଗଞ୍ଜାମ ବନ୍ୟା ପାଇଁ ବର୍ତ୍ତମାନର ବିଜେପି ସରକାର ଓ ପୂର୍ବତନ ବିଜେଡି ସରକାର ଉଭୟ ଦାୟୀ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ଡ୍ୟାମ୍‌ର ଜଳ ପରିଚାଳନାରେ ଅବହେଳା ପାଇଁ ବିଜେପି ସରକାର ଦାୟୀ ହୋଇଥିବା ବେଳେ ୨୪ ବର୍ଷ ଶାସନରେ ରହି ଗଞ୍ଜାମ ବନ୍ୟାର ସ୍ଥାୟୀ ପ୍ରତିକାର ନ କରିବାରୁ ବିଜେଡି ମଧ୍ୟ ସମାନ ଭାବେ ଦାୟୀ ବୋଲି ସେ କହିଛନ୍ତି। ଗଞ୍ଜାମ ଓ ଗଜପତିର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ ପରେ ମଙ୍ଗଳବାର କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଥିଲେ, ଆଇଏମଡିର ସତର୍କ ସୂଚନା ସତ୍ତ୍ୱେ ୨୩ରୁ ୨୮ ତାରିଖ ମଧ୍ୟରେ ଡ୍ୟାମ୍‌ଗୁଡ଼ିକର ଜଳସ୍ତର ହ୍ରାସ କରାଯାଇ ନଥିଲା। ପରେ ହଠାତ୍ ଜଳପ୍ରବାହ ୭ ହଜାର କ୍ୟୁସେକ୍ ରୁ ବୃଦ୍ଧି କରି ୧.୪୦ ଲକ୍ଷ କ୍ୟୁସେକ୍ କରାଯାଇଥିଲା। ଏହା ମନୁଷ୍ୟକୃତ ବନ୍ୟା ବୋଲି ଅଭିଯୋଗ କରି ସେ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଏଯାଏ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ୧୯୯୦, ୨୦୧୩ ଓ ୨୦୧୮ରେ ମଧ୍ୟ ଗଞ୍ଜାମ ବନ୍ୟାର ସମ୍ମୁଖୀନ ହୋଇଥିଲା। ଏହା ସତ୍ତ୍ୱେ ସ୍ଥାୟୀ ପ୍ରତିକାର ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ତେଣୁ ପ୍ରତିଥର ଉଦ୍ଧାର, ରିଲିଫ୍ ଓ ମରାମତିରେ ଅର୍ଥ ଖର୍ଚ୍ଚ କରିବା ବଦଳରେ ଏକ ବୃହତ୍ ମାଷ୍ଟରପ୍ଲାନ ପ୍ରସ୍ତୁତ କରି ବନ୍ୟାର ସ୍ଥାୟୀ ସମାଧାନ କରାଯାଉ ବୋଲି ସେ ଦାବି କରିଥିଲେ। ବନ୍ୟା ପରେ ମୁଖ୍ୟମନ୍ତ୍ରୀଙ୍କ ଜିରୋ କାଜୁଆଲିଟି ଦାବିକୁ ପ୍ରଶ୍ନ କରି ଶ୍ରୀ ଦାସ କହିଥିଲେ, ବନ୍ୟାରେ ଲୋକଙ୍କ ମୃତ୍ୟୁ ଓ ଚାଷୀଙ୍କ ଆତ୍ମହତ୍ୟାକୁ କିପରି ଅଣଦେଖା କରାଯାଇପାରିବ? ଜଳସମ୍ପଦ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହାର ନୈତିକ ଉତ୍ତରଦାୟିତ୍ୱ ନେବା ଉଚିତ ବୋଲି ସେ କହିଥିଲେ।

ଭୁବନେଶ୍ୱର, ୧୧ ନଭେମ୍ବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଜେଲ୍‌ରୁ ଆଗୁଆ ମୁକୁଳିବେ ବୟସ୍କ ଏବଂ ରୋଗାଗ୍ରସ୍ତ କଏଦୀ

ଭୁବନେଶ୍ୱର, ୧୦/୧୧ ନ୍ୟୁଜ ବ୍ୟୁରୋ
ଜେଲ୍‌ରେ ଥିବା ବୟସ୍କ ଓ ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଗୁରୁତର କଏଦୀଙ୍କ ଆଗୁଆ ମୁକ୍ତି ପ୍ରକ୍ରିୟାକୁ ସରଳ ଓ ସୁବ୍ୟବସ୍ଥିତ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟରେ ପ୍ରଚଳିତ ୨୦୨୨ ମସିହାର ଆଗୁଆ ମୁକ୍ତି ମାର୍ଗଦର୍ଶିକାର ସମୀକ୍ଷା କରାଯିବ । ଏହାର ସଂଶୋଧନ ଓ ନୂଆ ନୀତି ପ୍ରସ୍ତୁତି ପାଇଁ ଗୃହ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ କମିଟି ଗଠନ ହୋଇଛି। କମିଟିର ଅଧ୍ୟକ୍ଷ ରହିବେ ଗୃହ ବିଭାଗ ସଚିବ କିମ୍ବା ତାଙ୍କ ପ୍ରତିନିଧି, ସଦସ୍ୟ ରହିବେ ଆଇନ ବିଭାଗ ସଚିବ, ସ୍ୱାସ୍ଥ୍ୟ ବିଭାଗ ସଚିବ, ସାମାଜିକ ସଶକ୍ତିକରଣ ବିଭାଗ ସଚିବ, ସୂଚନା ଓ ପ୍ରଯୁକ୍ତି ବିଭାଗ ସଚିବ, ରାଜ୍ୟ ଲିଗାଲ ସର୍ଭିସ ଅଥରିଟିର ସଦସ୍ୟ ସଚିବ । କମିଟିର ଆବାହକ ରହିବେ ଜେଲ୍ ବିଭାଗର ଅତିରିକ୍ତ ଡିଜି ।

ମା' ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ : ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼



**ଭଦ୍ରକ ୧୦।୧୧
ନ୍ୟୁଜ ବ୍ୟୁରୋ**
ରାଜରାଜେଶ୍ୱରୀ ବେଶରେ ମା' ଭଦ୍ରକାଳୀ। ସପ୍ତମାତୃକା ବେଶର ତୃତୀୟ ଦିନରେ ମା'ଙ୍କ ଦିବ୍ୟ ରୂପ ଦର୍ଶନ କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ଏବେ ଭକ୍ତିମୟ ପରିବେଶ। ସପ୍ତମାତୃକା ବେଶର ତୃତୀୟ ଦିନରେ ମା' ଭଦ୍ରକାଳୀ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଏହି ବେଶରେ ମା' ହାତୀ ଓ ବାଘ ଉପରେ ବିରାଜମାନ କରିଛନ୍ତି। ମା'ଙ୍କ ଏହି ଅପୂର୍ବ ରୂପ ଦର୍ଶନ କରିବା ପାଇଁ ସକାଳୁ ସକାଳୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଧାର୍ମିକ ବିଶ୍ୱାସ ଅନୁସାରେ, ରାଜରାଜେଶ୍ୱରୀ ବେଶରେ ମା'ଙ୍କ ଦର୍ଶନ କଲେ ଆର୍ଥିକ ସଙ୍କଟ ଦୂର ହେବା ସହ ଜୀବନରେ ସୁଖ, ସମୃଦ୍ଧି ଓ ଶାନ୍ତି ପ୍ରାପ୍ତି ହୋଇଥାଏ। ଏହି ବିଶ୍ୱାସକୁ ନେଇ ଦୂରଦୂରାନ୍ତରୁ ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଧାଇଁ ଆସୁଛନ୍ତି। ଅନ୍ୟପଟେ ସପ୍ତମାତୃକା ବେଶ ଅବସରରେ ମା' ଭଦ୍ରକାଳୀଙ୍କ ପୀଠରେ ଆୟୋଜିତ ହୋଇଛି ବିଶ୍ୱଶାନ୍ତି ମହାଯଜ୍ଞ। ଯଜ୍ଞ ଓ ପୂଜାର୍ଚ୍ଚନାରେ ପ୍ରକମ୍ପିତ ହେଉଛି ପୀଠ। ମା'ଙ୍କ ଦିବ୍ୟ ଦର୍ଶନ ସାଙ୍ଗକୁ ମହାଯଜ୍ଞରେ ସାମିଲ ହୋଇ ଭକ୍ତମାନେ ନିଜ ପରିବାରର ସୁଖ, ଶାନ୍ତି ଓ ମଙ୍ଗଳ କାମନା କରୁଛନ୍ତି।

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଓଲଟିଲା କ୍ରେନ୍ : ୨ ଆହତ

**କଟକ, ୧୦/୧୧
ନ୍ୟୁଜ ବ୍ୟୁରୋ**
କଟକ ଜିଲ୍ଲାର ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ନୂଆ ମନ୍ଦିର ନିର୍ମାଣ ବେଳେ ଘଟିଛି ଅଘଟଣ । ମନ୍ଦିର ଉପରକୁ କ୍ରେନ୍ ସାହାଯ୍ୟରେ ବଡ଼ ବଡ଼ ପଥର ଉଠାଯାଉଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଲା କ୍ରେନ୍ । ଏହା ଫଳରେ ନିକଟରେ ଥିବା ଗୋପୀନାଥ ମନ୍ଦିରର ଜଣେ ବୟସ୍କ ପୂଜକ ଓ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଅଘଟଣ ପରେ ନେମାଳ ପୀଠ ପରିସରରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଛି । ନିର୍ମାଣ କାର୍ଯ୍ୟ ସମୟରେ ସୁରକ୍ଷା ବ୍ୟବସ୍ଥାକୁ



ନେଇ ଏବେ ପ୍ରଶ୍ନ ଉଠିଛି । ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିବା ବେଳେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ସମସ୍ତେ। ତେବେ କ୍ରେନ୍ କିପରି ଭାରସାମ୍ୟ ହରାଇ ଓଲଟିଲା ଏବଂ ଏଥିପାଇଁ କାହାର ଅବହେଳା ରହିଛି, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ । କିନ୍ତୁ ଏହି ଅଘଟଣକୁ ସହଜରେ ଗ୍ରହଣ କରିପାରି ନାହାନ୍ତି କେହି।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୦/୧୧/୨୦୨୬
୩,୯୧୯୦୪/-ଟଙ୍କା
ସୁନା:- ୦୬ ଗ୍ରାମ୍ ୪୪୦ମିଲିଗ୍ରାମ
ରୂପା:- ୩୬ ଗ୍ରାମ୍ ୭୮୦ମିଲିଗ୍ରାମ

ଗିରଫ ଆଶଙ୍କା ଯୁକ୍ତିଯୁକ୍ତ ନୁହେଁ
କୁଳଦୀପ ରଥଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ୨୫ ନଭେମ୍ବରକୁ ଘୁଞ୍ଚିଲା

କଟକ, ୧୦/୧୧ ନ୍ୟୁଜ ବ୍ୟୁରୋ
ଯୌନ ନିର୍ଯାତନା ଅଭିଯୋଗ ସଂପର୍କିତ ମାମଲାରେ ଆଗୁଆ ଜାମିନ ଆବେଦନ କରିଥିବା କୁଳଦୀପ ରଥଙ୍କ ଗିରଫ ହେବା ଆଶଙ୍କାକୁ ନେଇ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ଅଭିଯୋଗରେ ଉଲ୍ଲେଖିତ ଅପରାଧଗୁଡ଼ିକ ପାଇଁ ସର୍ବାଧିକ ଦଣ୍ଡବିଧାନ ସାତ ବର୍ଷରୁ କମ୍ ଥିବାରୁ ଅନ୍ତରୀଣ ସମୟରେ ଗିରଫ ହୋଇ ଜେଲ୍ ଯିବାର ଆଶଙ୍କା ଯୁକ୍ତିଯୁକ୍ତ ନୁହେଁ ବୋଲି ଅଦାଲତ ମତ ଦେଇଛନ୍ତି। ତେବେ ଆଗୁଆ ଜାମିନ ଆବେଦନ ଉପରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ରାୟ ପ୍ରକାଶ ପାଇନାହିଁ। ଜଷ୍ଟିସ୍ ଭି. ନରସିଂହଙ୍କ ଖଣ୍ଡପୀଠରେ ଜି.ଆର. କେସ୍ ନଂ ୭୦୭/୨୦୨୬ ଏବଂ ଚୌଦ୍ୱାର ଥାନା କେସ୍ ନଂ ୭୧୩/୨୦୨୬ ସଂପର୍କିତ ଏହି ଆବେଦନର ଶୁଣାଣି ହୋଇଥିଲା। ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୭୫(୨), ୩୫୧(୨) ଏବଂ ୩(୫) ଅନୁଯାୟୀ ଏହି ମାମଲା ରୁଜୁ ହୋଇଛି।ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲାର କେସ୍ ଡାଏରୀ ଉପସ୍ଥାପନ କରିବା ପାଇଁ ଅଧିକ ସମୟ ଲୋଡ଼ାଯାଇଥିଲା। ଏହାକୁ ଗ୍ରହଣ କରି ହାଇକୋର୍ଟ ଆସନ୍ତା ନଭେମ୍ବର ୨୫ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଚୌଦ୍ୱାର ସର୍କଲ ଜେଲର ଜଣେ ପୂର୍ବତନ ମହିଳା ଜେଲର ଅକ୍ଟୋବର ୩୧ ତାରିଖରେ ଏହି ଅଭିଯୋଗ ଆଣିଥିଲେ। ତାଙ୍କ ଅଭିଯୋଗରେ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏବଂ କୁଳଦୀପ ରଥଙ୍କ ନାମ ରହିଛି। ଅଭିଯୋଗ ଅନୁସାରେ, ୨୦୨୫ ଜୁଲାଇ ମାସରେ ଶ୍ରୀ ରଥ ତାଙ୍କୁ ଯୋଗାଯୋଗ କରିଥିଲେ ଏବଂ ପରବର୍ତ୍ତୀ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ କଟକର ଦୁଇଟି ହୋଟେଲରେ ଶ୍ରୀ ନାଥଙ୍କ ସହ ଏକାନ୍ତରେ ସାକ୍ଷାତ କରିବାକୁ କହିଥିବା ସେ ଅଭିଯୋଗ କରିଛନ୍ତି। ମାତ୍ର ସେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିବା ଦାବି କରିଛନ୍ତି। ଏଥିସହ ବିଭାଗୀୟ ସ୍ତରରେ ହଇରାଣ ହରକତ, କ୍ୟାରିୟର ନଷ୍ଟ କରିବାର ଧମକ, ପରିବାରକୁ ଧମକ ଏବଂ ଚୌଦ୍ୱାର ଜେଲ୍‌ରୁ ଦୁଇ ଜଣ ବିଚାରାଧୀନ କଏଦୀ ଫେରାର ହେବା ସଂପର୍କିତ ଅନ୍ୟ ଏକ ମାମଲାକୁ ନେଇ ଚାପ ପକାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହି ବିବାଦ ପରେ ସୁଶାନ୍ତ କୁମାର ନାଥଙ୍କୁ ଜେଲ୍ ଡିଜି ପଦରୁ ବଦଳି କରାଯାଇ ଗୃହ ବିଭାଗରେ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତ କରାଯାଇଥିଲା। ଅନ୍ୟପଟେ ଶ୍ରୀ ନାଥ ଓ ଶ୍ରୀ ରଥ ଉଭୟେ ମାମଲାର ଅପରାଧିକ କାର୍ଯ୍ୟାନୁଷ୍ଠାନ ରଦ୍ଦ କରିବା ପାଇଁ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

କିଟ୍ ଓ କିସ୍‌ରୁ ସୁଖଦ ଅନୁଭୂତି ସହ ଫେରିଲେ ଇସ୍ରାଏଲ୍ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ

**ଭୁବନେଶ୍ୱର,୧୦ ।୧୧
ନ୍ୟୁଜ ବ୍ୟୁରୋ**
'ଇଣ୍ଡିଆ ଟ୍ରେକ୍ ଫର ଗ୍ଲୋବାଲ ଲିଡର୍ସ' କାର୍ଯ୍ୟକ୍ରମରେ ଭାରତ ଆସିଥିବା ୨୦ ଜଣିଆ ଉଚ୍ଚସ୍ତରୀୟ ଇସ୍ରାଏଲୀୟ ପ୍ରତିନିଧି ଦଳ ନଭେମ୍ବର ୧ରୁ କିଟ୍ ଓ କିସ୍ ପରିଦର୍ଶନରେ ଆସି ଏଠାରେ ୧୦ଦିନ ଅତିବାହିତ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀ କିଟ୍ ଓ କିସ୍‌ରୁ ସୁଖଦ ଅନୁଭୂତି ନେଇ ମଙ୍ଗଳବାର ଫେରିଯାଇଛନ୍ତି। କିଟ୍ ଓ କିସ୍‌ରେ ରହଣି ସମୟରେ ସେମାନେ କିସ୍ ପିଲାମାନଙ୍କ ସହିତ ଭାବ ବିନିମୟ କରିବା ସହ ସେମାନଙ୍କ ସଂସ୍କୃତି, ପରମ୍ପରା ଓ ଚାଲିଚଳନ ସମ୍ପର୍କରେ ଅବଗତ ହୋଇଥିଲେ। ଏହାଛଡ଼ା ଏହି ପ୍ରତିନିଧିମଣ୍ଡଳୀ ସଦସ୍ୟମାନେ କିଟ୍‌ର ବିଭିନ୍ନ ସ୍କୁଲ୍ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଭାବ ବିନିମୟ କରି ଏଠାକାର ଶିକ୍ଷାଦାନ ପ୍ରଣାଳୀ ଓ ଗବେଷଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହି ଅବସରରେ ସେମାନଙ୍କୁ ମଙ୍ଗଳବାର



କିଟ୍ ଓ କିସ୍ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କିଟ୍ ଓ କିସ୍‌ରେ ସେମାନଙ୍କର ଅନୁଭୂତି ନେଇ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଖୁସି ବ୍ୟକ୍ତ କରି କହିଲେ, ଏହା ସେମାନଙ୍କ ପାଇଁ ଏକ ସୁଖଦ ଅନୁଭୂତି। ସେମାନେ କହିଲେ, ଆମର ଏହି ଗସ୍ତ ସବୁଠାରୁ ସ୍ମରଣୀୟ ଅନୁଭୂତି ହୋଇ ରହିବ। ତାଜମହଲ ନୁହେଁ ବରଂ ଏଠାକାର ପିଲାମାନେ ଓ ଅଧ୍ୟାପକମାନଙ୍କ ସହ ମିଶିବାର ସୁଯୋଗ ହେଉଛି ଆମ ଗସ୍ତର ସବୁଠାରୁ ବଡ଼ ଉପଲବ୍ଧି। କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ମିଶିବା, ଭାବ ବିନିମୟ କରିବା, ପରସ୍ପରଠାରୁ ଶିଖିବା ଏବଂ ନିଜ ନିଜର ଅନୁଭୂତି ବାଣ୍ଟିବାର ସୁଯୋଗ ମିଳିଥିଲା ବୋଲି ସେମାନେ କହିଥିଲେ। ଏହା ହିଁ ଆମର ଏହି ଗସ୍ତର ସବୁଠାରୁ ସ୍ମରଣୀୟ ଅନୁଭୂତି ବୋଲି ପ୍ରତିନିଧିମଣ୍ଡଳୀ ସଦସ୍ୟମାନେ ପ୍ରକାଶ କରିଥିଲେ। କିସ୍ ବିଶ୍ୱର ଏକ ଅନନ୍ୟ ମଡ଼େଲ ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କ ନିଷ୍ଠା, ପରିଶ୍ରମ ଓ ତ୍ୟାଗର ପ୍ରତିଫଳନ ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଡ. ସାମନ୍ତ ଯୋଗଦେଇ ଇସ୍ରାଏଲ୍ ପ୍ରତିନିଧିମଣ୍ଡଳୀର ଏହି ଗସ୍ତ କିଟ୍ ଓ କିସ୍‌କୁ ଶିକ୍ଷା, ଗବେଷଣା, ସାଂସ୍କୃତିକ ଭାବ ବିନିମୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଅନେକ ସମ୍ଭାବନା ଆଣିଦେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ତଥା କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ଇଣ୍ଟରନ୍ୟାସ୍‌ନାଲ ରିଲେସନସ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ପାଦକୀୟ
ପୃଷ୍ଠା-୪
ପାକିସ୍ତାନରେ ୧୦ ବର୍ଷରେ ଦ୍ୱିଗୁଣିତ ବିଦେଶୀ ଋଣ
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-12 • Issue-18 • 11-17th November 2026 • Bhubaneswar

ବାହାନଗା ଟ୍ରେନ୍ ଟ୍ରାଜେଡ଼ିକୁ ସାଢ଼େ ୩ ବର୍ଷ
ଅଦାଲତରେ ନାହାନ୍ତି ବିଚାରପତି, ଗଡୁଛି ତାରିଖ

ଭିତର ପୃଷ୍ଠାରେ...
ଆସନ୍ତାବର୍ଷ ୫ ରାଜ୍ୟରେ ବିଧାନସଭା ନିର୍ବାଚନ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ନ୍ୟାୟିକ ହେପାଜତରେ ୪୮ ଘଣ୍ଟାରୁ ଅଧିକ ରହିଲେ ସରକାରୀ କର୍ମଚାରୀ ସ୍ୱତଃ ନିଲମ୍ବିତ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୦/୧୧
ସୁପ୍ରିମକୋର୍ଟ ସରକାରୀ କର୍ମଚାରୀଙ୍କ ନିଲମ୍ବନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି, ଯଦି କୌଣସି ସରକାରୀ କର୍ମଚାରୀ ଗିରଫ ହେବା ପରେ ୪୮ ଘଣ୍ଟାରୁ ଅଧିକ ସମୟ ନ୍ୟାୟିକ ହେପାଜତରେ ରୁହନ୍ତି, ତେବେ ତାଙ୍କୁ ସ୍ୱତଃ ନିଲମ୍ବିତ ବୋଲି ଧରାଯିବ । ଏଥିପାଇଁ ସରକାରଙ୍କ ପକ୍ଷରୁ କୌଣସି ନିଲମ୍ବନ ଆଦେଶ ଜାରି କରିବାର ଆବଶ୍ୟକତା ନାହିଁ । ଜଷ୍ଟିସ୍ ଜେ.ବି.ପାରଦୀୱାଲା ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ ବିହାରର ସମସ୍ତିପୁର ସଦର ହସ୍ପିଟାଲର ପ୍ରଶାସକ ବିଶ୍ୱଜିତ ସିଂହଙ୍କ ଜାମିନ ମାମଲାର ଶୁଣାଣି ସମୟରେ ଏହି ଟିପ୍ପଣୀ ଦେଇଛନ୍ତି । ବିଶ୍ୱଜିତ ସିଂହଙ୍କ ବିରୋଧରେ ଜଣେ ଠିକା କର୍ମଚାରୀଙ୍କ ୩୬ ହଜାର ୪୨୧ ଟଙ୍କାର ବକେୟା ଦରମା ମଞ୍ଜୁର କରିବା ପାଇଁ ୪ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା । ସର୍ବୋଚ୍ଚ ଅଦାଲତ ତାଙ୍କୁ ଜାମିନ ମିଳିବାର ପ୍ରାୟ ଏକ ବର୍ଷ ପରେ ଜାମିନ ରଦ୍ଦ କରାଯିବା ସଂପର୍କିତ ପାଟନା



ହାଇକୋର୍ଟଙ୍କ ଆଦେଶକୁ ରଦ୍ଦ କରିଛନ୍ତି । ଏହି ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଧ୍ୟାନ ଦେଇଥିଲେ। ଖଣ୍ଡପୀଠ କହିଥିଲେ, ଗିରଫ ହେବା ପରେ ଅଭିଯୁକ୍ତ ପ୍ରାୟ ୧୫ ଦିନ ନ୍ୟାୟିକ ହାଜତରେ ରହିଥିଲେ । ଜଣେ ସରକାରୀ କର୍ମଚାରୀ ଗିରଫ ହୋଇ ୪୮ ଘଣ୍ଟାରୁ ଅଧିକ ସମୟ ନ୍ୟାୟିକ ହେପାଜତରେ ରହିଲେ, ନିୟମ ଅନୁଯାୟୀ ତାଙ୍କୁ ସ୍ୱତଃ ନିଲମ୍ବିତ ବୋଲି ବିବେଚନା କରାଯିବ । ଏଥିପାଇଁ କୌଣସି ଭିନ୍ନ ଆଦେଶ ଜାରି କରିବାର ଆବଶ୍ୟକତା ନାହିଁ। ସୁପ୍ରିମକୋର୍ଟ ଜାଣିବାକୁ ପାଇଥିଲେ ଯେ, ଗିରଫ ପରେ ବିଶ୍ୱଜିତ ସିଂହଙ୍କୁ ନିଲମ୍ବିତ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା । ଆଶ୍ଚର୍ଯ୍ୟର କଥା ହେଉଛି, ନିଲମ୍ବନ ଆଦେଶ ଉଠିବା ପରେ ତାଙ୍କୁ ପୁଣି ସେହି ସଦର ହସ୍ପିଟାଲରେ ଏବଂ ସମାନ ପଦବୀରେ ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ଖଣ୍ଡପୀଠ ଚିନ୍ତା ପ୍ରକାଶ କରିବା ସହ ବିହାର ସରକାରଙ୍କୁ ଏହି ମାମଲାର ଶୀଘ୍ର ସମୀକ୍ଷା କରିବାକୁ କହିଛନ୍ତି । ସୁପ୍ରିମକୋର୍ଟ ଆହୁରି କହିଥିଲେ ଯେ, ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତରୁ ଜାମିନ ମିଳିବାର ପ୍ରାୟ ଏକ ବର୍ଷ ପରେ ହାଇକୋର୍ଟ ଏହାକୁ ରଦ୍ଦ କରିଥିଲେ । ସାଧାରଣତଃ ଏଭଳି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ହୋଇପାରୁଥିବା ସର୍ବାଧିକ ଦଣ୍ଡକୁ ଦୃଷ୍ଟିରେ ରଖି ଜାମିନ ଦିଆଯିବା ଉଚିତ ବୋଲି ଖଣ୍ଡପୀଠ କହିଥିଲେ। ତେବେ ଅଭିଯୁକ୍ତଙ୍କର ପୂର୍ବରୁ ଅପରାଧିକ ରେକର୍ଡ ଥିଲେ କିମ୍ବା ମାମଲାର ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଥିଲେ ଜାମିନ ନାମଞ୍ଜୁର କରାଯାଇପାରିବ। ଶେଷରେ ସୁପ୍ରିମକୋର୍ଟ ପାଟନା ହାଇକୋର୍ଟଙ୍କ ଜାମିନ ରଦ୍ଦ ଆଦେଶକୁ ଖାରଜ କରିବା ସହ ନିମ୍ନ ଅଦାଲତ ପ୍ରଦାନ କରିଥିବା ଜାମିନକୁ ବଳବତ୍ତର ରଖିଛନ୍ତି।


ଗଳ୍ପ ପତ୍ରିକା 'କଥା କଳିକା'ର
ନଭେମ୍ବର ସଂଖ୍ୟା-୨୦୨୬
ଏବେ ବଜାରରେ ଉପଲବ୍ଧ ...

ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ଅକ୍ଷୟ କୁମାର ମିଶ୍ର
ସମକାଳର କଥା : ରବି ରାଉତ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶୈଳେନ୍ଦ୍ର କୁମାର ଜେନା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ରୀନାରାଣୀ ରାଉତ ରାୟ, ପୀତାମ୍ବର ମହାପାତ୍ର, ଅଶୋକ ବିଶ୍ୱାଳ, ଅମ୍ବିକା ସ୍ୱାଇଁ, ମନୋଜ ଜେନା, ଅରବିନ୍ଦ ଦାସ, ଭାନୁମତୀ ସାହୁ ଓ ମୃଣାଳ।
ଅନ୍ୟଭାଷାର କଥା : ଲିଙ୍ଗରାଜ ମହାନ୍ତି
କଥାକାରଙ୍କ ସହ ଭେଟ ଘାଟ: ଗାଳ୍ପିକ ଅରବିନ୍ଦ ରାୟ
ନୂଆ ଗପ ବହି ସମୀକ୍ଷା: ମହାଶ୍ୱେତା ସାହୁଙ୍କ ଈଶ୍ୱର ମରିଗଲାପରେ
ଯୁବମାନସର କଥା : ରଜତରଶ୍ମୀ ସ୍ୱାଇଁ, ଜ୍ୟୋସ୍ନା ସାମନ୍ତ ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

୧୪୬ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ : ଜଣେ ଗିରଫ

କଟକ, ୧୦/୧୧ ନ୍ୟୁଜ ବ୍ୟୁରୋ
କଟକ ଜିଲ୍ଲାରେ ନିଶା କାରବାର ବିରୋଧରେ ଅବକାରୀ ବିଭାଗର ଅଭିଯାନକୁ ଆଉ ଏକ ବଡ଼ ସଫଳତା ମିଳିଛି। ଜଗତପୁର ଥାନା ଅନ୍ତର୍ଗତ ଖଇରା କେନାଲ ରୋଡ୍‌ରେ ଚଢ଼ଉ କରି ଅବକାରୀ ଗୁଇନ୍ଦା ଓ ପ୍ରବର୍ତ୍ତନ ବ୍ୟୁରୋ ୟୁନିଟ୍-୧ର ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ୧୪୬ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଅଭିଯୋଗରେ ଜଣେ ୩୦ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ଜବତ ବ୍ରାଉନ୍ ସୁଗାରର ଆନୁମାନିକ ବଜାର ମୂଲ୍ୟ ୧୪ ଲକ୍ଷ ୬୦ ହଜାର ଟଙ୍କା ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଶାନ୍ତ କୁମାର ବେହୁରା। ତାଙ୍କ ଘର କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ କଟରପା (ଗରୁଡ଼ାପୁର) ଗ୍ରାମରେ। ସେ ନିରୋଦ କୁମାର ବେହୁରାଙ୍କ ପୁଅ ବୋଲି ଜଣାପଡ଼ିଛି। ଅବକାରୀ ଅଧୀକ୍ଷକ ସମରଜିତ୍ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏବଂ ଉପ-ଅବକାରୀ ଅଧୀକ୍ଷକ ରୋଶନ ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ଉ କରାଯାଇଥିଲା।

ଲାଞ୍ଚ ନେବା ପଡ଼ିଲା ମହଙ୍ଗା : ଚାକିରିରୁ ବିଦା ହେଲେ ଓଆର୍ଏସ୍ ଅଧିକାରୀ

**ଭୁବନେଶ୍ୱର, ୧୦/୧୧
ନ୍ୟୁଜ ବ୍ୟୁରୋ**
ଲାଞ୍ଚ ନେବା ପଡ଼ିଲା ମହଙ୍ଗା। ଚାକିରିରୁ ବିଦା ହେଲେ ଓଆର୍ଏସ୍ ଅଧିକାରୀ ମନୀଷା ମିଶ୍ର। ବାଲିଆପାଳର ପୂର୍ବତନ ସବ୍‌ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି ରାଜ୍ୟ ସରକାର। ପ୍ରୋବେସନ୍ ପିରିୟଡ୍‌ରେ ଥିବା ସମୟରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିବା



ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ସୂଚନା ଅନୁସାରେ, ମନୀଷା ମିଶ୍ର ନାମକ ଜଣେ ନବନିଯୁକ୍ତ ପ୍ରୋବେସନାରୀ ସବ୍-ରେଜିଷ୍ଟ୍ରାରଙ୍କ ନାଁ ମଧ୍ୟ ଲାଞ୍ଚ ମାମଲାରେ ସାମ୍ନାକୁ ଆସିଛି। ଜମି କିଣିଥିବା ଜଣେ ବ୍ୟକ୍ତିଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଧରିଥିବା ସୂଚନା ମିଳିଛି। ଚାକିରି ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଏଭଳି ଅଭିଯୋଗ ଉଠିବା ନିଶ୍ଚିତ ଭାବେ ଚିନ୍ତାଜନକ। ଜମି ରେଜେଷ୍ଟ୍ରି କରିବା ପାଇଁ ସବ୍‌ରେଜିଷ୍ଟର ମନିଷା ମିଶ୍ର ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡି ବସିଛି ଭିଜିଲାନ୍ସ। ଚଢ଼ଉ ସମୟରେ ବାରିପଦା ଭିଜିଲାନ୍ସ ବିଭାଗର ୮ ଜଣିଆ ଟିମ ଥିଲେ। ଟଙ୍କା ଜବତ ସହ ତାଙ୍କୁ ଗିରଫ କରାଯାଇଥିଲା। ସବୁଠୁ ବଡ଼ କଥା ହେଲା ମନିଷାଙ୍କର ମାତ୍ର ୨ ବର୍ଷର ଚାକିରି । ଏପରିକି ପ୍ରୋବେସନ ପିରିୟଡ ବି ସରିନି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳରେ ସବ୍‌ରେଜିଷ୍ଟ୍ରର ଦୀର୍ଘ ୮ ମାସ ଧରି କାର୍ଯ୍ୟ କରି ଆସୁଛନ୍ତି ମନୀଷା ମିଶ୍ର। ସେ ବିଭିନ୍ନ ସମୟରେ ବିଭନ୍ନ କାମ ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ଥିଲା। କିନ୍ତୁ ସବୁଦିନ ସମୟ ସମାନ ନୁହେଁ। ବାଲିଆପାଳ ଅଞ୍ଚଳର ଜ୍ଞାନ ରଞ୍ଜନ ପାତ୍ରଙ୍କ ଜମି ରେଜେଷ୍ଟ୍ରି କରିବା ପାଇଁ ସବରେଜିଷ୍ଟ୍ରର ମନୀଷା ମିଶ୍ର ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରବର୍ତ୍ତୀ ସମୟରେ ୭ ହଜାର ଟଙ୍କାରେ ଡିଲ୍ ଫାଇନାଲ ହୋଇଥିଲା। ଏନେଇ ଜ୍ଞାନ ବାରିପଦା ଭିଜିଲାନ୍ସ ବିଭାଗକୁ ଜଣାଇ ଥିଲେ। ପାଖାପାଖି ମଧ୍ୟାହ୍ନ ସମୟରେ ଜ୍ଞାନ ୭ହଜାର ଟଙ୍କା ନେଇ ସବରେଜିଷ୍ଟ୍ରର ମନୀଷା ମିଶ୍ରଙ୍କ ପାଖକୁ ଆସିଥିଲେ। ଟଙ୍କା ଦେଇଥିଲେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଭିଜିଲାନ୍ସ ବିଭାଗର ୮ ଜଣିଆ ଟିମ୍ ମାଡି ବସିଥିଲା। ୨୦୨୪ ମସିହାରେ ଓଆର୍ଏସ୍ ଅଧିକାରୀ ଭାବେ ଚାକିରିରେ ଯୋଗ ଦେଇଥିଲେ ମନୀଷା। ପରେ ପ୍ରୋବେସନ୍ ପିରିୟଡ୍‌ରେ ତାଙ୍କୁ ବାଲିଆପାଳ ସବ୍‌ରେଜିଷ୍ଟ୍ରାର ଭାବେ ନିଯୁକ୍ତି ମିଳିଥିଲା। ତେବେ ଚାକିରିର ଆରମ୍ଭରୁ ହିଁ ଲାଞ୍ଚ ମାମଲାରେ ଛନ୍ଦି ହୋଇପଡ଼ିଥିଲେ ସେ। ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ଏବେ ରାଜ୍ୟ ସରକାର ତାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି।

ଓୟୁଏଟିରେ ସ୍ଥାପନ ହେବ ମିଲେଟ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସ : ରାଜ୍ୟପାଳ

**ଭୁବନେଶ୍ୱର, ୧୦/୧୧
ନ୍ୟୁଜ ବ୍ୟୁରୋ**
କୃଷି ଓ କୃଷକ ସଶକ୍ତିକରଣ 'ଶ୍ରୀ ଅନ୍ନ ଏବଂ ଦେଶୀ ବିହନ ବ୍ୟବସ୍ଥାର ସୁଦୃଢ଼ୀକରଣ ସମ୍ମିଳନୀ' ଭୁବନେଶ୍ୱର ମେଫେୟାର କନଭେନସନରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହାମହିମ ରାଜ୍ୟପାଳ ବ୍ରଜମୋହନ ରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୩୬ ସୁଦ୍ଧା ସମସ୍ତଙ୍କ ଥାଳିରେ ମାଣ୍ଡିଆ ପହଞ୍ଚାଇବା ଲକ୍ଷ୍ୟ। ଓୟୁଏଟିରେ ସ୍ଥାପନ ହେବ ମିଲେଟ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସ । କୃଷି ଓ କୃଷକ ସଶକ୍ତିକରଣ 'ଶ୍ରୀ ଅନ୍ନ ଏବଂ ଦେଶୀ ବିହନ ବ୍ୟବସ୍ଥାର ସୁଦୃଢ଼ୀକରଣ ସମ୍ମିଳନୀ'ରେ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟପାଳ ବ୍ରଜମୋହନ ରାମ ମାଣ୍ଡିଆକୁ ଗୁରୁତ୍ୱ ଦେବାକୁ କହିଛନ୍ତି। ଏହାର ପ୍ରମୁଖ କାରଣ ଅର୍ଗାନିକ ଓ ନାଚୁରାଲ ଚାଷ ଉପରେ ଗୁରୁତ୍ୱ ଦେବାକୁ ପଡିବ। ଟି ଆଗ୍ରୋ କ୍ଲାଇମେଟ୍ ଜୋନ୍ ରହିଛି । କେବଳ ଧାନ ଉପରେ ଫୋକସ ନକରି ଅନ୍ୟାନ୍ୟ ଚାଷ ଉପରେ ଗୁରୁତ୍ୱ ଦେବାକୁ ପଡିବ ବୋଲି କହିଛନ୍ତି ଉପ-ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ।



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮